R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୮୭
ତିଥି : ଦଶମୀ
୧୨ ଏପ୍ରିଲ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 187
12 April 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ଇସ୍‌ଲାମାବାଦ୍‌ରେ ଇରାନ-ଆମେରିକା ଆଲୋଚନା



ନୂଆଦିଲ୍ଲୀ, ୧୧।୪ : ଇସ୍‌ଲାମାବାଦ୍‌ରେ ଇରାନ-ଆମେରିକାର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ଆରମ୍ଭ ହୋଇଛି । ପ୍ରାୟ ୫ ଘଣ୍ଟା ବିଳମ୍ବରେ ଉଭୟ ଦେଶର ପ୍ରତିନିଧିମାନେ ଗୋଟିଏ ଟେବୁଲରେ ଆଲୋଚନା କରିଛନ୍ତି । ତେବେ ଆଲୋଚନା ପାଇଁ ଯେଉଁ ପ୍ରତିବନ୍ଧକ ଥିଲା ପାକିସ୍ତାନ ଉଦ୍ୟମରେ ଏହାକୁ ସମାଧାନ କରାଯାଇଥିବା କୁହାଯାଇଛି ।

ଆଲୋଚନା ପୂର୍ବରୁ ଇରାନକୁ ଦେବାସହ ତୈଳ ପରିବହନ ପାଇଁ ବିକଳ୍ପ ରାସ୍ତା ବାଛିବାକୁ କହିଛନ୍ତି । ଇରାନକୁ ଚେତାବନୀ ଦେଇ ଟ୍ରମ୍ପ କହିଛନ୍ତି ଯେ ଯଦି କୂଟନୀତି ବିଫଳ ହୁଏ ତେବେ ଆମେରିକା ତା'ର ନିଷ୍ପତ୍ତିକୁ ପୁନର୍ବାର ଲାଗୁ କରିବ । ହରମୁଜ୍ ପ୍ରଣାଳୀ ନିକଟ ଭବିଷ୍ୟତରେ ଖୋଲିବା ସମ୍ଭବପର ହେଉନାହିଁ । ତେଣୁ ଏହାର ବିକଳ୍ପ ରାସ୍ତା ଖୋଜିବାକୁ ଆରମ୍ଭ ହୋଇଛି ।

ଇସ୍‌ଲାମାବାଦ୍‌ରେ ଆମେରିକୀୟ ପ୍ରତିନିଧିମାନଙ୍କର ନେତୃତ୍ୱ ନେଉଛନ୍ତି ଉପରାଷ୍ଟ୍ରପତି ଜେଡି ଭାନ୍ସ । ସେହିଭଳି ଇରାନ ସଂସଦର ବାଚସ୍ପତି ମହମ୍ମଦ ବଘର କ୍ୟାଲିବାଫ ନେତୃତ୍ୱ ନେଉଛନ୍ତି । ଉଭୟ ଦେଶର ପ୍ରତିନିଧିମାନେ ପୃଥକ୍ ପୃଥକ୍ ବୈଠକ କରିଛନ୍ତି । ତେବେ ଲେବାନନ ଉପରେ ଯୁଦ୍ଧ ବିରତି ପାଇଁ ଇରାନ ରଖିଥିବା ସର୍ତ୍ତ (୯ ପୃଷ୍ଠାରେ)

### ⏭ ୫ ଘଣ୍ଟା ବିଳମ୍ବରେ ଆରମ୍ଭ ହେଲା ବୈଠକ
### ⏭ ଆଲୋଚନା ବିଫଳ ହେଲେ ଟ୍ରମ୍ପଙ୍କ ଯୁଦ୍ଧ ଚେତାବନୀ

ଏକ ବିଫଳ ଦେଶ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି । ଆଲୋଚନା କରି ଶୀଘ୍ର ସମାଧାନ କରିବାକୁ ମଧ୍ୟ ସେ ପ୍ରସ୍ତାବ ରଖିଛନ୍ତି । ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ ଏକ ଭଲ ବିଶ୍ୱାସ ନେଇ ଇରାନ ସହ ଆଲୋଚନା କରୁଛୁ । ତେବେ ହରମୁଜ୍ ପ୍ରଣାଳୀକୁ ଶୀଘ୍ର ଖୋଲିବା ଉପରେ ଟ୍ରମ୍ପ ଗୁରୁତ୍ୱ

## ମହାନଦୀ ଟ୍ରିବ୍ୟୁନାଲ ବର୍ଷେ ବଢ଼ିଲା

## ଆସନ୍ତା ୨୦ରେ ପରବର୍ତ୍ତୀ ଶୁଣାଣି

### ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହେବ ଆଲୋଚନା



ଭୁବନେଶ୍ୱର, ୧୧।୪ (ସବ୍ୟୁ) : ଛତିଶଗଡ ସହ ଥିବା ଓଡ଼ିଶାର ଜଳ ବିବାଦ ନେଇ ଗଠିତ ମହାନଦୀ ଟ୍ରିବ୍ୟୁନାଲର ଅବଧି ଆଉ ବର୍ଷେ ବଢ଼ାଯାଇଛି । ୨୦୨୭ ଜାନୁଆରୀ ୧୩ ଯାଏ ମହାନଦୀ ଟ୍ରିବ୍ୟୁନାଲ କାର୍ଯ୍ୟକ୍ଷମ ରହିବ । ଆସନ୍ତା ୨୦ ତାରିଖରେ ମହାନଦୀ ଜଳ ବିବାଦ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି । ଗତମାସରେ ହୋଇଥିବା କ୍ଷେତ୍ରୀୟ ପରିଦର୍ଶନ ରିପୋର୍ଟକୁ ଶୁଣାଣିରେ ଅନ୍ତର୍ଭୁକ୍ତ କରିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି ।

ଅଗଷ୍ଟ ୨୦୨୫ରୁ ଏବେ ପର୍ଯ୍ୟନ୍ତ ବୈଷୟିକ ଟିମ୍‌ର ୧୩ ଥର ବୈଠକ ବସିଛି । ମହାନଦୀରେ ଏବେଯାଏ କେତେ ଜଳ ପ୍ରବାହିତ ହୋଇଛି ତାହାର ହାରାହାରି ବାହାର କରାଯାଇଛି । ଏହି ଡାଟାକୁ ଟ୍ରିବ୍ୟୁନାଲରେ ପ୍ରଦାନ କରାଯିବ । ତେବେ ସମସ୍ୟାର ସମାଧାନ ପାଇଁ ଦୁଇ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇଥିବା ଆଡ୍‌ଭୋକେଟ୍ ଜେନେରାଲ କହିଛନ୍ତି । ମୁଖ୍ୟମନ୍ତ୍ରୀ, ମୁଖ୍ୟ ସଚିବ ଓ ସଚିବସ୍ତରୀୟ ବୈଠକରେ ଆପୋଷ ବୁଝାମଣା ନେଇ ଆଲୋଚନା ସଫଳତାର ସହ ଆଗକୁ ବଢ଼ିଛି । ଇବ୍ ଏବଂ ତେଲ୍ ନଦୀରେ ପ୍ରକଳ୍ପ କରିବା ପାଇଁ ପ୍ରସ୍ତାବଟି ସିଡବ୍ଲ୍ୟୁସିର ବିଚାରାଧୀନ ରହିଛି । ତାକୁ କିପରି ସମାଧାନ କରାଯିବ ସିଡବ୍ଲ୍ୟୁସିକୁ ନିର୍ଦ୍ଦେଶ ଦେବାକୁ ଏଜି ଗୁରୁତ୍ୱାରୋପ କରିଛନ୍ତି । ଆଗାମୀ ଦିନରେ କେନ୍ଦ୍ର ମଧ୍ୟସ୍ଥତାରେ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହେବ ବୋଲି ସୂଚନା ମିଳିଛି । ଛତିଶଗଡ ସହ ମହାନଦୀର ଜଳ ବିବାଦକୁ ନେଇ ଦୀର୍ଘଦିନ ହେବ ଓଡ଼ିଶା ସହ ବିବାଦ ଚାଲିଛି । ଉପରମୁଣ୍ଡରେ ଛତିଶଗଡ ଡ୍ୟାମ ନିର୍ମାଣ କରିବା ଯୋଗୁ ଅଣ ମୌସୁମୀ ଋତୁରେ ଓଡ଼ିଶାକୁ ପାଣି ଆସିପାରୁନାହିଁ ।

## ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ

### ଖୁବ୍‌ଶୀଘ୍ର ମଧ୍ୟପ୍ରଦେଶ, କର୍ଣ୍ଣାଟକ ଯିବ ଟିମ୍

ଭୁବନେଶ୍ୱର, ୧୧।୪ (ସବ୍ୟୁ): ରାଜ୍ୟରେ ଗଠନ ହେବ ପାନୀୟ ଜଳ ନିଗମ । ଏନେଇ ଖୁବ୍‌ଶୀଘ୍ର ମଧ୍ୟପ୍ରଦେଶ ଓ କର୍ଣ୍ଣାଟକ ରାଜ୍ୟକୁ ଓଡ଼ିଶା ଟିମ୍ ଯିବ । ନିଗମର ରୂପରେଖ କେମିତି ହେବ, ସେ ବାବଦରେ ଅନୁଧ୍ୟାନ କରିବେ । ଆଇଟି ଓ ଡିଜିଟାଲ ପ୍ଲାଟଫର୍ମ ସହ ନିଗମ କାମ କରିବ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି ।

ମେଗା ପ୍ରକଳ୍ପର ଦାୟିତ୍ୱ ୫ ବର୍ଷ ପାଇଁ ଏକ ଏଜେନ୍ସି ନେବ । ପାଞ୍ଚ ବର୍ଷ ପରେ ଦାୟିତ୍ୱ ପଞ୍ଚାୟତସ୍ତରରେ ସରପଞ୍ଚଙ୍କୁ ହସ୍ତାନ୍ତର କରାଯିବ । ଏହା ଭିଲେଜ୍ ୱାଟର ସାନିଟେସନ୍ କମିଟିର ଭାଗିଦାରୀରେ ହେବ । ପାଣି ପହଞ୍ଚିଲା କି ନାହିଁ, କେଉଁଠି ବିଶୋଧନ ହେବ ଗାଁ କମିଟି ବ୍ଲକକୁ ଅବଗତ କରିବ ।

ସୂଚନାଯୋଗ୍ୟ, ଘରକୁ ଘର ପାଇପ ଯୋଗେ ପାନୀୟଜଳ ଯୋଗାଣରେ ବିଳମ୍ବ ହେଉଥିବାରୁ ଏହି ଯୋଜନା କିପରି ପରିଚଳନା ହେଉଛି ଟିମ ଅନ୍ୟ ରାଜ୍ୟ ଯାଇ ଅନୁଧ୍ୟାନ କରିବେ । ଫଳରେ ଓଡ଼ିଶାରେ ପ୍ରତ୍ୟେକ ଘରକୁ ପାଇପ ଯୋଗେ ପାନୀୟ ଜଳ ଯୋଗଣ ଲକ୍ଷ୍ୟକୁ ପୂରଣ କରାଯାଇପାରିବ । ୨୦୨୭ ସୁଦ୍ଧା ରାଜ୍ୟର ସମସ୍ତ ଘରକୁ ବିଶୁଦ୍ଧ ପାନୀୟ ଜଳ ପହଁଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

## ଆତଙ୍କୀ ଲିଙ୍କ ସନ୍ଦେହରେ ଗିରଫ କଲା ଦିଲ୍ଲୀ ପୋଲିସ

ଭୁବନେଶ୍ୱର, ୧୧।୪ (ସବ୍ୟୁ) : ଆତଙ୍କୀ ଲିଙ୍କ ସନ୍ଦେହରେ ଦିଲ୍ଲୀ ପୋଲିସ ଭୁବନେଶ୍ୱର ଆସି ଶୁକ୍ରବାର ରାତିରେ ଜଣେ ଯୁବକକୁ ତାଙ୍କ ୬ ନଂ ସ୍ଥିତ ଘରୁ ଉଠାଇନେଇଛି । କମିଶନରରେଟ୍ ପୋଲିସ ସହାୟତାରେ ସନ୍ଦିଗ୍ଧ ସେଖ୍ ଇମ୍ରାନଙ୍କୁ ଦିଲ୍ଲୀ ପୋଲିସ ଗିରଫ କରିବା ପରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେଇଥିବା କ୍ୟାପିଟାଲ ଥାନା ସୂତ୍ରରୁ ଜଣାପଡିଛି । ଇମ୍ରାନ ପାଖରୁ ପୋଲିସ ମୋବାଇଲ୍ ଓ ଲାପଟପ୍ ଦିଲ୍ଲୀ ପୋଲିସ ଜବତ କରିଛି ।

ସେଖ୍ ଇମ୍ରାନ ସୋସିଆଲ ମିଡିଆ ଇନଷ୍ଟାଗ୍ରାମ ମାଧ୍ୟମରେ ଜଣେ ଜଣାଶୁଣା ଆତଙ୍କୀକୁ ଫଲୋ କରୁଥିଲା । ସୋସିଆଲ ମିଡିଆ ସମସ୍ତ ପ୍ଲାଟଫର୍ମରେ ସେ ଦେଶ ବିରୋଧୀ ଉତ୍ତେଜନାମୂଳକ ମନ୍ତବ୍ୟ ଉପସ୍ଥାପନ କରୁଥିଲା । କେବଳ ସୋସିଆଲ ମିଡିଆ କଥା ନୁହେଁ, ଦିଲ୍ଲୀ ପୋଲିସ ଅଟକ ରଖିଥିବା କେତେକ ସନ୍ଦିଗ୍ଧଙ୍କ ସୂତ୍ରରୁ ସେଖ୍ ଇମ୍ରାନଙ୍କ ସମ୍ପର୍କରେ ସୂଚନା ପାଇଥିଲା । ସେହି ତଥ୍ୟ ଅନୁଯାୟୀ ଦିଲ୍ଲୀ ପୋଲିସ ସ୍ପେଶାଲ ସ୍କ୍ୱାର୍ଡର ଏକ ଟିମ୍ ଭୁବନେଶ୍ୱର ଆସି କମିଶନରେଟ୍ ପୋଲିସ ସହାୟତାରେ ୬ ନଂ ସ୍ଥିତ ଇମ୍ରାନଙ୍କ ଘରେ ପହଞ୍ଚି ତାକୁ ହେପାଜତକୁ ନେଇଛି ।

ଇମ୍ରାନଙ୍କ ବାପା ଘରେ ଥିଲେ । ବାହାରୁ କେହି ଡାକିବାରୁ ସେ କବାଟ ଖୋଲି କ'ଣ ହେଲା ବୋଲି ପଚାରିଥିଲେ । ଦିଲ୍ଲୀ (୯ ପୃଷ୍ଠାରେ)

### ବୋଦାପାଳସାବାସୀଙ୍କ ବହୁ ଦିନର ସ୍ୱପ୍ନ ପୂରଣ

## କେନ୍ଦୁଝର ସଦର ଅଞ୍ଚଳ ଲାଗି ନୂଆ ପରିଚୟ ଆଣିବ



### ଅରଡେଇ ନାଳ ଉପରେ ପୋଲ ଉଦ୍‌ଘାଟିତ
### ୫୦୦୦ ରୁ ଉର୍ଦ୍ଧ୍ୱ ଅଞ୍ଚଳବାସୀ ହେବେ ଲାଭାନ୍ୱିତ

କେନ୍ଦୁଝର/ଭୁବନେଶ୍ୱର, ୧୧।୪ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପ୍ରଚେଷ୍ଟାରେ କେନ୍ଦୁଝର ସଦର ଅନ୍ତର୍ଗତ ବୋଦାପାଳସା ଗ୍ରାମପଂଚାୟତ ପାଇଲା ନୂତନ ପରିଚୟ ।

ବହୁଦିନୁ ଏହି ଅଞ୍ଚଳ ସମେତ ଆଖପାଖ ପାଞ୍ଚଟି ପଂଚାୟତର ଲୋକଙ୍କ ଆଶା ଥିବା ଅରଡେଇ ନାଳ ଉପରେ ନିର୍ମାଣ ହୋଇଥିବା ପୋଲକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ଉଦଘାଟନ କରି ଏହାକୁ ଜନସାଧାରଣଙ୍କୁ ଉତ୍ସର୍ଗୀକୃତ କରିଛନ୍ତି ।

ସୂଚନାଯୋଗ୍ୟ ଯେ ଏହି ପୋଲ ପ୍ରାୟ ୫୦୦୦ରୁ ଉର୍ଦ୍ଧ୍ୱ ଅଂଚଳବାସୀଙ୍କ ଦୈନନ୍ଦିନ ଗମନାଗମନର (୯ ପୃଷ୍ଠାରେ)

## ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେ ଅସୁସ୍ଥ



ନୂଆଦିଲ୍ଲୀ, ୧୧।୪ : ବିଶିଷ୍ଟ କଣ୍ଠଶିଳ୍ପୀ ଆଶା ଭୋସ୍‌ଲେ ଅସୁସ୍ଥ ହୋଇଛନ୍ତି । ତାଙ୍କୁ ମୁମ୍ବାଇର ବ୍ରିଜ୍ କ୍ୟାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ଶନିବାର ହୃଦ୍‌ଘାତ ଯୋଗୁ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଏମରଜେନ୍ସି ୟୁନିଟ୍‌ରେ ଭର୍ତ୍ତି କରାଯାଇଛି । ହସ୍ପିଟାଲ ପକ୍ଷରୁ ସୂଚନା ଅନୁଯାୟୀ ୯୨ ବର୍ଷୀୟ ଆଶା ଭୋସ୍‌ଲେଙ୍କୁ ଜରୁରୀକାଳିନ ମେଡ଼ିକାଲ ସେବା ୟୁନିଟ୍‌ରେ ଭର୍ତ୍ତି କରାଯାଇଛି ।

ତାଙ୍କ ପରିବାର ପକ୍ଷରୁ ସେ ଅସୁସ୍ଥ ହୋଇ ପଡ଼ିଥିବା ନେଇ କୌଣସି ସୂଚନା ଦିଆଯାଇନାହିଁ । ତାଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ମଧ୍ୟ ସବିଶେଷ ସୂଚନା ମିଳିନାହିଁ । ଆଶା ଭୋସ୍‌ଲେ (୯ ପୃଷ୍ଠାରେ)

## ୪୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୧।୪ (ସବ୍ୟୁ): ସରକାରଙ୍କ ଶେଷ ଟାର୍ଗେଟର ୧୦ ଦିନ ପରେ ବି ଜଙ୍ଗଲରେ ରହିଯାଇଥିବା ୪୨ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ହାଇଦ୍ରାବାଦରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ସମ୍ମୁଖରେ ଏହି ମାଓବାଦୀଙ୍କ ମାନେ ୩୬ଟି ଅତ୍ୟାଧୁନିକ ବନ୍ଧୁକ ସହ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରୁ ଜଣେ କେନ୍ଦ୍ରୀୟ କମିଟି ମେମ୍ବର ରହିଥିବା ବେଳେ ଜଣେ ତେଲେଙ୍ଗାନା ଷ୍ଟେଟ୍ କମିଟି ମେମ୍ବର, ୫ ଜଣ ଡିଭିସିଏମ୍, ୧୮ ଜଣ ଏସିଏମ୍ ଏବଂ ୧୭ ଜଣ ପାର୍ଟି ମେମ୍ବର ଅଛନ୍ତି । ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ମଧ୍ୟରେ କେନ୍ଦ୍ରୀୟ କମିଟି ସଦସ୍ୟ ସୋଡି ମଲ୍ଲା ଓରଫ ନିଖିଲ, ଷ୍ଟେଟ କମିଟି ମେମ୍ବର (୯ ପୃଷ୍ଠାରେ)

## ମହାପ୍ରଭୁଙ୍କ ରତ୍ନ ଭଣ୍ଡାର ଅଳଙ୍କାର ଗଣତି ମଣତି ଶେଷ

ପୁରୀ, ୧୧।୪ (ସବ୍ୟୁ) : ଦ୍ୱିତୀୟ ପର୍ଯ୍ୟାୟର ଚାରି ଦିନ ଧରି ଚାଲିଥିବା ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି କାର୍ଯ୍ୟ ଶନିବାର ଦିନ ଶେଷ ହୋଇଛି । ସମସ୍ତ ସେବାୟତଙ୍କ ସହଯୋଗରେ ଏହା ସଂପୂର୍ଣ୍ଣ ହୋଇଛି । ୧୩ ତାରିଖରୁ ତୃତୀୟ ପର୍ଯ୍ୟାୟରେ ଭିତର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରର ଗଣତି ମଣତି ହେବ । ଭଣ୍ଡାର ମେକାପ ଦେଇଥିବା ସ୍ୱର୍ଣ୍ଣ ଅଳଙ୍କାରକୁ ମିଶାଇଲେ ଏହା ୧୯୭୮ ମସିହା ତାଲିକା ଠାରୁ ଅଧିକ ହେବ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି । ୧୩ ତାରିଖ ଦିନ ଜିଲ୍ଲା ଟ୍ରେଜରୀରୁ ଆସି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଣତି ମଣତି କରାଯିବ । ପ୍ରତ୍ୟେକ ଦିନ ଗଣତି ମଣତି ଶେଷ ହେବା ପରେ ଜଉ ମୁଦ୍ ଦିଆଯାଇ ଚାବି ପୁନଶ୍ଚ ଟ୍ରେଜରୀକୁ ନିଆଯିବ । ୧୯୭୮ ମସିହା ଗଣତି ମଣତି ତାଲିକା ଅନୁଯାୟୀ ବାହାର ରତ୍ନଭଣ୍ଡାରରେ ୮୧୭୫ ଭରିର ୭୯ ପ୍ରକାର ସୁନା ଅଳଙ୍କାର ଓ ୪୭୬୧ ଭରିର ୩୯ ପ୍ରକାର ରୂପା ଅଳଙ୍କାର ଓ ଦ୍ରବ୍ୟ ରହିଛି । ରତ୍ନ ଅଳଙ୍କାର ଗୁଡ଼ିକୁ ନିରବଚ୍ଛିନ୍ନ, ସୁନ୍ଦର ଏବଂ ନିର୍ଭୁଲ ଭାବେ (୯ ପୃଷ୍ଠାରେ)

### ସଂସଦ ପରିସରରେ ରୋଚକ ଦୃଶ୍ୟ

## ମୋଦୀ-ରାହୁଲ ଆଲୋଚନା



ନୂଆଦିଲ୍ଲୀ, ୧୧।୪ : ସଂସଦଭବନ ପରିସରରେ ମହାତ୍ମା ଜ୍ୟୋତିବା ପୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ ଅବସରରେ ଏକ ବିରଳ ଚିତ୍ର ଦେଖିବାକୁ ମିଳିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପରସ୍ପରକୁ ସ୍ୱାଗତ କରିଥିଲେ । ପ୍ରଧାନମନ୍ତ୍ରୀ ଗାଡ଼ିରୁ ଓହ୍ଲାଇ ରାହୁଲ ଗାନ୍ଧୀଙ୍କ ସହ ପ୍ରାୟ ୧.୩୪ ସେକେଣ୍ଡ ଧରି ଆଲୋଚନା କରୁଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେଉଛି ।

ଉଭୟେ ମୋଦୀ ଓ ରାହୁଲଙ୍କ ମଧ୍ୟରେ ରାଜନୈତିକ ସ୍ତରର ତିକ୍ତତା ଉଣା ଅଧିକେ ସମସ୍ତେ ଜାଣିଛନ୍ତି । ଉଭୟେ ନେତା କେବେ ସାମ୍ନାସାମ୍ନି କଥା ହେବାର

### ❐ ସୋସିଆଲ ମିଡିଆରେ ଭାଇରାଲ ହେଉଛି ଭିଡ଼ିଓ

ଭିଡ଼ିଓ ପୂର୍ବରୁ ଦେଖିବାକୁ ମିଳିନଥିଲା । ତେବେ ଆଜି ପ୍ରଧାନମନ୍ତ୍ରୀ ମୋଦୀ ପୁଲେଙ୍କ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଦେବାକୁ ଯାଇଥିଲେ । ସେଠାରେ ସେ ପ୍ରଥମେ ଦଳର ଅନ୍ୟାନ୍ୟ ସାଂସଦ ଓ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅଭିନନ୍ଦନ ଜଣାଇଥିଲେ । ତେବେ ଏହାପରେ ପ୍ରଧାନମନ୍ତ୍ରୀ ରାହୁଲଙ୍କ ପାଖକୁ ଯିବା ସମୟରେ ରାହୁଲ ତାଙ୍କୁ ନମସ୍ତେ କରିଥିଲେ । ଭିଡ଼ିଓରେ ପ୍ରଧାନମନ୍ତ୍ରୀ କିଛି କହୁଥିବାର ଦେଖିବାକୁ ମିଳିଥିଲା ଓ ରାହୁଲ ମୁଣ୍ଡ ହଲାଇବାର ଦୃଶ୍ୟ ମଧ୍ୟ ରେକର୍ଡ ହୋଇଛି । ଭିଡ଼ିଓରେ ଦେଖାଦେଇଛି ଯେ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା, ଆଇନ୍ ମନ୍ତ୍ରୀ ଅର୍ଜୁନରାମ ମେଘୱାଲଙ୍କ ସହ ରାହୁଲ ଠିଆ ହୋଇଛନ୍ତି । ପ୍ରଧାନମନ୍ତ୍ରୀ ନିଜ ଗାଡ଼ିରୁ ଓହ୍ଲାଇ ସେଠାରେ ପହଞ୍ଚିଛନ୍ତି । ସେଠାରେ ଥିବା ସମସ୍ତ ବ୍ୟକ୍ତିବିଶେଷ ତାଙ୍କୁ ସ୍ୱାଗତ କରିଛନ୍ତି । ଏହାପରେ ସେ ଫେରିଆସି ରାହୁଲଙ୍କ ସହ କିଛି ସମୟ ଆଲୋଚନା କରିଛନ୍ତି । ତେବେ ଏହି ଆଲୋଚନା ବେଶ୍ ଭଲ ଥିଲା ବୋଲି କୁହାଯାଉଛି । ଏହି ଭିଡିଓକୁ ସୋସିଆଲ ମିଡିଆରେ ବ୍ୟାପକ ଭାବେ ସେୟାର କରାଯାଉଛି । ଏହି ଆଲୋଚନାର ଅବସର ଥିଲା ଜ୍ୟୋତିବା ପୁଲେଙ୍କ ୨୦୦ତମ ଜନ୍ମବାର୍ଷିକୀ ସମୟରେ । ସଂସଦ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦେବାପାଇଁ ପ୍ରଧାନମନ୍ତ୍ରୀଙ୍କ ସମେତ କେନ୍ଦ୍ରମନ୍ତ୍ରୀ, ବାଚସ୍ପତି ଓ ବିରୋଧୀ ଦଳ ନେତା ଉପସ୍ଥିତ ଥିଲେ । ଶ୍ରଦ୍ଧାଞ୍ଜଳି ପ୍ରଦାନ ପରେ ଏହି ଦୃଶ୍ୟ ଦେଖିବାକୁ ମିଳିଥିଲା ।




## ଭର୍ଟିଗୋ ଏବଂ ସନ୍ତୁଳନ ବିକାର

**ଡକ୍ଟର ନୀଳୋତ୍ପଳ ଦତ୍ତ, ପରାମର୍ଶଦାତା**
DLO. MS ENT, DOHNS (England) MRCS (ENT-UK), MRCPS (ଗ୍ଲାସଗୋ – UK)
ନ୍ୟୁରୋଟୋଲୋଜିରେ ଫେଲୋସିପ୍ (ଭର୍ଟିଗୋ ଏବଂ ବାଲାନ୍ସ ଡିସଅର୍ଡର),
ପିଡିଆଟ୍ରିକ୍ ଭେଷ୍ଟିବୁଲାର ମେଡିସିନ୍ (ଲିଭରପୁଲ – UK) ରେ ତାଲିମପ୍ରାପ୍ତ


**୧. ଭର୍ଟିଗୋ ଏକ ରୋଗ ?**
ଭର୍ଟିଗୋ ଏକ ରୋଗ ନୁହେଁ, ଏହା ଆପଣଙ୍କ ଭିତର କାନ କିମ୍ବା ମସ୍ତିଷ୍କ ସହିତ ଜଡିତ ଏକ ସ୍ୱାସ୍ଥ୍ୟ ଅବସ୍ଥାର ଏକ ଲକ୍ଷଣ, ଯାହା ଆପଣଙ୍କ ଚାରିପାଖର ଦୁନିଆ ଘୂର୍ଣ୍ଣନ କରୁଥିବା ପରି ମୁଣ୍ଡ ଘୂର୍ଣ୍ଣନ ଅନୁଭବ ଦ୍ୱାରା ଚିହ୍ନିତ (ବସ୍ତୁଗତ ଭର୍ଟିଗୋ) କିମ୍ବା ଆପଣଙ୍କ ମୁଣ୍ଡ ଭିତରେ ଘୂର୍ଣ୍ଣନ କରୁଛି (ସବଜେକ୍ଟିଭ୍ ଭର୍ଟିଗୋ)।

**୨. ଭର୍ଟିଗୋର କାରଣ କ'ଣ ?**
ସବୁଠାରୁ ସାଧାରଣ କାରଣ ହେଉଛି ଭିତର କାନ ରୋଗ ଯେପରିକି ବେନାଇନ୍ ପାରୋକ୍ସିସମାଲ ପୋଜିସନାଲ୍ ଭର୍ଟିଗୋ (ବିପିପିଭି), ଲାବିରିନ୍ଥାଇଟିସ୍, ଭେଷ୍ଟିବୁଲାର ନ୍ୟୁରାଇଟିସ୍ କିମ୍ବା ମେନିୟର ରୋଗ, ଯାହା ଗୁରୁତର ଆଘାତ ସୃଷ୍ଟି କରିପାରେ, ପଡ଼ିଯିବାର ବିପଦ ବୃଦ୍ଧି କରିପାରେ ଏବଂ ସାଧାରଣ କାର୍ଯ୍ୟକଳାପକୁ ବାଧା ଦେଇପାରେ । ଭର୍ଟିଗୋ କେତେକ ସମୟରେ ଷ୍ଟ୍ରୋକ୍, ବ୍ରେନ୍ ଟ୍ୟୁମର କିମ୍ବା ଭେଷ୍ଟିବୁଲାର ମାଇଗ୍ରେନ୍ ପରି ସ୍ନାୟୁଗତ ବିକାରର ଏକ ଲକ୍ଷଣ ହୋଇପାରେ ।

**୩. ଏହା କ'ଣ ଗମ୍ଭୀର ହୋଇପାରେ ?**
ଯଦି ଭର୍ଟିଗୋ ସହିତ ଗୁରୁତର ମୁଣ୍ଡବିନ୍ଧା, ଅସନ୍ତୁଳନ, ପଡ଼ିଯିବା, ହାତଗୋଡ଼ ଦୁର୍ବଳ ହେବା, ଅତ୍ୟଧିକ ବାନ୍ତି ହେବା, କଥା କହିବାରେ ଅସୁବିଧା, ଦୃଷ୍ଟିଶକ୍ତିରେ ଝଟକା, ଦ୍ୱି–ଦୃଷ୍ଟି, ଏକପାଖିଆ ଟିନିଟସ୍ କିମ୍ବା ଶ୍ରବଣ ଶକ୍ତି ହ୍ରାସ ହୁଏ, ତେବେ ଏହା ମସ୍ତିଷ୍କ ଷ୍ଟ୍ରୋକ୍ କିମ୍ବା ଭେଷ୍ଟିବୁଲାର ନ୍ୟୁରୋମା ଭଳି ଏକ ଅନ୍ତର୍ନିହିତ ଗମ୍ଭୀର ସ୍ୱାସ୍ଥ୍ୟ ଅବସ୍ଥାର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ ।

**୪. ଭର୍ଟିଗୋ ପାଇଁ କୌଣସି ଚିକିତ୍ସା ଅଛି କି ?**
ଏହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଯେ ଭର୍ଟିଗୋ ପାଇଁ ତୁରନ୍ତ ଚିକିତ୍ସା ଭ୍ରମଣ ବନ୍ଦ କରିବା ପାଇଁ ଏକ ଔଷଧ ହୋଇପାରେ, ଏହା ଦୀର୍ଘକାଳୀନ ଉପଶମ ଦିଏ ନାହିଁଛ କାରଣର ଚିକିତ୍ସା ଆବଶ୍ୟକ ଭିତର କାନ ସମସ୍ୟା ସାଧାରଣତଃ ଔଷଧ, ଭେଷ୍ଟିବୁଲାର ଚିକିତ୍ସା ଏବଂ ପୁନର୍ବାସ ଏବଂ ବିରଳ କ୍ଷେତ୍ରରେ, ଅସ୍ତ୍ରୋପଚାର ଦ୍ୱାରା ଚିକିତ୍ସା କରାଯାଏ ।

**୫. ଭର୍ଟିଗୋ କିପରି ନିର୍ଣ୍ଣୟ କରାଯାଏ ?**
ଇତିହାସ ଏବଂ ଶାରୀରିକ ପରୀକ୍ଷା ବ୍ୟତୀତ, ଡାକ୍ତର ଆପଣଙ୍କ ଆଖି ଗତି, ସନ୍ତୁଳନ ଅଙ୍ଗ, ପୋଷ୍ଟରାଲ୍ ସ୍ଥିରତା, ସ୍ନାୟୁଗତ ଅଭାବ ଇତ୍ୟାଦି ପରୀକ୍ଷା କରି ଭର୍ଟିଗୋର କାରଣ ଚିହ୍ନଟ କରିବା ପାଇଁ ଭେଷ୍ଟିବୁଲାର ଲ୍ୟାବରେ କିଛି ନିର୍ଦ୍ଦିଷ୍ଟ ପରୀକ୍ଷା କରାଇବେ ।
ମେଡିକାର ନ୍ୟୁରୋଟୋଲୋଜି ବିଭାଗ ସମସ୍ତ ପ୍ରକାରର ଭର୍ଟିଗୋ ଏବଂ ସନ୍ତୁଳନ ବିକାରର ସଠିକ୍ ନିର୍ଣ୍ଣୟ ଏବଂ ଚିକିତ୍ସା ସୁନିଶ୍ଚିତ କରିବା ପାଇଁ ସର୍ବଶେଷ ପରୀକ୍ଷଣ ଏବଂ ଚିକିତ୍ସା ସୁବିଧା ସହିତ ସଜ୍ଜିତ ।




**ଭାରତରେ ଇଏନଟି ଡାକ୍ତରଙ୍କ ସର୍ବୋଚ୍ଚ ସଂସ୍ଥା ଆସୋସିଏସନ ଅଫ୍ ଓଟୋଲାରିଙ୍ଗୋଲୋଜିଷ୍ଟସ୍ ଅଫ୍ ଇଣ୍ଡିଆ (ଏଓଆଇ)ର ଜାତୀୟ ସମ୍ମିଳନୀ ଚଳିତ ବର୍ଷ କୋଲକାତାରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ଡକ୍ଟର ନୀଳୋତ୍ପଳ ଦତ୍ତଙ୍କୁ ଭାରତ-୨୦୨୬ର ପ୍ରଥମ ଯୁବ ଇଏନଟି ସର୍ଜନ ପୁରସ୍କାର ପ୍ରଦାନ କରାଯାଇଥିଲା ।**

HOD-Neurotology (Manipal Group of Hospitals, Kotkata)
Attachment :
• Manipal Hospital (EM Bypass, Kolkata)
• Verticure (Advanced Vertigo and Hearing Clinic), (Kasba, Kolkata)
Contact : +91 6291988965 | +91 8100132601

୧୨୭ ଇ ଏମ ବାଇପାସ୍, ମୁକୁନ୍ଦପୁର, କୋଲକାତା ୭୦୦୦୯୯
୦୩୩ ୬୬୫୨୦୦୦୦
drnilotpal9@gmail.com
www.drnilotpalvertigo.in

# କରନ୍ତୁନି ଅତ୍ୟଧିକ ଚିନ୍ତା

**ଆଜିକାଲିର ବ୍ୟସ୍ତବହୁଳ ଜୀବନରେ 'ଓଭର ଥିଙ୍କିଙ୍ଗ' ବା ଅତ୍ୟଧିକ ଚିନ୍ତା କରିବା ଏକ ସାଧାରଣ ସମସ୍ୟା ପାଲଟିଛି । ଯେତେବେଳେ ଜଣେ ବ୍ୟକ୍ତି କୌଣସି ଏକ ଘଟଣା ବା ବିଷୟକୁ ନେଇ ବାରମ୍ବାର ବିଶ୍ଳେଷଣ କରେ ଏବଂ ସେହି ଚକ୍ରବ୍ୟୂହରୁ ବାହାରିପାରେ ନାହିଁ, ତାହାକୁ ଅତ୍ୟଧିକ ଚିନ୍ତା କୁହାଯାଏ । ଏହା କେବଳ ମନକୁ କ୍ଳାନ୍ତ କରେ ନାହିଁ, ବରଂ ଜୀବନର ସ୍ୱାଭାବିକ ଗତିକୁ ମଧ୍ୟ ବାଧାପ୍ରାପ୍ତ କରେ । ଆଜିକାଲି ଲୋକଙ୍କର ଏହା ଦୈନନ୍ଦିନ ଜୀବନର ଏକ ଅଂଶ ପାଲଟିବାରେ ଲାଗିଛି, ଯାହା ଖୁବ କ୍ଷତିକାରକ ।**



**ପ୍ରଭାବ**

- ନିଷ୍ପତ୍ତି ନେବାରେ ଅସୁବିଧା ହୋଇଥାଏ । ଛୋଟ ଛୋଟ କଥାରେ ଅଧିକ ଭାବିବା ଦ୍ୱାରା ମଣିଷ ଠିକ୍ ସମୟରେ ନିଷ୍ପତ୍ତି ନେଇପାରେ ନାହିଁ ।
- ଏହାଦ୍ୱାରା ମାନସିକ ଚାପ ସୃଷ୍ଟି ହୋଇଥାଏ । ଏଭର ଥିଙ୍କିଙ୍ଗ ଫଳରେ ମସ୍ତିଷ୍କ ସବୁବେଳେ କ୍ଳାନ୍ତ ରହେ, ଯାହାଫଳରେ ବ୍ୟକ୍ତି ସବୁବେଳେ ଚିଡ଼ିଚିଡ଼ା ଅନୁଭବ କରେ ।
- ଅତ୍ୟଧିକ ଚିନ୍ତା ଯୋଗୁଁ କୌଣସି କାମରେ ମନ ଏକାଗ୍ର ହୋଇପାରେ ନାହିଁ, ଯାହାଫଳରେ କାମର ଗୁଣବତ୍ତା ଖରାପ ହୁଏ । କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ ।
- ନକାରାତ୍ମକତା ବଢିଥାଏ । ବ୍ୟକ୍ତି ସବୁବେଳେ ଖରାପ ପରିଣାମ ବିଷୟରେ ଭାବି ଭାବି ଭୟଭୀତ ରହେ ।

**ଲକ୍ଷଣ**

- ଅତୀତର ଘଟଣାକୁ ମନେ ପକାଇ ବାରମ୍ବାର ଦୁଃଖ କରିବା ।
- ଭବିଷ୍ୟତ ବିଷୟରେ ଅନାବଶ୍ୟକ ଭୟ ଏବଂ ଚିନ୍ତା ।
- ଶୋଇବା ସମୟରେ ମନକୁ ଅନେକ ପ୍ରକାରର ଚିନ୍ତା ଆସିବା ଏବଂ ନିଦ ନ ହେବା ।
- କୌଣସି ଛୋଟ କଥାକୁ ବହୁତ ବଡ଼ କରି ଭାବିବା ।
- କିଏ କ'ଣ କହିଲା ବା ଭାବିଲା, ସେହି ବିଷୟରେ ବାରମ୍ବାର ମନେ ପକାଇବା ।

**ଟିପ୍ସ**

- ଯେତେବେଳେ ଆପଣ ଅଧିକ ଭାବିବା ଆରମ୍ଭ କରୁଛନ୍ତି, ନିଜକୁ ଅଟକାନ୍ତୁ । ମନକୁ ବୁଝାନ୍ତୁ ଯେ ଏହି ଚିନ୍ତା ଆପଣଙ୍କୁ କୌଣସି ସମାଧାନ ଦେବ ନାହିଁ ।
- ଅତୀତ ବା ଭବିଷ୍ୟତରେ ନ ରହି ବର୍ତ୍ତମାନର ମୁହୂର୍ତ୍ତକୁ ଉପଭୋଗ କରନ୍ତୁ । ଯୋଗ ଏବଂ ଧ୍ୟାନ ଏଥିପାଇଁ ବହୁତ ସହାୟକ ହୋଇଥାଏ ।
- ଯେତେବେଳେ ମନ ଖାଲି ରହେ, ସେତେବେଳେ ଅଧିକ ଚିନ୍ତା ଆସେ । ତେଣୁ ନିଜ ପସନ୍ଦର କାମ ଯଥା ବହି ପଢ଼ିବା, ଗୀତ ଶୁଣିବା ବା ବାହାରକୁ ବୁଲିବାକୁ ଯାଆନ୍ତୁ ।
- କୌଣସି ସମସ୍ୟା ଉପରେ ବିଚାର କରିବା ପାଇଁ ଏକ ନିର୍ଦ୍ଦିଷ୍ଟ ସମୟ ରଖନ୍ତୁ । ଦିନସାରା ସେହି କଥା ଭାବନ୍ତୁ ନାହିଁ ।
- ମଣିଷ ମାତ୍ରେ ଭୁଲ । ଅତୀତର ଭୁଲକୁ ମନେ ପକାଇ ଦୁଃଖ ନ କରି ସେଥିରୁ ଶିକ୍ଷା ଲାଭ କରନ୍ତୁ ଏବଂ ଆଗକୁ ବଢ଼ନ୍ତୁ ।
- ଯଦି ଅଧିକ ସମସ୍ୟା ରହୁଛି ତେବେ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ ।

# ଗାଳି ମୁକ୍ତ ଗାଁ

ସାଧାରଣତଃ ଗାଁମାନଙ୍କରେ ଝଗଡା ହେବା ସମୟରେ ଲୋକମାନେ ଗାଳିଦେବା ଆରମ୍ଭ କରିଥାଆନ୍ତି । ତେବେ ମଧ୍ୟପ୍ରଦେଶର ବୁରହାନପୁର ଜିଲ୍ଲାରେ ଅବସ୍ଥିତ ବୋରସର ଗାଁ କିନ୍ତୁ ଅନ୍ୟ ଗାଁଠାରୁ ଅଲଗା । ଏହି ଗାଁ ଏବେ 'ଗାଳି ମୁକ୍ତ ଗାଁ' ଭାବେ ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି । ଯେଉଁଠାରେ ଅଶ୍ଳୀଳ ଭାଷା ବ୍ୟବହାର କଲେ କଠୋର ଦଣ୍ଡର ବ୍ୟବସ୍ଥା କରାଯାଇଛି । ପ୍ରାୟ ୬ ହଜାର ଜନସଂଖ୍ୟା ବିଶିଷ୍ଟ ଏହି ଗାଁରେ ଯଦି କେହି ଗାଳିଗୁଲଜ କରନ୍ତି, ତେବେ ତାଙ୍କୁ ୫୦୦ ଟଙ୍କା ଜୋରିମାନା ଦେବାକୁ ପଡ଼ିବା ସହ ଗାଁରେ ଏକ ଘଣ୍ଟା ପର୍ଯ୍ୟନ୍ତ ଝାଡୁ ମାରି ସଫା କରିବାକୁ ପଡ଼ିଥାଏ । ଗ୍ରାମ ପଞ୍ଚାୟତର ସରପଞ୍ଚ ଅନ୍ତରସିଂହ, ଉପସରପଞ୍ଚ ବିନୋଦ ଶିନ୍ଦେ ଏବଂ ଅଭିନେତା ଅଶ୍ୱିନ ପାଟିଲଙ୍କ ମିଳିତ ପ୍ରୟାସରେ ଗାଁକୁ ସାମାଜିକ କୁସଂସ୍କାରରୁ ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ ହୋଇଛି । ଏହି ନିୟମକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଗାଁର ବିଭିନ୍ନ ସ୍ଥାନରେ ନୋଟିସ ବୋର୍ଡ ଲଗାଯାଇଥିବା ବେଳେ ଗ୍ରାମବାସୀଙ୍କ ସୁବିଧା ପାଇଁ ୪ଟି ସ୍ଥାନରେ ଫ୍ରି ୱାଇ-ଫାଇ ଏବଂ ଏକ ଲାଇବ୍ରେରୀ ମଧ୍ୟ ପ୍ରତିଷ୍ଠା କରାଯାଇଛି । ଗାଁର ପରିବେଶକୁ ସୁଧାରିବା ସହ ଶୃଙ୍ଖଳିତ ଜୀବନଶୈଳୀ ଆପଣାଇବା ପାଇଁ ଗ୍ରାମବାସୀଙ୍କର ଏହି ନିଆରା ପଦକ୍ଷେପ ଏବେ ଚର୍ଚ୍ଚାର ବିଷୟ ପାଲଟିଛି ।




## ଇତିହାସ

୧୭୯୬- ପ୍ରଥମ ଗଠବନ୍ଧନ ମୋଣ୍ଟେନେଟ୍ ଯୁଦ୍ଧ ହୋଇଥିଲା ଯେଉଁଥିରେ ନେପୋଲିଅନ ବୋନାପାର୍ଟ ସେନାକମାଣ୍ଡର ଭାବେ ପ୍ରଥମ ବାଜିମାତ କରିଥିଲେ ।
୧୮୬୧- ଆମେରିକାରେ ଗୃହଯୁଦ୍ଧର ଆରମ୍ଭ ।
୧୯୩୦- ଜର୍ମାନୀ ଓ ଅଷ୍ଟ୍ରିଆ ଏକ ବ୍ୟବସାୟିକ ବୁଝାମଣା ପତ୍ରରେ ହସ୍ତାକ୍ଷର କରିଥିଲେ ।
୧୯୪୫- ଆମେରିକା ରାଷ୍ଟ୍ରପତି ରୁଜଭେଲ୍ଟଙ୍କର ଦେହାନ୍ତ ।
୧୯୬୧- ସୋଭିଏତ୍ ସଂଘ ପକ୍ଷରୁ ପ୍ରଥମ ମନୁଷ୍ୟ ୟୁରି ଗାଗାରିନ୍‌ଙ୍କର ଅନ୍ତରୀକ୍ଷ ଯାତ୍ରା ।
୧୯୬୭- ଲସ୍ ଏଞ୍ଜେଲସ୍‌ରେ ଅମାରନ୍‌ସନ୍ ରଙ୍ଗମଞ୍ଚ ଖୋଲାଯାଇଥିଲା ।
୧୯୯୧- ଖାଡ଼ି ଯୁଦ୍ଧର ସମାପ୍ତି ।

# ଖରାଦିନ ପାନୀୟ



ଖରାଦିନେ କେବଳ ଯେ ଖାଦ୍ୟ ଉପରେ ଧ୍ୟାନ ଦେବାକୁ ହୋଇଥାଏ ସେକଥା ନୁହେଁ । ଏହି ଦିନେ ପାନୀୟ ଉପରେ ମଧ୍ୟ ସେତିକି ଧ୍ୟାନ ଦେବାକୁ ପଡିଥାଏ । ଖରାଦିନେ ଆମକୁ ପାଣି ପିଇବା ଛଡା ଆହୁରି ଅନେକ ଏଭଳି ଆହୁରି ଅନେକ ପାନୀୟ ଯେପରି ଫଳ ରସ, ପଇଡ, ଆଖୁ ରସ, ଲେମ୍ବୁ ପାଣି, ଓଆରଏସ୍ ପାଣି ଆଦି ସାମିଲ କରିପାରିବେ` ତେବେ ଖରାଦିନେ ଏହି ପାନୀୟ ଆମକୁ ସୁସ୍ଥ ରଖିବା ସହ ଓଜନ ନିୟନ୍ତ୍ରଣରେ ମଧ୍ୟ ସହାୟକ ହୋଇଥାଏ । ଆସନ୍ତୁ ଜାଣିବା ଏହି ସବୁ ପାନୀୟରେ କଣ ସ୍ୱାସ୍ଥ୍ୟକର ତତ୍ତ୍ୱ ରହିଥାଏ, ଯାହା ଆମ ପାଇଁ ବେଶ ଉପଯୋଗୀ ହୋଇଥାଏ ।

- ଯେତେବେଳେ ଆମେ ଆମର କ୍ୟାଲୋରୀ ଖାଇବା କମାଇଥାଉ ଆମେ ସୁସ୍ଥ ରହିବା ସହିତ ଆମର ଓଜନ ମଧ୍ୟ ନିୟନ୍ତ୍ରଣରେ ରହିଥାଏ । ପଇଡ ପାଣିରେ ସବୁଠାରୁ କମ କ୍ୟାଲୋରୀ ଓ ଫ୍ୟାଟ ରହିଥାଏ । ତେଣୁ ବଜାରରେ ମିଳୁଥିବା ସଫ୍ଟ ଡ୍ରିଙ୍କ୍ ବଦଳରେ ପଇଡ ପାଣି ପିଅନ୍ତୁ । ଏହା ଆପଣଙ୍କୁ ସୁସ୍ଥ ରଖିବା ସହିତ ଆପଣଙ୍କ ଓଜନ ମଧ୍ୟ ନିୟନ୍ତ୍ରଣରେ ରଖିବ ।
- ଏହି ସମସ୍ତ ଡ୍ରିଙ୍କରେ ପୋଷକ ତତ୍ତ୍ୱରେ ଭରପୂର ହୋଇଥାଏ । ଏହି ଡ୍ରିଙ୍କରେ ଥିବା ବିଭିନ୍ନ ଏଞ୍ଜାଇମ୍, ଇଲେକଟ୍ରୋଲାଇଟିସ୍, ମିନେରାଲ୍ସ ଆଦି ଭରପୂର ମାତ୍ରାରେ ରହିଥାଏ । ଏହି ସମସ୍ତ ତତ୍ତ୍ୱ ଆମର ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ ।
- ଖରାଦିନେ ମିଳୁଥିବା ଏହି ଡ୍ରିଙ୍କ ଗୁଡିକ ଆମର ପାଚନ ତନ୍ତ୍ରକୁ ମଧ୍ୟ ସୁସ୍ଥ ରଖିଥାଏ । ଯାହାଦ୍ୱାରା ଆମର ମେଟାବଲିଜିମ୍ ବଢିଥାଏ । ତେଣୁ ଖରାଦିନେ ଯେତେ ପାରୁଛନ୍ତି ସେତେ ପାନୀୟ ଗ୍ରହଣ କରନ୍ତୁ ।
- ସେହିଭଳି ଏହି ପାନୀୟ ଆମକୁ ଦିନ ସାରା ହାଇଡ୍ରେଟ ରଖିବା ସହିତ ଆମ ପେଟକୁ ମଧ୍ୟ ପୂର୍ଣ୍ଣ ରଖିଥାଏ । ଯାହାଫଳରେ ଆମକୁ କମ ଭୋକ ଲାଗିଥାଏ । ତେଣୁ ଆମ ଓଜନ ଅଯଥା ବଢିବାର ଭୟ ନଥାଏ ।

## ସୋସିଆଲ କୋଟ୍ସ



ମାତ୍ର ୨୧ ବର୍ଷରେ "ଅର୍ଜୁନ ରେଡ୍ଡି' ଭଳି ପ୍ରୋଜେକ୍ଟ ମିଳିବା ବଡ କଥା । ମୁଁ କିଛି ନଭାବି ସିଧା ଫିଲ୍ମଟି ସାଇନ୍ କରିଥିଲି ।
**ଶାଲିନି ପାଣ୍ଡେ, ଅଭିନେତ୍ରୀ**



ସିରିଏଲ୍ କ୍ୟୁ କିଁ ସାସ ଭି କଭି ବୋହୁ ଥି ସିରିଏଲ୍ ମୋର ଲାଇଫ୍ ବଦଳାଇଦେଇଥିଲା । ରାତାରାତି ଷ୍ଟାର ହୋଇଯାଇଥିଲି । ହେଲେ ଅନେକ ସମୟରେ ଅନଲକି ମଧ୍ୟ ସାବ୍ୟସ୍ତ ହୋଇଛି ।
**ଅମର ଉପାଧ୍ୟ, ଅଭିନେତା**



ଶାହରୁଖଙ୍କ ସହିତ କାମ କରିବାକୁ ବହୁତ ଇଚ୍ଛା ଅଛି । ମୁଁ ତାଙ୍କର ବଡ ଫ୍ୟାନ୍ । ବଡ ଷ୍ଟାରଙ୍କ ସହିତ ନର୍ମାଲ ଫିଲ୍ମ ତିଆରି କରିବାର କୌଣସି ଅର୍ଥ ନାହିଁ ।
**ସନ୍ଦୀପ ରେଡ୍ଡି,ମେକର୍ସ**



# ଦିଆଯିବନି ଘରକୁ ପାଠ

ଚୀନ୍ ସରକାର ସ୍କୁଲ ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ଏବଂ ମାନସିକ ଚାପ ହ୍ରାସ କରିବା ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅଧିନରେ ଅତ୍ୟଧିକ ହୋମୱାର୍କ ଏବଂ ବାରମ୍ବାର ପରୀକ୍ଷା କରିବା ଉପରେ ରୋକ୍ ଲଗାଯାଇଛି । ପିଲାମାନଙ୍କ ମଧ୍ୟରେ ବଢୁଥିବା ଅନିଦ୍ରା, ଅବସାଦ ଏବଂ ଚିନ୍ତା ଭଳି ସମସ୍ୟାକୁ ଦୃଷ୍ଟିରେ ରଖି ସରକାର ଏହି ପଦକ୍ଷେପ ନେଇଛନ୍ତି । ଯାହାଦ୍ୱାରା ଶିକ୍ଷାର ବୋଝ କମିବା ସହ ସେମାନେ ଖୋଲାଖୋଲି ଭାବେ ଖେଳକୁଦ କରିପାରିବେ । ଏହି ନୂତନ ଯୋଜନା ଅନୁଯାୟୀ, ପାରମ୍ପରିକ ଛୁଟି ବ୍ୟତୀତ ପିଲାମାନଙ୍କୁ ଅନ୍ୟ ସ୍ୱତନ୍ତ୍ର ଛୁଟି ମଧ୍ୟ ମିଳିବ । ପୂର୍ବରୁ ମଧ୍ୟ ଚୀନ୍ ସରକାର ହୋମୱାର୍କ କମାଇବା ଏବଂ ପିଲାମାନଙ୍କୁ ଦୈନିକ ଅତିକମରେ ୨ ଘଣ୍ଟା ଖେଳିବାକୁ ସମୟ ଦେବା ପାଇଁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଏହି ପଦକ୍ଷେପ ଶିକ୍ଷା କ୍ଷେତ୍ରରେ ଏକ ବଡ଼ ପରିବର୍ତ୍ତନ ଆଣିବା ସହ ପିଲାମାନଙ୍କୁ କେବଳ ପାଠପଢ଼ା ଚାପରୁ ମୁକ୍ତ କରିବା ନୁହେଁ, ବରଂ ସେମାନଙ୍କର ସର୍ବାଙ୍ଗୀନ ବିକାଶରେ ସହାୟକ ହେବ ।



# ଅନିଲଙ୍କ ଆହ୍ୱାନ

ଅନେକ ସମୟରେ ସେଲିବ୍ରିଟିମାନେ ନିଜ ଶୋକୁ ମାଇଲେଜ ଦେବାପାଇଁ ବିଭିନ୍ନ ପ୍ରକାର ପବ୍ଲିସିଟି ଷ୍ଟଣ୍ଟ ଆପଣାନ୍ତି । ସେହିଭଳି ଏକ ଷ୍ଟଣ୍ଟ କରି ବର୍ତ୍ତମାନ ଚର୍ଚ୍ଚାରେ ଅଛନ୍ତି ଅଭିନେତା ଅନିଲ କପୁର । ସୂଚନା ଅନୁସାରେ ଅନିଲ କପୁରଙ୍କ ହାଇ-ଭୋଲଟେଜ୍ ଆକ୍ସନ ଥ୍ରୀଲର ସୋ '୨୪' ପୁଣି ଥରେ ଓଟିଟି ପ୍ଲାଟଫର୍ମ 'ଜିଓ ହଟଷ୍ଟାର' ଜରିଆରେ ଦର୍ଶକଙ୍କ ପାଖକୁ ଫେରୁଛି । ତେବେ ଏହାକୁ ନେଇ ବର୍ତ୍ତମାନ ସସପେନ୍ସ ବଢିବାରେ ଲାଗିଛି । ନିକଟରେ ଅନିଲ କପୁର ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଜିଓ ହଟଷ୍ଟାରକୁ ଟ୍ୟାଗ୍ କରି ଏକ ପୋଷ୍ଟ ସେୟାର କରିଛନ୍ତି । ସେ ଏଥିରେ ଜିଓ ହଟଷ୍ଟାରକୁ ସେମାନଙ୍କ ପାଖରେ ୨୪ ଘଣ୍ଟା ସମୟ ଅଛି, ନଚେତ୍ ସେ ମାମଲା ନିଜ ହାତକୁ ନେବେ ବୋଲି ଏକ ରହସ୍ୟମୟ ଚେତାବନୀ ଦେଇଛନ୍ତି । ତେବେ ଏହାକୁ ଶୋ'ର ପ୍ରମୋସନର ଏକ ଅଂଶ ବୋଲି କୁହାଯାଉଛି । ଏହା ଅନିଲଙ୍କ ପ୍ରମୋସନାଲ ଷ୍ଟଣ୍ଟ ବୋଲି ଆଲୋଚନା ହେଉଛି । ସୂଚନା ଅନୁସାରେ ଆସନ୍ତା ଏପ୍ରିଲ ୨୪ ତାରିଖରୁ ଏହି ସୋ'ର ଷ୍ଟ୍ରିମିଂ ଆରମ୍ଭ ହେବାକୁ ଯାଉଛି । ଏହା ହଲିଉଡର ଏକ ସିରିଜର ରିମେକ ଏବଂ ଏହାର ପୂର୍ବଭାଗକୁ ଦର୍ଶକ ଖୁବ ଭଲପାଇବା ଦେଇଛନ୍ତି ।



**ମେଷ:** ବ୍ୟବସାୟିକ ଲାଭ, ଦୂରଯାତ୍ରା, ତୀର୍ଥାଟନ, ଆଶା ସଫଳ, ଶତ୍ରୁ ପରାଜିତ, ଶରୀର ସୁସ୍ଥ, ନୂତନ ଆୟ, ବନ୍ଧୁଲାଭ, ଭରଣୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୭, ଆରାଧନା-ମା' ଭଗବତୀ ।

**ବୃଷ:** ଶତ୍ରୁରେ ବିଜୟ, ବନ୍ଧୁଦର୍ଶନ, ନୂତନ କାର୍ଯ୍ୟ ଆରମ୍ଭ, ବ୍ୟବସାୟରେ ସ୍ୱଳ୍ପ ଲାଭ, ସୁସମାଚାର, ସୁମିଷ୍ଟ ଭୋଜନ, ଦୂରଯାତ୍ରାରେ ସମସ୍ୟା, ରୋହିଣୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ଭଗବାନ ଶଙ୍କର ।

**ମିଥୁନ:** ସନ୍ତାନକଷ୍ଟ, ଆଶାରେ ବିଫଳ, ବ୍ୟବସାୟିକ କଷ୍ଟ, ନୂତନ ବନ୍ଧୁଲାଭ, ଲୋକସମ୍ପର୍କ ବୃଦ୍ଧି, ଅର୍ଥ ସମସ୍ୟା, ଶରୀର ସୁସ୍ଥ, ଦ୍ରବ୍ୟଲାଭ, ମିଷ୍ଟାନ୍ନ ପ୍ରାପ୍ତି, ମାନସିକ ଅବସାଦ, ଦାମ୍ପତ୍ୟ ଖୁସି, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୫, ଆରାଧନା-ଗ୍ରାମଦେବତୀ ।

**କର୍କଟ:** ଅପମାନଯୋଗ, ବନ୍ଧୁସମସ୍ୟା, ବ୍ୟବସାୟରେ ସ୍ୱଳ୍ପ ଲାଭ, ଦେବଦର୍ଶନ, ପୁରାତନବନ୍ଧୁଲାଭ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ସନ୍ତୁଷ୍ଟ, ଦୂରସ୍ଥାନେ ସତର୍କ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୪, ଆରାଧନା-ଲକ୍ଷ୍ମୀନୃସିହ ।

**ସିଂହ:** ବିଶିଷ୍ଟ କାର୍ଯ୍ୟରେ ଲାଭ, ଅତିଥି ସତ୍କାର, ସମ୍ପତ୍ତିଲାଭ, ବିବାଦ ସମାଧାନ, ଅର୍ଥଲାଭ, ଶତ୍ରୁ ପରାଜିତ, ମାନସିକ ଶାନ୍ତି, ହଠାତ୍ ଦୂରଯାତ୍ରା, ପୂର୍ବାପାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ସିଲଭର, ସଂଖ୍ୟା-୮, ଆରାଧନା- ପ୍ରଭୁ ହନୁମାନ ।

**କନ୍ୟା:** ଯାତ୍ରାକଷ୍ଟ, ଶରୀର ସୁସ୍ଥ, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ସମସ୍ୟା, ବନ୍ଧୁଲାଭ, ଅଳ୍ପ ଶତ୍ରୁ ସମସ୍ୟା, ମାନସିକ ଅବସାଦ, ଦାମ୍ପତ୍ୟ ସୁଖ, ସନ୍ତାନ ଖୁସି, ହସ୍ତା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୬, ଆରାଧନା- ମା' ବାଟମଙ୍ଗଳା ।

**ତୁଳା:** ସମ୍ମାନଲାଭ, ଦୂରଯାତ୍ରାରେ ଲାଭ, ନୂତନ କର୍ମନିଯୁକ୍ତି, ଶୁଭଖବର, ମାନସିକ ଶାନ୍ତି, ସନ୍ତାନଲାଭ, ସମସ୍ୟା ସମାଧାନ, କଚେରୀ ମାମଲା ସମାଧାନ, ବିଭିନ୍ନ କାର୍ଯ୍ୟରେ ଖୁସି, ଶରୀର ସୁସ୍ଥ, ଦ୍ରବ୍ୟ ଲାଭ, ଆଶା ସଫଳ, ସ୍ୱାତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ପ୍ରଭୁ ରାଧାବଲ୍ଲଭ ।

**ବିଛା:** ସ୍ୱାସ୍ଥ୍ୟ ସମସ୍ୟା, ଆର୍ଥିକ ସାହାଯ୍ୟ, ନୂତନ କାର୍ଯ୍ୟରେ କଷ୍ଟ, ପରିବାରରେ ଶାନ୍ତି, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ବ୍ୟବସାୟରେ ଲାଭ, ଉଚ୍ଚଆଶାରେ ବିଳମ୍ବ, ବ୍ୟକ୍ତି ସହଯୋଗ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୭, ଆରାଧନା- ପ୍ରଭୁ ଜଗନ୍ନାଥ ।

**ଧନୁ:** ସୁସମ୍ପର୍କ, ମାନସିକ ଶାନ୍ତି, ଅର୍ଥଲାଭ, ନୂତନ କର୍ମ ଆରମ୍ଭ, ଲୋକସମ୍ପର୍କ ବୃଦ୍ଧି, ଶରୀର ସୁସ୍ଥ, ବ୍ୟବସାୟରେ ଲାଭ, ବାକିଦ୍ରବ୍ୟ ପ୍ରାପ୍ତି, ଅଳ୍ପ ଶତ୍ରୁ ସମସ୍ୟା, ପ୍ରୀତିବୃଦ୍ଧି, ନୂତନ ଆୟ, ପୂର୍ବାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଭୁବନେଶ୍ୱରୀ ।

**ମକର:** ଗୁରୁଜନଙ୍କ ଆଶୀର୍ବାଦ, କିଛି କାର୍ଯ୍ୟରେ ବିଳମ୍ବ, ସମ୍ପର୍କରେ ଉନ୍ନତି, ଉଚ୍ଚଆଶାରେ ଖୁସି, ବନ୍ଧୁ ସାହାଯ୍ୟ, ସମ୍ପତ୍ତିଲାଭ, ମାନସିକ ଶାନ୍ତି, ଶତ୍ରୁ ପରାଜିତ, ସନ୍ତାନ ଖୁସି, ବିଦ୍ୟାରେ ସଫଳ, ଶ୍ରବଣା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ- ନୀଳ, ସଂଖ୍ୟା-୬, ଆରାଧନା-ମା' ଗୌରୀ ।

**କୁମ୍ଭ:** ବନ୍ଧୁ ସାହାଯ୍ୟ, ଅନୁଷ୍ଠାନରୁ ଲାଭ, ଆଶାସଫଳ, ସୁସମ୍ବାଦ ପ୍ରାପ୍ତି, ଅର୍ଥଲାଭ, ମାନସିକ ଶାନ୍ତି, ଦ୍ରବ୍ୟଲାଭ, ବ୍ୟବସାୟିକ କଷ୍ଟ, ଯାତ୍ରାରେ ସତର୍କ, ଶତ୍ରୁ ସମସ୍ୟା, ନୂତନ କାର୍ଯ୍ୟ ଆରମ୍ଭ, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୮, ଆରାଧନା-ଶଙ୍କର ଭଗବାନ ।

**ମୀନ:** ଶରୀର କଷ୍ଟ, ଯାତ୍ରାରେ ସତର୍କ, କାର୍ଯ୍ୟରେ ବିଳମ୍ବ, ବନ୍ଧୁ ସାହାଯ୍ୟ, ଋଣ କରିପାରନ୍ତି, କିଛି କାର୍ଯ୍ୟରେ ସମସ୍ୟା, ବ୍ୟବସାୟରେ ଲାଭ, ଦୂରଯାତ୍ରା, ନୂତନ କାର୍ଯ୍ୟ ଆରମ୍ଭ, ଅଳ୍ପ ଲାଭ, ଗୃହେ ସମସ୍ୟା ସମାଧାନ, ରେବତୀ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଭଗବତୀ ।

**ବୈଶାଖ କୃଷ୍ଣପକ୍ଷ, ଦଶମୀ**
**୧୨.୪.୨୦୨୬ ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

# ଟ୍ରକ ପଛରେ ପିଟି ହୋଇ ହାଇୱା ଚାଳକ ମୃତ

ଆଠଗଡ଼ ,(ସବ୍ୟୁ) : ଟ୍ରକ ପଛରେ ପିଟି ହୋଇ ହାଇୱାଚାଳକର ମୃତ୍ୟୁ ହୋଇଛି । ଗୁରୁଡିଝାଟିଆ ଥାନା ଅର୍ନ୍ତଗତ ୫୫ ନମ୍ବର ଜାତୀୟ ରାଜପଥ ଓରୋଦା ଓଭରବ୍ରିଜ ଉପରେ ରଡ଼ ବୋଝେଇ ଟ୍ରକ କୁ ପଛକୁ ପିଟିଲା ଏକ ଚିଂ ବୋଝେଇ ହାଇଓ୍ୱା । ।ଘଟଣା ସ୍ଥଳରେ ହାଇଓ୍ୱା ଚାଳକ ମୃତ୍ୟୁ ବରଣ କରିଥିଲେ । ମୃତ ଗାଡ଼ି ଚାଳକ ହେଉଛନ୍ତି ନିଆଳି ଥାନା ସୁତୁଣ୍ଡା ଗ୍ରାମର ନିରଞ୍ଜନ ମହାନ୍ତିଙ୍କ ପୁତ୍ର ସୁରେଶ କୁମାର ମହାନ୍ତି । ଗୁରୁଡିଝାଟିଆ ପୋଲିସ ଏବଂ ଆଠଗଡ଼ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଫଳରେ ୧ ଘଣ୍ଟା ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା ।ଗୁରୁଡିଝାଟିଆ ପୋଲିସ ଦୁଇଟି ଗାଡ଼ି ଜବି କରିବା ସହିତ ମୃତ ସୁରେଶ କୁମାର ମହାନ୍ତି ଶବକୁ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତରିତ କରିଥିବା ଗୁରୁଡିଝାଟିଆ ଥାନା ଅଧିକାରୀ ସୁଭେନ୍ଦୁ ମିଶ୍ର ସୂଚନା ଦେଇଛନ୍ତି ।

### ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ

# ରାଜ୍ୟରେ ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷକମାନେ କେବଳ ପାଠ ପଢ଼ାନ୍ତି ନୁହେଁ, ସେମାନେ ଛାତ୍ରଛାତ୍ରୀଙ୍କ ଚରିତ୍ର ଗଢ଼ନ୍ତି ଓ ସଠିକ୍ ଜୀବନମାର୍ଗ ଦେଖାନ୍ତି, ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୋଦାପଲସା ସ୍ଥିତ ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ପାଇଁ ୩ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିଲେ । ଏହା ସହିତ ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ଏହି ବିଦ୍ୟାଳୟକୁ ୭ କୋଟି ଟଙ୍କା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ବିଦ୍ୟାଳୟର ଉନ୍ନତି ପାଇଁ ଆଗାମୀ ଦିନରେ ସମୁଦାୟ ୧୦ କୋଟି ଟଙ୍କା ଯୋଗାଇ ଦିଆଯିବ । ଏହି ଯୋଜନାରେ ବିଦ୍ୟାଳୟକୁ ୭ ଏକର ଜମି ଯୋଗାଇ ଦେବାପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ ।



କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂତନ ସରକାର ଗଠନ ପରେ ଶିକ୍ଷା କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବାକୁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଗତ ଦେଢ଼ ବର୍ଷରେ ପ୍ରାୟ ୨୦ ହଜାର ଶିକ୍ଷକ ନିଯୁକ୍ତି ହୋଇଥିବା ବେଳେ ଆଗାମୀଦିନରେ ଆହୁରି ୪୫ ହଜାର ନୂତନ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଜାରି ରହିଛି ଏଥିସହିତ ୧୩ ହଜାର ସ୍କିମାଟିକ୍ ଶିକ୍ଷକଙ୍କୁ ମଧ୍ୟ ନିୟମିତ କରାଯାଇଛି । ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ୨୦୨୬-୨୭ ଆର୍ଥିକ ବର୍ଷରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କାରୁ ଅଧିକ ପ୍ରାବଧାନ ରଖାଯାଇଛି, ଯାହା ମୋଟ ବଜେଟର ୧୦.୩ ପ୍ରତିଶତ । ରାଜ୍ୟର ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ କରି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନିଆଯାଇଛି ଏବଂ ପ୍ରଥମ ପର୍ଯ୍ୟାୟରେ ୨,୨୦୦ ପଞ୍ଚାୟତରେ ଏହାର କାମ ଆରମ୍ଭ ହୋଇଛି ।

ସେହିପରି ପିଏମ୍ ଶ୍ରୀ ଯୋଜନାରେ ରାଜ୍ୟର ୮୦୦ ବିଦ୍ୟାଳୟକୁ ଉତ୍କର୍ଷ କେନ୍ଦ୍ରରେ ପରିଣତ କରାଯାଉଥିବା ସହ ନିପୁଣ ଓଡ଼ିଶା ମିଶନ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ବିକାଶ ଉପରେ ଜୋର ଦିଆଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି କାର୍ଯ୍ୟକ୍ରମରେ ତେଲକୋଇ ବିଧାୟକ ଫକିର ମୋହନ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, କେନ୍ଦୁଝର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ମମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ନିଳାମ୍ବର ମହାନ୍ତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମାଜସେବୀ ଜଗନ୍ନାଥ ସିଂହ ଧନ୍ୟବାଦ ଜଣାଇଥିଲେ ।

# ରେଳ ଷ୍ଟେସନ୍‌ରୁ ୧୨ ନାବାଳକ ଉଦ୍ଧାର

କଟକ,(ସବ୍ୟୁ): କଟକ ରେଳ ଷ୍ଟେସନରୁ ୧୨ ଜଣ ନାବାଳକଙ୍କୁ ଆରପିଏଫ୍ ଉଦ୍ଧାର କରିଛି । ଏହା ପରେ ସମସ୍ତଙ୍କୁ ଚାଇଲ୍ଡ ଲାଇନ ଜିମା ଦିଆଯାଇଛି । ଏମାନେ ଅମ୍ରିତ ଭାରତ ଏକ୍ସପ୍ରେସରେ ବସି କଟକ ଆସିଥିଲେ । ଆଜି ପୂର୍ବାହ୍ନରେ କଟକ ଷ୍ଟେସନରେ ପହଞ୍ଚିବା ପରେ ୧୨ଜଣ ନାବାଳକ ଟ୍ରେନରୁ ଓହ୍ଲାଇ ୪ନଂ ପ୍ଲାଟଫର୍ମରେ ଛିଡା ହୋଇଥିଲେ । ଏତିକିବେଳେ ପାଟ୍ରୋଲିଂ କରୁଥିବା ଆରପିଏଫ କର୍ମଚାରୀଙ୍କ ନଜର ସେମାନଙ୍କ ଉପରେ ପଡିଥିଲା । ଏକାଠି ଛିଡା ହୋଇଥିବା ପିଲାମାନଙ୍କ ସହିତ କେହି ଅଭିଭାବକ ନଥିବା ଦେଖି ଆରପିଏଫର ସନ୍ଦେହ ହୋଇଥିଲା । ପାଖକୁ ଯାଇ ପଚରାଉଚରା କରିବାରୁ ଜଣେ ଅଜଣା ବ୍ୟକ୍ତିଙ୍କ କହିବାନୁସାରେ ସମସ୍ତେ କଟକ ଆସିଥିବା ଜଣାପଡିଥିଲା । ୧୨ରୁ ୧୫ ବର୍ଷ ବୟସ ମଧ୍ୟରେ ଥିବା ଏହି ୧୨ ଜଣଙ୍କ ଘର ବିହାର ରାଜ୍ୟର ଆରାରିଆ ଜିଲ୍ଲାରେ । ସମସ୍ତଙ୍କ ପରିବାର ଆର୍ଥିକ ଦୁର୍ବଳ ଶ୍ରେଣୀର ବୋଲି ଜଣାପଡ଼ିଛି । ତେଣୁ ଜଣେ ବ୍ୟକ୍ତି ସମସ୍ତଙ୍କୁ କଟକରେ ମାଗଣାରେ ରହିବା, ଖାଇବା ସହିତ ଶିକ୍ଷା ପ୍ରଦାନ କରିବା ବାହାନାରେ ଡକାଇଥିଲା । ଏମିତିକି ଉକ୍ତ ବ୍ୟକ୍ତି ଜଣକ ଷ୍ଟେସନକୁ ଆସି ସମସ୍ତଙ୍କୁ ନେବ ବୋଲି କହିଥିବାରୁ ସେମାନେ ଅପେକ୍ଷା କରିଥିବା ସମ୍ପର୍କରେ ପିଲାମାନେ ଆରପିଏଫକୁ ଜଣାଇଥିଲେ । ଘଟଣାଟି ସମ୍ବେଦନଶୀଳ ଥିବାରୁ ଉକ୍ତ ପିଲାମାନଙ୍କୁ ଆରପିଏଫ ପୋଷ୍ଟକୁ ନେଇ ଖାଦ୍ୟ/ପାନୀୟ ଦେବା ସହିତ ଜିଆରପି ଏବଂ ଚାଇଲ୍ଡ ଲାଇନକୁ ଅବଗତ କରାଯାଇଥିଲା । କିଛି ସମୟ ପରେ ଚାଇଲ୍ଡ ଲାଇନ ସଦସ୍ୟ ପହଞ୍ଚି ୧୨ ଜଣ ନାବାଳକଙ୍କୁ ନିଜ ହେପାଜତକୁ ନେଇଥିବା ଆରପିଏଫ ପକ୍ଷରୁ ସୂଚନା ଦିଆଯାଇଛି ।

### ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଉଦ୍‌ଘାଟନ

# ଗ୍ରାମୀଣ ଉତ୍ପାଦକଙ୍କ ପାଇଁ ନୂତନ ଆଶାର ଦ୍ୱାର

କଟକ, (ସବ୍ୟୁ):ଗ୍ରାମୀଣ ଶିଳ୍ପୀ, କୃଷକ ଓ ସମୁଦାୟ ଆଧାରିତ ସଂଗଠନ (CBOs) ମାନଙ୍କ ଉତ୍ପାଦକୁ ସହରୀୟ ବଜାର ସହିତ ସିଧାସଳଖ ଯୋଗାଯୋଗ କରାଇବା ଉଦ୍ଦେଶ୍ୟରେ ନେତାଜୀ ବସଷ୍ଟାଣ୍ଡ ଠାରେ ଓରମାସ ପକ୍ଷରୁ ନବ ନିର୍ମିତ ଅନ୍ନପୂର୍ଣ୍ଣା ଗ୍ରାମୀଣ ବଜାର ଆଜି ଉଦଘାଟିତ ହୋଇଛି । ଏହି ବଜାର ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ଶିଳ୍ପୀମାନଙ୍କୁ ନ୍ୟାୟସଙ୍ଗତ ମୂଲ୍ୟ ଓ ନିଶ୍ଚିତ ବଜାର ଯୋଗାଇବାରେ ଏକ ମାଇଲଷ୍ଟୋନ୍ ସାବିତ ହେବ । ଏଠାରେ ରାଜ୍ୟର ୨୭ଟି ଜିଲ୍ଲାରୁ ଆସିଥିବା ୭୨ ପ୍ରକାରର ହସ୍ତଶିଳ୍ପ, ହସ୍ତତନ୍ତ, ଖାଦ୍ୟ ପ୍ରସ୍ତୁତି ଓ ପାରମ୍ପରିକ ଉତ୍ପାଦ ସିଧାସଳଖ ଉପଲବ୍ଧ ହେଉଛି, ଯାହା "ଗ୍ରାମରୁ ସହର" ଧାରଣାକୁ ସାର୍ଥକ କରିଛି । ଉଦଘାଟନ ଅବସରରେ କଟକ ସାଂସଦ ଡଃ ଭର୍ତ୍ତୃହରି ମହତାବ, ମହାନଗର ନିଗର ନିଗମ ଆୟୁକ୍ତ , ସୁଶ୍ରୀ କିରଣଦୀପ ସହୋତା ଙ୍କ ସମେତ ଓରମାସର ଯୁଗ୍ମ କାର୍ଯ୍ୟନିର୍ବାହୀ ବିପିନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ଏହି



ଚୌଦ୍ୱାର-କଟକ ବିଧାୟକ, ସୌଭିକ ବିଶ୍ୱାଳ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ପଦକ୍ଷେପକୁ ଗ୍ରାମୀଣ ଉଦ୍ୟମିତାର ଏକ ଶକ୍ତିଶାଳୀ ମଞ୍ଚ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ ।

# ଛାତରୁ ପଡ଼ି ଯୁବକ ମୃତ

ବାଲେଶ୍ୱର,(ସବ୍ୟୁ) :କେବୁଲ ଟାଣୁଥିବାବେଳେ ତିନିମହଲା ଛାତରୁ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଶୁକ୍ରବାର ସନ୍ଧ୍ୟାରେ ଏଭଳି ଦୁଃଖଦ ଘଟଣା ଘଟିଛି ସହଦେବଖୁଣ୍ଟା ଥାନା ଅନ୍ତର୍ଗତ ବ୍ରଜେଶ୍ୱର ମନ୍ଦିର ନିକଟରେ । ମୃତ ଯୁବକ ହେଲେ ଦେବାଶିଷ ଜେନା(୩୩) । ଛାତରେ କେବୁଲ ଟାଣିବା ପାଇଁ ସନ୍ଧ୍ୟାରେ ଦେବାଶିଷ ଛାତ ଉପରୁ ଯାଇଥିଲେ । ମାତ୍ର ଅସାବଧାନତା ପାଇଁ ଛାତରୁ ତଳକୁ ପଡ଼ିଯାଇଥିଲେ । ତାଙ୍କୁ ତୁରନ୍ତ ପରିବାର ଲୋକେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ । ସ୍ୱାସ୍ଥ୍ୟବସ୍ଥା ଉଦ୍‌ବେଗଜନକ ଥିବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତରଣ କରାଯାଇଥିଲା । ସୋର ନିକଟରେ ତାଙ୍କର ମୃତ୍ୟୁ ହୋଇଥିଲା । ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

### ଓଡ଼ିଶାକୁ ସର୍ବାଧିକ ବିଶ୍ୱକର୍ମା ପୁରସ୍କାର

# ପୂର୍ତ୍ତ ବିଭାଗ ୩, ଜଳସମ୍ପଦ ବିଭାଗ ୫ ଓ କ୍ରୀଡ଼ା ବିଭାଗର ୨ ପ୍ରକଳ୍ପ ପୁରସ୍କୃତ

ଭୁବନେଶ୍ୱର (ସବ୍ୟୁ): ନୂଆଦିଲ୍ଲୀସ୍ଥିତ ବି.ଆର୍. ଆମ୍ବେଦକର ଅନ୍ତର୍ଜାତୀୟ କେନ୍ଦ୍ରଠାରେ ସି.ଆଇ.ଡି.ସି. ଦ୍ୱାରା ଆୟୋଜିତ ୧୭ତମ ବିଶ୍ୱକର୍ମା ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ସରକାରଙ୍କ ଦ୍ୱାରା ଆବେଦନ କରାଯାଇଥିବା ୧୦ଟି ପ୍ରକଳ୍ପକୁ ମିଶାଇ ସର୍ବମୋଟ ୧୭ଟି ପ୍ରକଳ୍ପକୁ ବିଭିନ୍ନ ବିଭାଗରେ ପୁରସ୍କୃତ କରାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ମନ୍ତ୍ରୀ ନିତୀନ ଗଡ଼କରୀ ନିର୍ମାଣ କ୍ଷେତ୍ରରେ ନୂତନତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ । ରାସ୍ତା ଓ କୋଠାବାଡ଼ି ନିର୍ମାଣ କ୍ଷେତ୍ରରେ ନୂତନ ପାରଦର୍ଶିତା ସହିତ ଡି.ପି. ଆର୍. ବନାଇବା ପାଇଁ ସୁଯୋଗ ସୃଷ୍ଟି କରାଯିବା ଉପରେ ଜୋର ଦେଇଥିଲେ । ରାଜ୍ୟ ପୂର୍ତ୍ତ ବିଭାଗର ତିନିଗୋଟି ପ୍ରକଳ୍ପ ଯଥା- ଲୋକାୟୁକ୍ତ ଭବନ, ଯାଜପୁରସ୍ଥିତ ମାତୃଶିଶୁ ହସ୍‌ପିଟାଲ୍, ବଲାଙ୍ଗିରସ୍ଥିତ ସଦ୍ୟ ସମାପ୍ତ ହୋଇଥିବା କ୍ୟାନସର୍ ହସ୍‌ପିଟାଲକୁ ପୁରସ୍କୃତ କରାଯାଇଥିଲା । ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମନୋଜ ମହାନନ୍ଦ ପୁରସ୍କାର ଗ୍ରହଣ କରିଥିଲେ ।



ରାଜ୍ୟ ଜଳସମ୍ପଦ ବିଭାଗର ୫ ଗୋଟି ପ୍ରକଳ୍ପ ଯଥା ଗଙ୍ଗାଧର ମେହେର ପ୍ରକଳ୍ପ, ପୁରୁଣାଗଡ଼ ମେଗା ଲିଫ୍ଟ, ଭଞ୍ଜନଗର ଡ୍ୟାମ୍, ମହାବରିଡା ଆନିକଟ, ଲୋୟର ସୁକତେଲକୁ ପୁରସ୍କୃତ କରାଯାଇଥିଲା । ସର୍ବୋଚ୍ଚ ଯନ୍ତ୍ରୀ ଲିଙ୍ଗରାଜ ଗୌଡ଼ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ କ୍ରୀଡ଼ା ବିଭାଗର ଅଧିକାରୀ ଧିରେନ୍ଦ କୁମାର ପଟ୍ଟନାୟକ କଳିଙ୍ଗ ଷ୍ଟାଡିୟମ୍‌ସ୍ଥିତ ଦୁଇଟି ଭବନ ଯଥା ସଟଲ୍ ଏବଂ ଆକ୍ୱାଟିକ୍ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ । ରାଜ୍ୟ ପୁଲିସ୍ ଗୃହ ନିର୍ମାଣ ନିଗମର ମୁଖ୍ୟଯନ୍ତ୍ରୀ ଇଂ ନର୍ମଦା ବେହେରା, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ଶ୍ରୀକାନ୍ତ ସାମଲ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀସ୍ଥିତ ଅତ୍ୟାଧୁନିକ ହଷ୍ଟେଲ ଭବନ ପାଇଁ ପୁରସ୍କାର ଗ୍ରହଣ କରିଥିଲେ ।

ଏତଦ୍‌ବ୍ୟତୀତ ସମ୍ବଲପୁରସ୍ଥିତ ଆଇ.ଆଇ.ଏମ୍ କ୍ୟାମ୍ପସ ପାଇଁ ଏନ୍‌ବିସିସିର ଉଚ୍ଚାଧିକାରୀ ଚିନ୍ମୟ ଘୋଷ, ଏମସ୍ ଭୁବନେଶ୍ୱର ପାଇଁ ନିର୍ଦ୍ଦେଶକ ଡା. ବିଶ୍ୱାସଙ୍କୁ ପୁରସ୍କୃତ କରାଯାଇଥିଲା । ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ନୂତନ ଡାଟା ସେଣ୍ଟର, କୋରାପୁଟସ୍ଥିତ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ପୁରସ୍କାର ଦିଆଯାଇଥିଲା । ଏହି ଅବସରରେ ପୂର୍ତ୍ତ ବିଭାଗର ପୂର୍ବତନ ସର୍ବୋଚ୍ଚ ଯନ୍ତ୍ରୀ ମନୋରଞ୍ଜନ ମିଶ୍ରଙ୍କ ଦ୍ୱାରା ଲିନ୍ ନିର୍ମାଣ କୌଶଳ ଉପରେ ଲିଖିତ ପୁସ୍ତକକୁ ଜୁରୀ ମଣ୍ଡଳୀ ଉନ୍ମୋଚନ କରିଥିଲେ । ନିର୍ମାଣ କ୍ଷେତ୍ର ପାଇଁ ଅବଦାନ ସକାଶେ ଖ୍ୟାତିସମ୍ପନ୍ନ ଇଂଜିନିୟର ଅଶୋକ ବାସା ଏବଂ ସ୍ଥପତି ତାରାପ୍ରସାଦ ଧଳଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାର ପୁରସ୍କୃତ ପ୍ରକଳ୍ପମାନଙ୍କୁ ପ୍ରଦର୍ଶିତ କରାଯାଇଥିଲା, ଯାହାକୁ ଦର୍ଶକମାନେ ଏହାକୁ ପ୍ରଶଂସା କରିଥିଲେ ।

### ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପ୍ ବୈଠକ

# ପିଏନ୍‌ଜି ସଂଯୋଗୀକରଣ ବୃଦ୍ଧିକୁ ଗୁରୁତ୍ୱ

ଭୁବନେଶ୍ୱର (ସବ୍ୟୁ) : ସଂପ୍ରତି ବୈଶ୍ୱିକ-ଭୂ-ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟରେ ପେଟ୍ରୋଲିୟମ ଉତ୍ପାଦ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ସୁନିଶ୍ଚିତ କରିବା ପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ତଥା ରାଜ୍ୟ ସଙ୍କଟ ପରିଚାଳନା ଗ୍ରୁପର ବୈଠକ ଅନୁଷ୍ଠିତ ହୋଇଛି ।

ବୈଠକରେ ବିଦ୍ୟାଳୟ, ଡାକ୍ତରଖାନା, ହଷ୍ଟେଲ, ଅଙ୍ଗନବାଡ଼ି କେନ୍ଦ୍ର, ଆହାର କେନ୍ଦ୍ର ଓ କାରାଗାର ଭଳି ଅତ୍ୟାବଶ୍ୟକ କ୍ଷେତ୍ରରେ ଏଲପିଜି ଯୋଗାଣକୁ ଅଗ୍ରାଧିକାର ଦିଆଯାଇଛି । ଏସବୁଥିରେ ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ପିଏନଜି ସଂଯୋଗୀକରଣ ଲକ୍ଷ୍ୟ ରଖାଯାଇଛି । ହୋଟେଲ, ରେଷ୍ଟୁରାଣ୍ଟ ଓ ଢାବା ଭଳି ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକୁ ଏଲପିଜି ଆବଣ୍ଟନ ବୃଦ୍ଧି ପାଇଛି । ରାଜ୍ୟରେ ପେଟ୍ରୋଲ, ଡିଜେଲ ଏବଂ ଏଲପିଜିର ମୋଟ ମହଜୁଦ ପରିମାଣ, ହାରାହାରି ଦୈନିକ ବ୍ୟବହାର ଓ ଆଗାମୀ ଉପଲବ୍ଧତା ସଂପର୍କରେ ଉପସ୍ଥାପନା କରାଯାଇଥିଲା । ଜିଲ୍ଲାଓ୍ୱାରୀ ପିଏନଜି ସଂଯୋଗୀକରଣ ଭିତ୍ତିଭୂମି ବଢାଇବା ସହିତ କଟି ଯାଇଥିବା ପୁରୁଣା ପିଏନଜି ଗ୍ରାହକମାନଙ୍କୁ



ପୁନଃ ସଂଯୋଗୀକରଣ କରାଯାଉଥିବା ସଂପର୍କରେ ସୂଚନା ଦିଆଯାଇଥିଲା । ପ୍ରବାସୀ ଶ୍ରମିକ ଏବଂ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କେବଳ ପରିଚୟ ପତ୍ର ଆଧାରରେ ୫ କେଜି ବିଶିଷ୍ଟ ଏଲପିଜି ସିଲିଣ୍ଡର ବିତରକମାନଙ୍କ ଜରିଆରେ ଯୋଗାଇ ଦିଆଯାଉଛି ।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ଼ରିଆ ସାରର ଉପଲବ୍ଧତା ସ୍ଥିତି ସ୍ୱାଭାବିକ ରହିଥିବା ସଂପର୍କରେ ସୂଚନା ଦିଆଯାଇଛି ଓ ଦୈନନ୍ଦିନ ଭିତ୍ତିରେ ତଦାରଖ କରାଯାଉଥିବା ସଂପର୍କରେ ବିଭାଗର କମିଶନର ତଥା ଶାସନ ସଚିବ ଉପସ୍ଥାପନ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ରନ୍ଧନ ଗ୍ୟାସ ଯୋଗାଣରେ ଜରୁରୀ ଆବଶ୍ୟକତା କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ପିଏନଜି ସଂଯୋଗୀକରଣ ନେଟଓ୍ୱାର୍କ ବୃଦ୍ଧିକୁ ପ୍ରାଥମିକତା ଦେଇଛନ୍ତି । ପେଟ୍ରୋଲ, ଡିଜେଲ ଇନ୍ଧନ ଏବଂ ରନ୍ଧନ ଗ୍ୟାସ ଉପଲବ୍ଧତା ନେଇ ସବୁବେଳେ ପରିସ୍ଥିତିକୁ ଦୃଷଟିରେ ରଖି ଯେଉଁଠି, ଯେତେବେଳେ ସମସ୍ୟା ନଜରକୁ ଆସୁଛି, ସେଠି ଯୋଗାଣ ବିଭାଗ ତଥା ନୋଡାଲ ଅଧିକାରୀଙ୍କୁ ନେଇ ଗଠିତ ଟିମ୍ ତରଫରୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି । ପରିସ୍ଥିତିର ସମାଧାନ ପାଇଁ ସମସ୍ତେ ସହଯୋଗ ଓ ସମ୍ମିଳିତ ପ୍ରୟାସ କରିବାକୁ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି । ବୈଠକରେ ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ ରାଜ୍ୟରେ ପେଟ୍ରୋଲ, ଡିଜେଜ ଏବଂ ରନ୍ଧନ ଗ୍ୟାସର ନିରବଚ୍ଛିନ୍ନ ଯୋଗାଣ କରାଯାଉଥିବା ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ସହିତ ଆଗାମୀ ଖରିଫ୍ ଋତୁକୁ ଦୃଷ୍ଟିରେ ରଖିଯୁରିଆ ସାର ମହଜୁଦ ଏବଂ ସୁପରିଚାଳନା ସଂପର୍କରେ କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ୍ ରାମଚନ୍ଦ୍ର ଯାଦବ ତଥ୍ୟ ରଖିଥିଲେ ।

### ୩ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ନହେଲେ

# ଅରବିନ୍ଦ ଅଗ୍ରୱାଲ ପକେଟରୁ ଗଣିବେ ୧ଲକ୍ଷ ଜରିମାନା

କଟକ,(ସବ୍ୟୁ): ଏକ ଅଦାଲତ ଅବମାନନା ମାମଲାରେ ଆଜି ରାଜ୍ୟ ଗଣଶିକ୍ଷା ବିଭାଗ ପକ୍ଷରୁ ଅଦାଲତଙ୍କ ଆଦେଶ ତିନି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଏହାର ଠିକ୍ ଗୋଟେ ସପ୍ତାହ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ରିପୋର୍ଟ ଅଦାଲତରେ ଦାଖଲ କରାଯିବ ବୋଲି ସରକାରୀ ଆଇନଜୀବୀ ହାଇକୋର୍ଟଙ୍କୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଯଦି ଏହି ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ ହୋଇନଥାଏ ତାହେଲେ ପ୍ରତିପକ୍ଷ ତଥା ଉଚ୍ଚଶିକ୍ଷା ବିଭାଗ ସଚିବ ତଥା କମିଶନର ଅରବିନ୍ଦ ଅଗ୍ରୱାଲଙ୍କୁ ୧ଲକ୍ଷ ଟଙ୍କାର ଜରିମାନା ଦେବାକୁ ପଡ଼ିବ । ଏହି ଅର୍ଥ ନିଜ ପକେଟରୁ ଶ୍ରୀ ଅଗ୍ରୱାଲ ପ୍ରଦାନ କରିବେ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଏହାଛଡ଼ା ତାଙ୍କ ଉପରେ କଠୋର ଅଦାଲତ ଅବମାନନା ଚାଲିପାରେ ବୋଲି ହାଇକୋର୍ଟ ଚେତାବନୀ ମଧ୍ୟ ଦେଇଛନ୍ତି । ହରପ୍ରିୟା ଦାଶଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏହି ଆଦେଶ ଦେଇଛନ୍ତି ।

# ୱିକି ଆଙ୍ଗ୍ରିସ୍ କଲେକ୍ସନ୍: ପାୱାର୍ ଓ ଡିଜାଇନ୍‌ର ନୂଆ ପରିଭାଷା

ଭୁବନେଶ୍ୱର (ସବ୍ୟୁ): ଫ୍ୟାସନ୍‌ରେ କେତେକ କଥା ବୁଝିବା ପାଇଁ ନୁହେଁ, ଅନୁଭବ କରିବା ପାଇଁ ଥାଏ । ଏହି ଦର୍ଶନକୁ ନେଇ ଆସିଛି ୱିକି ଆଙ୍ଗ୍ରିସ୍‌ଙ୍କ ନୂଆ କଲେକ୍ସନ୍ । ପାୱାର୍ ଓ ସେଡକ୍ସନ୍‌ର ଭାବିଚିନ୍ତିତ । କିଛି ବି ଏଠାରେ ଅଚାନକ ନୁହେଁ, ସବୁକିଛି ଗଢ଼ାଯାଇଛି ଏକ ସ୍ପଷ୍ଟ ଦୃଷ୍ଟିକୋଣ ସହ । ଏହି କଲେକ୍ସନ୍ ସେମାନଙ୍କ ପାଇଁ ଧ୍ୟାନ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ଆତ୍ମବିଶ୍ୱାସ, ଆକର୍ଷଣ ଓ ଅଲଗା ପରିଚୟ ଏହି ଡିଜାଇନ୍‌ର ମୂଳ ଆତ୍ମା । ଏହା କେବଳ ଫ୍ୟାସନ୍ ନୁହେଁ, ଏହା ହେଉଛି ଏକ ଉପସ୍ଥିତି, ଯେଉଁଠି ଶବ୍ଦରୁ ବେଶି କଥା କହେ



ଆକୃତି ଓ ଅଭିବ୍ୟକ୍ତି । ଡକ୍ସସମଳସର ମଧ୍ୟରେ ଥିବା ସେହି ସୂକ୍ଷ୍ମ ସ୍ପେସ୍‌କୁ ଧରି ରଖିଛି ଏହି କଲେକ୍ସନ୍, ଯେଉଁଠି ସୂକ୍ଷ୍ମ ସିଲାଇ ସହ ମିଶିଛି ସ୍ୱାଭାବିକ ଆକର୍ଷଣ । ପ୍ରତ୍ୟେକ ସିଲୁଏଟ୍‌ରେ ରହିଛି ସ୍ପଷ୍ଟ ଉଦ୍ଦେଶ୍ୟ, ପ୍ରତ୍ୟେକ ଡିଟେଲ୍ ହେଉଛି ଇଭଶକ୍ସସଗ୍ରୁଷ ଙ୍କ ଏହି କଲେକ୍ସନ୍ ଫ୍ୟାସନ୍‌କୁ ଦେଇଛି ଏକ ନୂଆ ଦୃଷ୍ଟି, ଯେଉଁଠି ଷ୍ଟାଇଲ୍ ହେଉଛି ଶକ୍ତି ଓ ଉପସ୍ଥିତି ହେଉଛି ପରିଚୟ ।

# ଦରମା ନପାଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ୧୧୨ କଣ୍ଟ୍ରୋଲ ରୁମ୍ କର୍ମଚାରୀ

ଭୁବନେଶ୍ୱର, (ସବ୍ୟୁ) : ୬ ମାସ ହେବ ଦରମା ପାଇ ନଥିବା ୧୧୨ କଣ୍ଟ୍ରୋଲ ରୁମ କର୍ମଚାରୀ ଶନିବାର ଠାରୁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କାରଣ ସେମାନେ କେବଳ ଓରିଏଣ୍ଟାଲ୍ ଅଧିନରେ ଚାକିରୀକୁ ଆସିଛନ୍ତି, ତାଙ୍କୁ ପଚାରିବାରୁ ୬ ମାସ ହେବ ୨ ଶହ କର୍ମଚାରୀଙ୍କ ହାଜିରା ମିଳିନାହିଁ । ତେଣୁ ଦରମା କିପରି ଦିଆଯିବ ବୋଲି କମ୍ପାନୀ



ଦରମା କଥା ନୁହେଁ, ୧୦ ଦଫା ଦାବି ନେଇ ଆନ୍ଦୋଳନ ଚଳାଇଛନ୍ତି । ତାଙ୍କ କହିବା କଥା ସେ ଯେଉଁ ଆଉଟ୍ ସୋର୍ସିଂ କମ୍ପାନୀ କର୍ମଚାରୀଙ୍କୁ ପ୍ରଶ୍ନ କରିଥିଲେ । ଆନ୍ଦୋଳନକୁ ଓହ୍ଲାଇ ଥିବା ଆଉଟ୍ ସୋର୍ସିଂ କର୍ମଚାରୀଙ୍କ ୧୦ ଦଫା ଦାବି ମଧ୍ୟରେ ବକେୟା ଦରମା ଦିଆଯିବା ସହ ପ୍ରତି ମାସ ଶେଷରେ ନିୟମିତ ଦରମା ଦିଆଯାଉ । ଏଥିସହ ଇପିଏଫ୍, ଇଏସଆଇ ପ୍ରତି ମାସରେ ଭରଣା କରାଯାଉ । ୧୨ ହଜାର ଟଙ୍କା ଦରମା ପରିବର୍ତ୍ତେ ୩୦ ହଜାର ଟଙ୍କା ଦରମା ଦିଆଯାଉ । ବର୍ଷକ ମଧ୍ୟରେ ଛଟେଇ ହୋଇଥିବା କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ମିଳୁ । ଡିୟୁଟି ଟାଇମିଂ ଉପରେ ଧ୍ୟାନ ଦିଆଯାଉ । ଏଥି ସହ ୨ ଶହ କର୍ମଚାରୀଙ୍କୁ ରେଗୁଲାର କରାଯାଉ ଏବଂ ମନିଟରିଂ ଅଫିସର ଦିପକ ନାୟକଙ୍କୁ ବଦଳି କରାଯିବା ସହ କଥା କଥାରେ ଚାକିରି ବହିଷ୍କାର କରାନଯାଉ । ଏମଟିଏସ୍ ବ୍ୟବସ୍ଥା ଲାଗୁ କରାଯାଉ ବୋଲି ଆନ୍ଦୋଳନରେ ବସିଥିବା କର୍ମଚାରୀମାନେ ଦାବି କରିଛନ୍ତି । ୧୦ ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବେ ବୋଲି ସେମାନେ କହିଛନ୍ତି ।

### ଧାର୍ଯ୍ୟ ସମୟ ମଧ୍ୟରେ ଆଦେଶ କାର୍ଯ୍ୟକାରୀ ନହେଲେ

# ଗଣଶିକ୍ଷା ସଚିବଙ୍କୁ ପ୍ରତିଦିନ ଦେବାକୁ ପଡ଼ିବ ୫ହଜାର

କଟକ,(ସବ୍ୟୁ): ଏକ ଅଦାଲତ ଅବମାନନା ମାମଲାରେ ଗଣଶିକ୍ଷା ବିଭାଗ ପକ୍ଷରୁ ଅଦାଲତଙ୍କ ଆଦେଶକୁ ତିନି ସପ୍ତାହ ମଧ୍ୟରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା । ଯଦି ଏହି ଧାର୍ଯ୍ୟ ସମୟ ମଧ୍ୟରେ ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରାନଯାଏ ଏହାପର ମାସଠାରୁ ଗଣଶିକ୍ଷା ସଚିବ ଡ. ଏନ୍. ଥିରୁମାଲା ନାୟକଙ୍କୁ ଦୈନିକ ୫ହଜାର ଟଙ୍କା ଲେଖାଏଁ ଦେବାକୁ ପଡ଼ିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ଅର୍ଥ ଗଣଶିକ୍ଷା ସଚିବ ନିଜ ପକେଟ୍‌ରୁ ପ୍ରଦାନ କରିବେ । ଦୀପକ କୁମାର ବେହେରାଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ କେ.ଏସ୍. ଦୀକ୍ଷିତ ଏହି ଆଦେଶ ଦେଇଛନ୍ତି ।

# ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ ବିରୁଦ୍ଧରେ ଛାତ୍ର ବିକ୍ଷୋଭ

କଟକ, (ସବ୍ୟୁ):ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତକାଲି ରାଜ୍ୟର ସମସ୍ତ କଲେଜ,ବିଶ୍ୱବିଦ୍ୟାଳୟମାନଙ୍କରେ ଚରମ ଛାତ୍ର-ଶିକ୍ଷକ ବିରୋଧୀ ଅଗଣତାନ୍ତ୍ରିକ ଆଦର୍ଶ ଆଚରଣ ସଂହିତା ଲାଗୁ କରାଯାଇଛି । ଏହି ସଂହିତା ଅନୁଯାୟୀ, କ୍ୟାମ୍ପସ ମଧ୍ୟରେ କୌଣସି ସଭା, ସମିତି, ସମାବେଶ, ଆନ୍ଦୋଳନ କିମ୍ବା ହରତାଳ କରିବାକୁ ହେଲେ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ହେବ । ଏହି ଆଚରଣ ସଂହିତାକୁ ତୁରନ୍ତ ପ୍ରତ୍ୟାହାର କରିବା, ଶିକ୍ଷାନୁଷ୍ଠାନ ମଧ୍ୟରେ ଗଣତାନ୍ତ୍ରିକ ଓ ଶୈକ୍ଷିକ ବାତାବରଣକୁ ସୁରକ୍ଷା ଦେବା, ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ପାଇଁ ଘୋଷଣା କରିବା ଆଦି ଦାବିରେ ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ(ଏଆଇଡିଏସଓ) କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଛି । ଏଠାରେ ଉଲ୍ଲେଖଯୋଗ୍ୟ ରାଜ୍ୟ ବିଜେପି ସରକାର କ୍ଷମତାକୁ ଆସିବାପରେ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ଚରମ ଦୁର୍ଦ୍ଦଶା ମଧ୍ୟଦେଇ ଗତି କରୁଛି । ଶିକ୍ଷା ଓ ସଭ୍ୟତା ବିରୋଧୀ ଜାତୀୟ ଶିକ୍ଷା ନୀତି-୨୦୨୦କୁ ଲାଗୁ କରାଯାଇଛି । ଫଳରେ ପାଠ ପଢ଼ା ଠାରୁ ଆରମ୍ଭ କରି ପରୀକ୍ଷା ଫଳ ପ୍ରକାଶନରେ ବ୍ୟାପକ ଅବ୍ୟବସ୍ଥା ସୃଷ୍ଟି ହୋଇଛି ।ହଜାର ହଜାର ସଂଖ୍ୟାରେ ଅଧ୍ୟାପକ, ପ୍ରଫେସର ଓ ଶିକ୍ଷା କର୍ମଚାରୀ ପଦବୀ ଖାଲି ପଡ଼ିବା ଓ ଫିସ ବୃଦ୍ଧି, ବିଭିନ୍ନ ସାଧାରଣ କୋର୍ସକୁ ସେଲ୍ଫଫାଇନାନ୍ସରେ ପରିଣତ କରିବା, ହଷ୍ଟେଲ ଅଭାବ, ଲାଇବ୍ରେରୀ ଓ ଲାବ୍ରୋଟରୀର ଅବ୍ୟବସ୍ଥା, ଗବେଷଣାର ଅନୁଦାନ ହ୍ରାସ ଭଳି ବହୁବିଧ ସମସ୍ୟା ଆହୁରି ଜଟିଳ ରୂପ ଧାରଣ କରିଛି । ରାଜ୍ୟରେ ଶିକ୍ଷାଦାନ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ହେବାକୁ ବସିଲାଣି । ଏଣୁ ଏହି ସମସ୍ୟା ବିରୁଦ୍ଧରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନ ସଂଗଠିତ କରୁଛନ୍ତି । ଏହି ଆନ୍ଦୋଳନକୁ ଅଙ୍କୁରେ ବିନାଶ କରିବା ପାଇଁ ରାଜ୍ୟ ସରକାର ବିଜେପି ଗୋଟିଏ ପଟେ ଛାତ୍ରସଂସଦ ନିର୍ବାଚନକୁ ବନ୍ଦ କରି ଦେଇଛନ୍ତି ଏବଂ ଫାଶୀବାଦୀ ଆଚରଣ ସଂହିତା ଲାଗୁ କରିଛନ୍ତି । ଏଠାରେ ସୁଚନାଯୋଗ୍ୟ, ପ୍ରତିବାଦ କରିବା, ଭିନ୍ନମତ ପୋଷଣ କରିବା, ସଂଗଠନ ତିଆରି କରିବା ଇତ୍ୟାଦି ହେଉଛି ପ୍ରତ୍ୟକ ନାଗରିକର ମୌଳିକ ଗଣତାନ୍ତ୍ରିକ ଅଧିକାର ।

# ଲଙ୍ଗଳକଣ୍ଟିରେ ଅଣ୍ଡରପାସ୍ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, (ସବ୍ୟୁ): ସଡ଼କ ସୁରକ୍ଷାରେ ଉନ୍ନତି ଆଣିବା ଏବଂ ଟ୍ରାଫିକ୍‌ଗତିକୁ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଲଙ୍ଗଳାକାଣ୍ଟି ଠାରେ ନୂତନ ଏନ୍‌ଏଚ୍-୨୦ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସ୍ ର ଉଦଘାଟନ କରିଛନ୍ତି। ଏହି ଅଣ୍ଡରପାସ୍ ଏନ୍‌ଏଚ୍-୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ। ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚଳର ଟ୍ରାଫିକ ହ୍ରାସ କରିବ।

ଲଙ୍ଗଳକଣ୍ଟିରେ ଅବସ୍ଥିତ ଏହି ଅଣ୍ଡରପାସ୍ , ଟିକିରା, ଢେଙ୍କିକୋଟ ଏବଂ ବାରବେଡା ଭଳି ନିକଟବର୍ତ୍ତୀ ଅଞ୍ଚଳରୁ ଟ୍ରାଫିକ ହ୍ରାସ କରିବ। ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ଏହି ଉଦଘାଟନ ସମଗ୍ର ଓଡ଼ିଶାରେ ଭିତ୍ତିଭୂମି ବିକାଶ ଏବଂ ସଡ଼କ ସୁରକ୍ଷା ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଆଉ ଏକ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ନିଶ୍ଚିନ୍ତକୋଇଲି, (ସବ୍ୟୁ): ନିଶ୍ଚିନ୍ତକୋଇଲି ବ୍ଲକ କଟିକଟା ପଞ୍ଚାୟତ ବ୍ରଜରାଜପାଟଣା ଗ୍ରାମରେ ଜଣେ ଯୁବକଙ୍କ ଉପରେ ମରଣାନ୍ତକ ଆକ୍ରମଣ କରାଯାଇଥିବାର ଅଭିଯୋଗ ହୋଇଛି । ବ୍ରଜରାଜପାଟଣା ଗ୍ରାମର ରମାକାନ୍ତ ଖଟୁଆ ଗତ ୯ତାରିଖ ରାତ୍ରରେ ଗ୍ରାମରେ ଥିବା ମହାପୁରୁଷଙ୍କ ପୀଠ ନିକଟରେ ଥିବା ଏକ ଦୋକାନରେ ବସି ଚା ପିଉଥିଲେ । ଏହି ସମୟରେ ସ୍ଥାନୀୟ ଗ୍ରାମର ସପନ ଗିରି ଦୋକାନରେ ପହଂଚି ରମାକାନ୍ତଙ୍କୁ ବାହାରକୁ ଡାକିବା ସହ ଅତ୍ୟନ୍ତ ଅଶାଳୀନ ଭାଷାରେ ଗାଳି ଗୁଲଜ କରିଥିଲା । ଏପରିକି ରମାକାନ୍ତଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲା । ରମାକାନ୍ତଙ୍କ ଉପରେ ହାଇଓ୍ୱା ଗାଡି ଚଢାଇ ଜୀବନରେ ମାରିଦେବାକୁ ସପନ ଧମକ ଚମକ ଦେବା ସହ ଭୟଭୀତ କରାଉଥିବାର ଅଭିଯୋଗ ହୋଇଛି ।

# ସମ୍ଭାବ୍ୟ ନୋଡାଲ କେନ୍ଦ୍ର ଭାବେ ଏଆଇସିଟିଇ ସ୍ୱୀକୃତି ହାସଲ କଲା ଆଇଆଇଏମ୍‌ଟି

ଭୁବନେଶ୍ୱର, (ସବ୍ୟୁ) : ଇଣ୍ଟରସାଇନ୍ସ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ଆଣ୍ଡ ଟେକ୍ନୋଲୋଜି (ଆଇଆଇଏମଟି) ଭୁବନେଶ୍ୱରକୁ ଅଖିଳ ଭାରତ ବୈଷୟିକ ଶିକ୍ଷା ପରିଷଦ ଦ୍ୱାରା ସାର୍ବଜନୀନ ମାନବ ମୂଲ୍ୟବୋଧ ପାଇଁ ଏକ ସମ୍ଭାବ୍ୟ ନୋଡାଲ କେନ୍ଦ୍ର ଭାବରେ ମାନ୍ୟତା ଦିଆଯାଇଛି। ଏହି ସ୍ୱୀକୃତି ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ମୂଲ୍ୟବୋଧ ଆଧାରିତ ଶିକ୍ଷା ଏବଂ ସାମଗ୍ରିକ ବିକାଶ ପ୍ରଦାନ କରିବା ପାଇଁ ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି। ଏହି ଅବସରରେ ସାମଗ୍ରିକ ମାନବ ମୂଲ୍ୟବୋଧ ସେଲର ପ୍ରତିନିଧିମାନେ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ।



ପ୍ରତିନିଧି ଦଳରେ ଜାତୀୟ ପ୍ରେରଣା କାର୍ଯ୍ୟକ୍ରମ ପାଇଁ ସମନ୍ୱୟ କମିଟି (ଏନସିସିଆଇପି) ର ସଦସ୍ୟ ଡକ୍ଟର ଦିଲ୍ଲୀପ ଦେବନାଥ, ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ, ନୂଆଦିଲ୍ଲୀ ଏବଂ ଆଞ୍ଚଳିକ ସଂଯୋଜକ ପୂର୍ବ କ୍ଷେତ୍ରର ରବୀନ୍ଦ୍ର କୁମାର ରାଉତ, ୟୁଏଚଭିର ସ୍ୱେଚ୍ଛାସେବୀ ଏବଂ ପୂର୍ବ କ୍ଷେତ୍ରର ଆଞ୍ଚଳିକ ସଂଯୋଜକ ଡକ୍ଟର ସତ୍ୟରଞ୍ଜନ ଜେନା, ଡକ୍ଟର ତାରାପ୍ରସନ୍ନ ଦାସ ଏବଂ ଡକ୍ଟର ଆର.କେ. ମହାନ୍ତି ସା ମିଲ ଥିଲେ। ଏହି ପରିଦର୍ଶନ ଆଇଆଇଏମଟିର ଏକ ଟିମ୍ ବୈଠକ ସହିତ ଆରମ୍ଭ ହୋଇଥିଲା । ଆଲୋଚନାରେ ଅନୁଷ୍ଠାନର ଦୃଷ୍ଟିକୋଣ, ମିଶନ ଏବଂ ଉଚ୍ଚଶିକ୍ଷାରେ ସାର୍ବଜନୀନ ମାନବିକ ମୂଲ୍ୟବୋଧର ସମନ୍ୱୟ ପ୍ରତି ନିରନ୍ତର ପ୍ରତିବଦ୍ଧତା ଉପରେ ଧ୍ୟାନ ଦିଆଯାଇଥିଲା। ଏହା ପରେ ୟୁଏଚଭି-୨ ପାଠ୍ୟକ୍ରମ କାର୍ଯ୍ୟାନ୍ୱୟନର ଏକ ବ୍ୟାପକ ସମୀକ୍ଷା କରାଯାଇଥିଲା। ଅଧ୍ୟାପକ ସଦସ୍ୟମାନେ ସାର୍ବଜନୀନ ମାନବିକ ମୂଲ୍ୟବୋଧ ଶିକ୍ଷା ପ୍ରଦାନକୁ ସୁଦୃଢ଼ କରିବା ପାଇଁ ସେମାନଙ୍କର ଅଭିଜ୍ଞତା, ସର୍ବୋତ୍ତମ ଅଭ୍ୟାସ ଏବଂ ଭବିଷ୍ୟତର ରୋଡମ୍ୟାପ୍ ବାଣ୍ଟିଥିଲେ।

### ବାରବାଟି ଫୁଡ୍ କୋର୍ଟ କାର୍ଯ୍ୟର ସମୀକ୍ଷା କଲେ ମେୟର ଏବଂ କମିସନର

# ମେ ୩୧ ସୁଧା ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପାଇଁ ଦେଲେ ନିର୍ଦ୍ଦେଶ

କଟକ , (ସବ୍ୟୁ) ବାରବାଟୀ ଫୁଡ଼ କୋର୍ଟ ର ସମୀକ୍ଷା କରିଥିଲେ ମେୟର ସୁବାଷ ସିଂ, କମିସନର ସୁଶ୍ରୀ କିରଣଦୀପ କୌର ସହୋତା । ଶନିବାର ସକାଳେ ଶ୍ରୀ ସିଂ ଦୁଇବର୍ଷ ତଳେ ମହାନଗର ନିଗମ ପକ୍ଷରୁ ୬କୋଟି ୬୬ଲକ୍ଷ ଟଙ୍କା ବିନିଯୋଗ ରେ ହେଉଥିବା କାର୍ଯ୍ୟ ର ତଦାରଖ କରିଥିଲେ ଯାହା ଟୋଟାଲ ସାଇଟ ଜାଗା ୫୦୦୦ ବର୍ଗ ମିଟର ଭିତରେ ଏକ ବଡ ପରିକଳ୍ପନା କରାଯାଇ ବାରବାଟୀ ଫୁଡ଼ କୋର୍ଟ ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା ଯେଉଁଥିରେ ୮୮ଟି ଦୋକାନ ଘର ରହିବାର ବ୍ୟବସ୍ଥା ଅଛି । ପ୍ରଥମ ପର୍ଯ୍ୟାୟ ରେ ୪୫ଟି ଦିକନା ଘର ଲଟେରୀ ଯୋଗେ ବଣ୍ଟନ କରାଯାଇ ଅଛି ଏବଂ ଗତ ଏପ୍ରିଲ ୪ତାରିଖ ରୁ ଏପ୍ରିଲ ୨୪ ତାରିଖ ପର୍ଯ୍ୟନ୍ତ ଅନଲାଇନ ଆବେଦନ ପ୍ରକ୍ରିୟା ଚାଲିଛି ଯେଉଁଥିରେ ଦୋକାନୀ ଭାଇ ମାନେ ଆବେଦନ କଲାପରେ ସର୍ତ୍ତ ପୁରାଣ କରିଥିବା ଆବେଦନ କରି ଙ୍କୁ ୩୮ଟି ଘର ପ୍ରଦାନ କରାଯିବ ।ଏହି କାର୍ଯ୍ୟ ମେ ୩୧ ଶୁଦ୍ଧା ଶେଷ ହେବ ବୋଲି ମେୟର ପ୍ରତିଶୃତି ଦେଇଛନ୍ତି । ଏହି ପ୍ରକଳ୍ପ ଟିର ଚାରିପଟ ଲୁହାବାଡ଼ ଦିଆଯାଇ ଗୋଟିଏ ପ୍ରବେଶ ପଥ ରହିଛି , ଦୋକାନୀ ଭାଇ ମାନେ ତାଙ୍କ ଜିନିଷପତ୍ର କିପରି ସହଜ ରେ ନେବାଆଣିବା କରିପାରିବେ ଏହାର ବ୍ୟବସ୍ଥା କରାଯାଇଛି । ସୌନ୍ଦର୍ଯ୍ୟକାରଣ ନିମନ୍ତେ ବିଭିନ୍ନ ପ୍ରକଟ ବୃକ୍ଷରୋପଣ କରାଯାଇଅଛି । ଏଠାରେ ୨ଟି ଆଧୁନିକ ଶୌଚାଳୟ ସହିତ ହାତ ଧୋଇବା ପାଇଁ ସ୍ଥାନ, ପାନୀୟ ଜଳ ର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ଏଠାରେ ଏକାଥରେ ୨୦୦ଜଣ ଲୋକ ବସି ଖାଦ୍ୟ ଖାଇପାରିବେ ଏବଂ ଏଠାରେ ଥିବା ପର୍କିଙ୍ଗ ଜାଗା ରେ ୫୦ରୁ ଉର୍ଦ୍ଧ କାର ଏବଂ ବାଇକ୍ ରହିପାରିବା ର ବ୍ୟବସ୍ଥା କରାଯାଇଅଛି । ଆଗାମୀ ଦିନ ରେ ମହାନଦୀ ରିଭର୍ ଫ୍ରଣ୍ଟ ନାମ ରେ ୨୧୦କୋଟି ଟଙ୍କା ର ଏକ ବଡ ପ୍ରକଳ୍ପ ର ଟେଣ୍ଡର ପକ୍ରିୟା ଆରମ୍ଭ ହେଇଛି , ଯାହା ପୂର୍ଣ୍ଣାଙ୍ଗ ହେଲେ ପ୍ରତିଦିନ କଟକ ବାହାରୁ ୨୦୦୦୦ ଲୋକ ଏହି ଜାଗା କୁ ପରିଦର୍ଶନ ପାଇଁ ଆସିବେ ଏବଂ ଏହି ବାରବାଟୀ ଫୁଡ଼ କୋର୍ଟ ରେ ଲୋକ ମାନଙ୍କ ଆଗମନ ବଢିବ ।

## ଜାତ ମୁଣ୍ଡିଆ ବ୍ରିଜ ଉପରେ ଓଲଟିଲା ଗୋରୁ ବୋଝେଇ ଗାଡି

ବାଙ୍କୀ (ସବ୍ୟୁ): ଶୁକ୍ରବାର ଭୋର୍ ପ୍ରାୟ ଚାରି ଘଣ୍ଟା ସମୟ ରେ ଗୋରୁ ବୋଝେଇ ପିକଅପ ଗାଡି ଦୃତ ଗତିରେ ଜାତମଣ୍ଡିଆ ପଟୁ ତିଗିରିଆ ଆଡ଼କୁ ଯାଉଥିବା ବେଳେ ବାଙ୍କୀ ଥାନା ଅନ୍ତର୍ଗତ ଜାତ ମୁଣ୍ଡିଆ - ସୁବର୍ଣ୍ଣପୁର ବ୍ରିଜ ଉପରେ ଓଲଟିଲା ଗୋରୁ ବୋଝେଇ ପିକ ଅପ ଭ୍ୟାନ ।ବ୍ରିଜର ରାସ୍ତା ମଝିରେ ପିକଅପ ଭ୍ୟାନ ଓଲଟି ପଡ଼ିବାରୁ ରାସ୍ତାରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା । ବାଙ୍କୀ ପୋଲିସ ଓଲଟି ପଡ଼ିଥିବା ଗାଡ଼ି କୁ ରାସ୍ତାରୁ ହଟାଇ ଗୋରୁଙ୍କୁ ଉଦ୍ଧାର କରୁ ଥିବା ବେଳେ ସେହି ରାସ୍ତାରେ ପୁଣି ଆଉ ଦୁଇଟି ଗୋରୁ ବୋଝେଇ ପିକଅପ ଗାଡି ଆସୁଥିବା ବେଳେ ବଜରଙ୍ଗ ଦଳ କର୍ମୀ ପିଛା କରି ବ୍ରିଜ ଉପରେ ଅଟକାଇ ଥିଲେ । ପିକ ଅପ ଭ୍ୟାନ ଦୁଇଟି କୁ ଅଟକାଇ ପୋଲିସ ଜବତ କରିଛି ପୋଲିସ । ତିନି ଗୋଟି ଗାଡି ରୁ ୩୫ ଗୋରୁ ଙ୍କୁ ଉଦ୍ଧାର କରିଛି ପୋଲିସ ।ଘଟଣା ସ୍ଥଳରେ ବାଙ୍କୀ ପୋଲିସ ଓ ଡମପଡ଼ା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ଗୋରୁଙ୍କୁ ଉଦ୍ଧାର କରିବା ସହିତ ଯାତାୟାତ କରିବା ପାଇଁ ରାସ୍ତା ଖୋଲଥିଲେ । ଗୋଟିଏ ଗାଡ଼ି ଗତି ରେ ପଳାଇ ଯାଇଥିବା ବେଳେ ଏବେ ଦୁଇଟି ଗାଡି ପୋଲିସ ଜବତ କରିବା ସହିତ ଜଣକୁ ଅଟକ ରଖିଛି ବାଙ୍କୀ ପୋଲିସ ।

# ଓଡ଼ିଆ ପକ୍ଷ ପାଳନ ଓଡ଼ିଆ ଅସ୍ମିତାକୁ ଋଦ୍ଧିମନ୍ତ କରିବ

ପୁରୀ, (ସବ୍ୟୁ) : ଜିଲ୍ଲା ପ୍ରଶାସନ (ଜିଲ୍ଲା ସଂସ୍କୃତି ପରିଷଦ),ପୁରୀ ଓ ଶ୍ରୀଗୁଣ୍ଡିଚା ଆଧ୍ୟାତ୍ମିକ ଟ୍ରଷ୍ଟ ଓଡିଶା, ପୁରୀଙ୍କ ସହଭାଗୀତାରେ ଶନିବାର ୟୁଥ ହଷ୍ଟେଲ ପରିସରରେ ଓଡ଼ିଆ ପକ୍ଷ ପାଳନର ଏକାଦଶ ଦିବସ ଅବସରରେ ଅମୃତପିଢ଼ି ସାରସ୍ୱତ ସମାରୋହ ଉଦଘାଟିତ ହୋଇଛି । ଏଥିରେ ମୁଖ୍ୟଅତିଥି ଭାବେ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ଯୋଗଦେଇ କହିଥିଲେ ଯେ ଓଡ଼ିଆ ପକ୍ଷ ପାଳନ ଏକ ଚମତ୍କାର ପଦକ୍ଷେପ ।ଏହାଦ୍ୱାରା ବର୍ତ୍ତମାନ ର ଯୁବପିଢ଼ି ଆମର ମହାନ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଅବଗତ ହେବା ସହ ନିଜକୁ ଗର୍ବିତ ଅନୁଭବ କରିବେ ।ଆମ ଅସ୍ମିତା ର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି ଓଡ଼ିଆ ପକ୍ଷ ପାଳନ ଏକ ଉପଯୁକ୍ତ ମାର୍ଗଦର୍ଶିକା ହୋଇ ପାରିବ ବୋଲି ସେ କହିଥିଲେ। ବିଶିଷ୍ଟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଯୋଗ ଦେଇଥିଲେ । ଏହା ଏକ ବହୁତ ଭଲ ପଦକ୍ଷେପ ଓ ନୂତନ ସମ୍ଭାବନାକୁ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥିଭାବେ ଲେଖକ ଲକ୍ଷ୍ମୀଧର ଜେନା, ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, କଥାକାର ବଦ୍ରି



ମିଶ୍ର, ଟ୍ରଷ୍ଟର ସମ୍ପାଦକ ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ, ଜିଲ୍ଲା ସୂଚନା ଲୋକ ସମ୍ପର୍କ ବିଭାଗ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ମଂଚାସୀନ ଥିଲେ। ଏହି ଅବସରରେ ସାହିତ୍ୟିକ ଲକ୍ଷ୍ମୀଧର ଜେନାଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସନ୍ଦୀପ କର୍ମକାର ।

# ନଗର କଂଗ୍ରେସର ନବନିଯୁକ୍ତ ସଭାପତିଙ୍କ ବନ୍ଧୁମିଳନ

କଟକ(ସବ୍ୟୁ):କଟକ ନଗର (ଜିଲ୍ଲା) କଂଗ୍ରେସ ର ନବନିଯୁକ୍ତ ସଭାପତି ସାନ୍ତାୟନ ମିଶ୍ର ଆଜି କଟକ ସହରର ପ୍ରସିଦ୍ଧ ପଞ୍ଚମୁଖୀ ହନୁମାନ ମନ୍ଦିରରେ ପୂଜାପାଠ କରିବା ସହ ପ୍ରସାଦ ସେବନ ଆଳରେ ଏକାଠି ହୋଇଥିଲେ ହଜାରେ ରୁ ଉର୍ଦ୍ଧ୍ୱ କଂଗ୍ରେସ କର୍ମୀ ଓ ଶୁଭେଚ୍ଛୁ ମାନେ । କଟକ ନଗର କଂଗ୍ରେସ ଅଧିନସ୍ଥ ସମସ୍ତ ୫୯ଗୋଟି ୱାର୍ଡ ଓ ୯ଗୋଟି ବ୍ଲକ୍ ରୁ ସମସ୍ତ



ୱାର୍ଡ କର୍ମକର୍ତ୍ତା,ବ୍ଲକ୍ କର୍ମକର୍ତ୍ତା,ସହ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ । ଆଜିର ଏହି ବନ୍ଧୁମିଳନ ରେ କୌଣସି ବୈଠକ ହୋଇନଥିଲେ ମଧ୍ୟ କେବଳ ପୂଜାପାଠ ଓ ପ୍ରସାଦ ସେବନ ଆଳରେ ସଂଗଠନର ପ୍ରଥମ ମୂଳଦୁଆ ପଡ଼ିଥିବା ଆଲୋଚନା ହୋଇଥିଲା ।ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରାକ୍ତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ଆଇଏନଟିୟୁସି ର ରାଷ୍ଟ୍ରୀୟ ସମ୍ପାଦକ ମାନସ ଚୌଧୁରୀ,ପୂର୍ବତନ ବିଧାୟକ ରବି ମଲ୍ଲିକ,ପିସିସି ସୋସିଆଲ ମିଡିଆ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି,ଙ୍କ ସମେତ କର୍ପୋରେଟରମାନେ ଯୋଗଦେଇ ନବନିଯୁକ୍ତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇବା ସହ ଆଗକୁ ସାନ୍ତାୟନ ମିଶ୍ରଙ୍କ ନେତୃତ୍ୱରେ କଟକ ସହରରେ କଂଗ୍ରେସ ମଜବୁତ୍ ହେବା ସହ ଆଗକୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ଦୁର୍ବାର ଆନ୍ଦୋଳନ ହେବ ବୋଲି ସଭାପତି କହିଥିଲେ ।

## ନିକୁଞ୍ଜ ପଟ୍ଟନାୟକ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ



ଖୋର୍ଦ୍ଧା, (ସବ୍ୟୁ): ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଆଜି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ସ୍ଥାୟୀ ନିମନ୍ତ୍ରିତ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ସେଥି ମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ବରିଷ୍ଠ ବିଜେପି ନେତା ତଥା ବିଜେପିର ଜଣେ ଜଣା ଶୁଣା ସକ୍ରିୟ ସଦସ୍ୟ ନିକୁଞ୍ଜ କିଶୋର ପଟ୍ଟନାୟକଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନିତ କରାଯାଇଛି। ଶ୍ରୀ ପଟ୍ଟନାୟକ ୧୯୭୫ରୁ ୧୯୯୪ ପର୍ଯ୍ୟନ୍ତ ରାଷ୍ଟ୍ରିୟ ସ୍ୱୟ ସେବକ ସଂଘର ଓଡ଼ିଶା ପ୍ରଦେଶ ପ୍ରାନ୍ତ ସେବା ପ୍ରମୁଖ ଭାବରେ କାର୍ଯ୍ୟ କରିଥିବା ବେଳେ ୧୯୯୪ ମସିହାରୁ ଆଜି ପର୍ଯ୍ୟନ୍ତ ରାଜ୍ୟ ବିଜେପି ପାଇଁ ସକ୍ରିୟ ଭାବେ ନିଜକୁ ଉତ୍ସର୍ଗିକୃତ କରି ସୁଚାରୁ ରୂପେ ଦଳର କାର୍ଯ୍ୟ ତୁଲାଇ ଆସୁଛନ୍ତି। ୨୦୦୬-୨୦୦୯ ପର୍ଯ୍ୟନ୍ତ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ଭାବେ ମନୋନିତ ହୋଇ ଶ୍ରୀ ପଟ୍ଟନାୟକ ଦଳକୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ୨୦୦୯-୨୦୧୨ ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ ପ୍ରଭାରୀ ଭାବେ କାର୍ଯ୍ୟ କରି କର୍ମୀମାନଙ୍କୁ ସୁସଂଗଠିତ କରିଥିଲେ।

# ଡ଼ିଭାଇନ୍ ଟ୍ୟାଲେଣ୍ଟ ହଣ୍ଟ-୨୦୨୬ ଅନୁଷ୍ଠିତ

ଭୁବନେଶ୍ୱର (ସବ୍ୟୁ): ଡିଭାଇନ୍ ଡ୍ୟାନ୍ସ ଓ ମ୍ୟୁଜିକ୍ ଏକାଡ଼େମୀ ଦ୍ୱାରା ଏକ ରାଜ୍ୟସ୍ତରୀୟ ପ୍ରତିଯୋଗିତା “ଡାଇନ୍ ଟ୍ୟାଲେଣ୍ଟ ହଣ୍ଟ -୨୦୨୬”, ସ୍ଥାନୀୟ ଭଞ୍ଜକଳା ମଣ୍ଡପ ଠାରେ ଅନୁଷ୍ଠିତ ହୋଇ ଯାଇଛି । ଆଜିର ପ୍ରତିଯୋଗିତା ଚିତ୍ରାଙ୍କନ, ରାଇମସ୍, ସାଧାରଣ ଜ୍ଞାନ, ଫେସନ୍ ଶୋ ଓ ଆଧୁନିକ ନୃତ୍ୟ ବିଭାଗରେ ହୋଇଥୁଲା । ଏଥିରେ ବିଭିନ୍ନ ବୟସ ବର୍ଗର ପ୍ରାୟ ୪୦୦ରୁ ଉଦ୍ଧ ପ୍ରତିଯୋଗୀ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସି ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ଏହାକୁ ଉଦ୍‌ଘାଟନ କରିଥିଲେ ଇନ୍‌ଡ୍ରସ୍ଟେଲ୍ ଇଂଜିନିୟରିଂ ପ୍ରାଇଭେଟ୍ ଲିମିଟେଡ୍ ପରିଚାଳନା ନିର୍ଦ୍ଦେଶକ ଆର.କେ. ଦେ, ବିଶିଷ୍ଟ ଓଡ଼ିଶୀ ନୃତ୍ୟଗୁରୁ ଓଡ଼ିଶା ସଙ୍ଗିତ ନାଟକ ଏକାଡ଼େମୀ ଆୱାର୍ଡ ବିଜେତା ଶ୍ରୀମତି ପୁଷ୍ପିତା ମିଶ୍ର ଓ ଅନୁଷ୍ଠାନର ମୁଖ୍ୟ ପରିଚାଳିକା ଚନ୍ଦ୍ରିକା ଦାଶ । ଆଧୁନିକ ନୃତ୍ୟ ପ୍ରତିଯୋଗିତାରେ ବିଚାରକ ମଣ୍ଡଳୀରେ ଥିଲେ ବିଶିଷ୍ଟ କୋରିଓଗ୍ରାଫର ହରିହର ଦାଶ, ଗୌତମ ଇଟାଚାର୍ଯ୍ୟ ) ମି. ଦିବ୍ୟ ଜ୍ୟୋତି (ପପିଙ୍ଗ ଦିବ୍ୟ), ମିସ୍ ପୂଜା




ଏବଂ ମି. ବିରଞ୍ଚୀ (ବାପୁ ସାର) ଓ ମିସ୍ ସନ୍ତୋଷିନୀ । ଡିଭାଇନ୍ ଟ୍ରଷ୍ଟ ଫର ଭିଜନ ଆଣ୍ଡ ଭାଲ୍ୟୁଜ୍‌ର ମ୍ୟାନେଜିଙ୍ଗ ଟ୍ରଷ୍ଟି ବିଜୟ କୁମାର ଦାଶ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ସମ୍ଭାବୀ ସୁରୁଚିର ଶୁଭାରମ୍ଭ: ସ୍ୱାଦ ଓ ସ୍ୱାବଲମ୍ବନ



ଭୁବନେଶ୍ୱର, (ସବ୍ୟୁ) : ହମାରା ବଚ୍‌ପନ ଟ୍ରଷ୍ଟ ଭୁବନେଶ୍ୱରର କନ୍ଧ ସାହିଠାରେ ସଫଳତାର ସହିତ ଏହାର ସାମାଜିକ ଉଦ୍ୟୋଗ ‘ସମ୍ଭାବୀ ସୁରୁଚି: ସ୍ୱାଦ ଓ ସ୍ୱାବଲମ୍ବନ”ର ଶୁଭାରମ୍ଭ କରିଛି। ଏହି ପ୍ରୟାସ ମହିଳା ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କ ପାଇଁ ନିରାପଦ, ସ୍ୱାସ୍ଥ୍ୟପ୍ରଦ ଏବଂ ଗୁଣାତ୍ମକ ଖାଦ୍ୟ ଅଭ୍ୟାସଗୁଡିକ ପ୍ରୋତ୍ସାହିତ କରିତଥା ସେମାନଙ୍କର ଜୀବିକାକୁ ସୁଦୃଢ କରି ସେମାନଙ୍କୁ ସଶକ୍ତ କରିବାକୁ ଲକ୍ଷ୍ୟ ରଖିଛି। ଏହି ସିଏସ୍‌ଆର-ସମର୍ଥିତ ପ୍ରୟାସକୁ ଡାଇଭର୍ସିଫାଏଡ ଏନର୍ଜି ସଲ୍ୟୁସନ୍ସ ପ୍ରାଇଭେଟ ଲିମିଟେଡ (ଡିଇଏସ୍‌ପିଏଲ) ସମର୍ଥନ ଯୋଗାଇ ଦେଉଛି। ସୁରୁଚି ଉଦ୍ୟୋଗ ମହିଳା କ୍ଷୁଦ୍ର ଖାଦ୍ୟ ବିକ୍ରେତାଙ୍କୁ ସମର୍ଥନ ଯୋଗାଇଚଦେଇ ସେମାନଙ୍କୁ ଅସଂଗଠିତ କ୍ଷେତ୍ରରୁ ଇଜ୍ଜତଦାର, ଦୀର୍ଘସ୍ଥାୟୀ ଏବଂ ସଂଗଠିତ ଜୀବିକା ଉପାର୍ଜନ ଆଡକୁ ରୂପାନ୍ତରଣ କରିବା ନିମନ୍ତେ ଡିଜାଇନ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୫୦ ଜଣ ମହିଳା ରାସ୍ତାକଡ ଖାଦ୍ୟ ବିକ୍ରେତାଙ୍କୁ ଏହି ପ୍ରୟାସ ଅଧୀନରେ ସାମିଲ କରାଯାଇଥିଲା। ସେମାନଙ୍କୁ ସମ୍ଭାବୀ ସୁରୁଚି ଅଧୀନରେ ପଞ୍ଜିକୃତ କରାଯିବା ସହିତ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟକର ମାନକ ଏବଂ ଉନ୍ନତ ବ୍ୟବସାୟିକ କାର୍ଯ୍ୟାଭ୍ୟାସ ସମ୍ପର୍କରେ ଅବଗତ କରାଯାଇଥିଲା।

### ଥିଙ୍କ୍ ଚେଞ୍ଜ ଫୋରମ୍- ବିସିକେଆଇସି ସେମିନାର

# ଆଲୁମିନିୟମ୍ ନେତୃତ୍ୱାଧୀନ ରଣନୀତି ପାଇଁ ବିଶେଷଜ୍ଞଙ୍କ ଆହ୍ୱାନ

ଭୁବନେଶ୍ୱର, (ସବ୍ୟୁ) ଥିଙ୍କ୍ ଚେଞ୍ଜ ଫୋରମ୍ ଭୁବନେଶ୍ୱର ସିଟି ନଲେଜ୍ ଇନୋଭେସନ୍ କ୍ଲଷ୍ଟର ଫାଉଣ୍ଡେସନ୍ (ବିସିକେଆଇସି), ଭାରତ ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତାଙ୍କ କାର୍ଯ୍ୟାଳୟ ସହ ସହଭାଗୀତାରେ “ଭବିଷ୍ୟତର ଶିଳ୍ପରେ ବିଶ୍ୱସ୍ତରରେ ନେତୃତ୍ୱ ନେବା ପାଇଁ ଓଡ଼ିଶାର ରଣନୈତିକ ସୁଯୋଗ” ଶୀର୍ଷକ ଏକ ନୀତି ସେମିନାର ଆୟୋଜନ କରିଥିଲା, ଯାହା ନୀତି, ଶିଳ୍ପ, ବିଜ୍ଞାନ, ଖଣି ଏବଂ ପରିବେଶଗତ ଶାସନର ବିଶେଷଜ୍ଞମାନଙ୍କୁ ଆଲୁମିନିୟମ୍, ବକ୍ସାଇଟ୍ ଏବଂ ଦୃଢ଼ ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ମାଧ୍ୟମରେ ଓଡ଼ିଶା କିପରି ଏହାର ପରବର୍ତ୍ତୀ ପର୍ଯ୍ୟାୟ ଶିଳ୍ପ ଅଭିବୃଦ୍ଧି ନିର୍ମାଣ କରିପାରିବ ସେ ବିଷୟରେ ଆଲୋଚନା କରିବା ପାଇଁ ଏକତ୍ରିତ କରିଥିଲା। ସେମିନାରରେ ଶିଳ୍ପ ଗଭୀରତା, ଉତ୍ପାଦନ ପ୍ରତିଯୋଗିତା, ନିଯୁକ୍ତି, ସ୍ଥାୟୀତ୍ୱ ଏବଂ ସନ୍ତୁଳିତ ଆଂଚଳିକ ଅଭିବୃଦ୍ଧିର ଏକ ବାହକ ଭାବରେ ଆଲୁମିନିୟମ୍ ଇକୋସିଷ୍ଟମକୁ ସୁଦୃଢ଼ କରି ଓଡ଼ିଶା କିପରି ଭିଜନ ୨୦୩୬କୁ ପ୍ରକୃତ ଅର୍ଥନୈତିକ ଫଳାଫଳରେ ପରିଣତ କରିପାରିବ ତାହା ଆଲୋଚନା କରାଇଥିଲା।

ସେମିନାରରେ ଆଲୋଚନାରେ ଓଡ଼ିଶାର ଶିଳ୍ପ ଅଭିବୃଦ୍ଧିରେ ଏକ ସ୍ପଷ୍ଟ ଅସନ୍ତୁଳନକୁ ଉଜ୍ଜ୍ୱଳ କରାଯାଇଥିଲା। ରାଜ୍ୟ ବଡ଼ ପ୍ରକଳ୍ପ ଅନୁମୋଦନ ଏବଂ ଲୁହାପଥର




ଖଣି କାର୍ଯ୍ୟକ୍ଷମତା ମାଧ୍ୟମରେ ଇସ୍ପାତରେ ଆଗକୁ ବଢ଼ିଥିଲେ ମଧ୍ୟ, ବିଶ୍ୱର ପଂଚମ ବୃହତମ ବକ୍ସାଇଟ୍ ଗଚ୍ଛିତ ଏବଂ ଭାରତର ମୋଟ ବକ୍ସାଇଟ୍ ଗଚ୍ଛିତର ୫୧% ଓଡ଼ିଶାରେ ରହିବା ସତ୍ତ୍ୱେ ଆଲୁମିନିୟମ୍ ଅବିକଶିତ ରହିଛି। ଅଂଶଗ୍ରହଣକାରୀମାନେ ଉଲ୍ଲେଖ କରିଛନ୍ତି ଯେ ଭାରତ ୨୦୨୩ ଆର୍ଥିକ ବର୍ଷରେ ପ୍ରାୟ ୩.୬ ନିୟୁତ ଟନ୍ ବକ୍ସାଇଟ୍ ଏବଂ ୨୦୨୪-୨୫ ଆର୍ଥିକ ବର୍ଷରେ ଆନୁମାନିକ ୪.୫ ନିୟୁତ ଟନ୍ ବକ୍ସାଇଟ୍ ଆମଦାନି କରିଥିଲା, ଯାହା ଉପରେ ପ୍ରାୟ ୪,୦୦୦-୫,୦୦୦ କୋଟି ଟଙ୍କାର ବୈଦେଶିକ ମୁଦ୍ରା ଖର୍ଚ୍ଚ ହୋଇଥିଲା, ଯେତେବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ସମାପ୍ତ ଆଲୁମିନିୟମ୍ ଆମଦାନି ୭୦,୦୦୦ କୋଟି ଟଙ୍କା ଅତିକ୍ରମ କରିଥିଲା। ବକ୍ତାମାନେ କହିଛନ୍ତି ଯେ ଏହା କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲ୍ଲାଗୁଡ଼ିକରେ ଉପଲବ୍ଧ ଖଣିଜ ଶକ୍ତିର ଅଭାବ ଏବଂ ଚାକିରି, ଶିଳ୍ପ ଅଭିବୃଦ୍ଧି ଏବଂ ଆଂଚଳିକ ବିକାଶ ପାଇଁ ସୁଯୋଗ ହରାଇବାର ଏକ ବ୍ୟାପକ ଆର୍ଥିକ ମୂଲ୍ୟକୁ ପ୍ରତିଫଳିତ କରେ। କାର୍ଯ୍ୟକ୍ରମର ଉଦଘାଟନୀ ଉତ୍ସବରେ ବିସିକେଆଇସିର ଅଧ୍ୟକ୍ଷ ପ୍ରଫେସର ମୃତ୍ୟୁଞ୍ଜୟ ସୁଆର କହିଛନ୍ତି, “ଆଲୁମିନିୟମ୍ କରିଡର ମାଧ୍ୟମରେ ଓଡ଼ିଶା କିପରି ଦୃଢ଼ ଏମଏସଏମଇ ଏବଂ ଡାଉନଷ୍ଟ୍ରିମ୍ କ୍ଷେତ୍ର ନିର୍ମାଣ କରିପାରିବ । ସ୍ଥାନୀୟ ଉଦ୍ୟୋଗ ବିକାଶ ଏବଂ ନବସୃଜନ-ନେତୃତ୍ୱାଧୀନ ଅଭିବୃଦ୍ଧି ସହିତ ଖଣିଜ ଶକ୍ତିକୁ ସଂଯୋଗ କରିବା ଜରୁରୀ।

ସମ୍ପଦ ଶକ୍ତିକୁ ଶିଳ୍ପ ପ୍ରତିଯୋଗିତାରେ ପରିଣତ କରିବାର ରଣନୈତିକ ଗୁରୁତ୍ୱ ବିଷୟରେ, ଖଣି ମନ୍ତ୍ରଣାଳୟର ଭାରତୀୟ ଖଣି ବ୍ୟୁରୋର ପୂର୍ବତନ ନିୟନ୍ତ୍ରକ ଜେନେରାଲ ଆର କେ ସିହ୍ନା କହିଛନ୍ତି: ଆଲୁମିନିୟମ ପରବର୍ତ୍ତୀ ପିଢ଼ିର ଉତ୍ପାଦନ ପାଇଁ କ୍ରମଶଃ ଏକ ରଣନୈତିକ ସାମଗ୍ରୀ ହୋଇପଡୁଛି, ଏବଂ ଓଡ଼ିଶା ପାଇଁ, ଏହା ବକ୍ସାଇଟ୍ ସମ୍ପଦଗୁଡ଼ିକୁ କାର୍ଯ୍ୟକ୍ଷମ କରିବା ଏବଂ ସେଗୁଡ଼ିକୁ ଡାଉନଷ୍ଟ୍ରିମ୍ ମୂଲ୍ୟ ଶୃଙ୍ଖଳ ସହିତ ସଂଯୋଗ କରିବା ପାଇଁ ଏକ ସ୍ପଷ୍ଟ ଜରୁରୀତା ସୃଷ୍ଟି କରେ। ଓଡ଼ିଶାରେ ଏକ ଅଧିକ ଶକ୍ତିଶାଳୀ ଶିଳ୍ପ ଏବଂ ଆଲୁମିନା ହବ୍ ହେବା ପାଇଁ ସମ୍ପଦ ଆଧାର ଅଛି, କିନ୍ତୁ ଏହି ସୁଯୋଗ ଏବେ ସୁଚିନ୍ତିତ ଏବଂ ସମୟୋଚିତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହି ବିଷୟରେ କହି, ଶିଳ୍ପ ପ୍ରୋତ୍ସାହନ ଏବଂ ନିବେଶ ନିଗମ ଓଡ଼ିଶା ଲିମିଟେଡ୍ (ଇପିକଲ) ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କଲ୍ୟାଣ ଚରଣ ମହାନ୍ତି କହିଛନ୍ତି, “କର୍ପୋରେଟଗୁଡ଼ିକ ପୂର୍ବରୁ ଓଡ଼ିଶାରେ ଗୁରୁତ୍ୱପୂର୍ଣ୍ଣ ନିବେଶ କରୁଛନ୍ତି ଏବଂ ଆଲୁମିନିୟମ କ୍ଷେତ୍ରରେ ମୂଲ୍ୟ ବୃଦ୍ଧିରେ ଯୋଗଦାନ ଦେଉଛନ୍ତି। ଓଡ଼ିଶା ସରକାର ଅଧିକ ନିବେଶ ଆକର୍ଷିତ କରିବା, ପ୍ରମୁଖ ଧାତୁ ଚାରିପାଖରେ ମୂଲ୍ୟ ବୃଦ୍ଧିକୁ ଗଭୀର କରିବା ଏବଂ ସକ୍ରିୟ ସୁବିଧା ଏବଂ ସମୟସୀମା ସମର୍ଥନ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଦୃଢ଼ ଭିତିଭୂମି ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ। ଏହି ଆଭିମୁଖ୍ୟ ସହିତ, ରାଜ୍ୟ ଆଗାମୀ ପାଂଚରୁ ଛଅ ବର୍ଷ ମଧ୍ୟରେ ଆଲୁମିନିୟମକୁ ଓଡ଼ିଶାର ଶିଳ୍ପ ବିକାଶର ଏକ ଅବିଚ୍ଛେଦ୍ୟ ଅଂଶ କରିବା ପାଇଁ ଏକ ସ୍ପଷ୍ଟ ଦୃଷ୍ଟିକୋଣ ରଖିଛି। ସେମିନାରରେ ଆଲୋକପାତ କରାଯାଇଥିଲା ଯେ ବକ୍ସାଇଟ୍ ଏବଂ ଆଲୁମିନିୟମ୍ ମୂଲ୍ୟ ଶୃଙ୍ଖଳାରେ ଦୃଢ଼ ସମନ୍ୱୟ ଓଡ଼ିଶା ପାଇଁ ପ୍ରମୁଖ ଆର୍ଥିକ ଲାଭ ପ୍ରଦାନ କରିପାରିବ।

# ହାତୀ ଆକ୍ରମଣରେ ଦୁଇ ମୃତ



ଅନୁଗୁଳ/ବଅଁରପାଳ, (ସବ୍ୟୁ) : ବଅଁରପାଳ ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ଗୋଟିଏ ଗୋଠଛଡା ଦନ୍ତାହାତୀ ଆତଙ୍କ ରାଜ ଚଳାଇଥିବା ବେଳେ ଅନୁଗୁଳ ବ୍ଲକର ନନ୍ଦପୁର ପଞ୍ଚାୟତର ବନ୍ତଳା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ମଧୁପୁର ଗ୍ରାମରେ ହାତୀ ଆକ୍ରମଣରେ ଦୁଇଟି ନିରୀହ ଜୀବନ ଯାଇଛି । ଗତକାଲି ରାତିରେ ମୃତା ପଙ୍କ ପ୍ରଧାନ ଓ ତାଙ୍କ ସ୍ୱାମୀ ଏବଂ ୭ବର୍ଷର କନ୍ୟା ପୁଷ୍ପା ପଧାନ ପୋକତୁଙ୍ଗା ଗ୍ରାମର ମିହିର ପ୍ରଧାନଙ୍କ ଘରେ ରହି ଚାଷ କାର୍ଯ୍ୟ କରୁଥିଲେ । ସେମାନେ ଗତକାଲି ରାତିରେ ନିକଟସ୍ଥ ମଧୁପୁର ଗ୍ରାମକୁ ଦଣ୍ଡନାଚ ଦେଖିବାକୁ ଯାଇଥିଲେ । ରାତି ୧୨ଟା ସମୟରେ ନାଚ ଭଲ ନହେବାରୁ ଫେରି ଆସୁଥିବା ବେଳେ ହଠାତ ହାତୀ ସମ୍ମୁଖରେ ପଡିଯାଇଥିଲେ । ପଙ୍କ ପଧାନ ଏବଂ ଝିଅ ପୁଷ୍ପା ପଧାନଙ୍କୁ ହାତୀ କଚାଡି ମାରିଦେଇଥିଲା । ଶନିବାର ସକାଳେ ଏହି ଖବର ପ୍ରାପ୍ତ ହେଲାପରେ ଢେଙ୍କାନାଳ ଲୋକସଭା ସାଂସଦ ରୁଦ୍ରନାରାୟଣ ପାଣି ଗଭୀର ଉଦବେଗ ପ୍ରକାଶ କରିଥିଲେ । ଏହି ଘଟଣା କ୍ରମରେ ସାଂସଦ ଡିଏଫଓଙ୍କୁ ଫୋନ୍ ଯୋଗେ କଥା ହେବାକୁ ଚାହିଁ ଥିଲେ ମଧ ଯୋଗାଯୋଗ ହୋଇ ପାରିନଥିଲା । ତେଣୁ ସାଂସଦ ବନ୍ତଳା ରେଞ୍ଜରଙ୍କ ସହ ଏହି ହାତୀ ମୃତ୍ୟୁ ଘଟଣା ବାବଦରେ ବିସ୍ତୃତ ଆଲୋଚନା କରି ମୃତ ଶରୀରର ଶବବ୍ୟବଚ୍ଛେଦ କରି ତୁରନ୍ତ ଶବକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିବା ସହ ଅନୁକମ୍ପା ରାଶି ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସାଂସଦ ଗତ ଫେବୃଆରୀ ୧୦ ରିଖ ଠାରୁ ଆଜି ତା ଏପ୍ରିଲ ୧୦ରିଖ ମଧ୍ୟରେ ଢେଙ୍କାନାଳ ଲୋକସଭା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ୧୨ଜଣ ଲୋକଙ୍କର ହାତୀ ଆକ୍ରମଣରେ ପ୍ରଣାହାନି ଘଟିବା ନେଇ ଘୋର ଉଦବେଗ ପ୍ରକାଶ କରିବା ସହ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ ଡିଏଫଓ ଏବଂ ରେଞ୍ଜରଙ୍କ ଉପରେ । ଅପରାହ୍ନରେ ମୃତା ଦ୍ୱୟଙ୍କ ଶବ ସରଧାପୁର ପଞ୍ଚାୟତ ଅନ୍ତର୍ଗତ ଗାଦେଇମୁଣ୍ଡା ମଲ୍‌ହାର ସାହିରେ ପହଂଚିବା କ୍ଷଣି ସାଂସଦ ସେଠି ଉପସ୍ଥିତ ହୋଇ ମୃତକଙ୍କ ଶେଷଦର୍ଶନ କରିବା ସହ ଗଭୀର ଦୁଃଖ ପ୍ରକାଶ କରିଥିଲେ । ମୃତକଙ୍କ ପରିବାରକୁ କ୍ଷତିପୂରଣ ରାଶି ପ୍ରଦାନ ନିମନ୍ତେ କିଛି ଅସୁବିଧା ଉପୁଜିଥିଲା । ସେଥିରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ସାହୁ ଏବଂ ସମିତିସଭ୍ୟ ରାଧାକାନ୍ତ ପଲେଇଙ୍କ ସହ ସାଂସଦଙ୍କ ଉପସ୍ଥିତିରେ ସରପଞ୍ଚ ମା ଜାତକ ପଧାନକୁ ତୁରନ୍ତ ସହାୟତା ରାଶି ୨ଲକ୍ଷ ଦୁଇ ମୃତକଙ୍କ ନିମନ୍ତେ ପ୍ରଦାନ କରିବାକୁ ଲିଖିତ ପତ୍ର ପ୍ରଦାନ କରିଥିଲେ ।

## ସମନ୍ୱିତ ଶିଶୁ ବିକାଶ ଯୋଜନା ପ୍ରହସନ

# ୧୯୩ କେନ୍ଦ୍ରରେ ଶିଶୁଙ୍କ ଲାଗି ନାହିଁ ଖାଦ୍ୟ

ଢେଙ୍କାନାଳ/ଓଡାପଡା, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାରେ ପ୍ରହସନ ପାଲଟିଛି ସରକାରଙ୍କର ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମ । ଗତ ଆଠ ମାସ ହେବ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଚାଉଳ ଯୋଗାଣ ଠପ ହୋଇପଡିଛି । ଫଳରେ ରନ୍ଧା ଖାଦ୍ୟ ବଦଳରେ ଶିଶୁ ମାନେ ଭୋକ ଉପାସରେ କେନ୍ଦ୍ରରୁ ଫେରୁଥିବାର ଜଣାପଡିଛି । ରାଜ୍ୟ ସରକାରଙ୍କର ଶିଶୁ ବିକାଶ କାର୍ଯ୍ୟକ୍ରମ ପ୍ରହସନ ପାଲଟିଥିବା ଜଣାପଡିଛି । ଗତ ୮ ମାସ ହେଲା ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଙ୍ଗନବାଡି କେନ୍ଦ୍ରରେ ଚାଉଳ ନଥିବା ଯୋଗୁଁ ରୋଷେଇ ବନ୍ଦ ରହିଥିବା ଜଣାପଡିଛି । ଓଡ଼ାପଡ଼ା ବ୍ଲକରେ ୨୯୮ ଟି ଅଙ୍ଗନବାଡି କେନ୍ଦ୍ର ରହିଛି । ସେଥି ମଧ୍ୟରୁ ୧୯୩ଟି ଅଙ୍ଗନବାଡି କେନ୍ଦ୍ରରେ ଚାଉଳ ନଥିବା ଓଡ଼ାପଡ଼ା ଶିଶୁ ବିକାଶ ଅଧିକାରୀ ନିବେଦିତା ତ୍ରିପାଠୀଙ୍କ ଠାରୁ ସୂଚନା ମିଳିଛି । ଅନେକ ଅଙ୍ଗନବାଡି କେନ୍ଦ୍ରରେ ପାନୀୟଜଳର ବ୍ୟବସ୍ଥା ନଥିବା ଦେଖିବାକୁ ମିଳିଛି । ଫଳରେ ଅଙ୍ଗନବାଡି କେନ୍ଦ୍ରରେ ପଂଜିକୃତ ହୋଇଥିବା ଶିଶୁ ମାନଙ୍କ ମଧ୍ୟରୁ ଶତକଡା ୨୦ ଭାଗଶିଶୁ ମାନଙ୍କର ଉପସ୍ଥିତି ଦେଖିବାକୁ ମିଳୁନାହିଁ । କାଗଜ ପତ୍ରରେ ସିମିତ ରହିଛି ଶିଶୁ ବିକାଶ କାର୍ଯ୍ୟକ୍ରମ । ଏସମ୍ପର୍କରେ ଓଡ଼ାପଡ଼ା ଶିଶୁ ବିକାଶ ଅଧିକାରୀ ନିବେଦିତା ତ୍ରିପାଠୀଙ୍କୁ ପଚାରିବାରୁ ସେ କହିଛନ୍ତି ଚାଉଳ ନଥିବା ସମ୍ପର୍କରେ ଗତ ଅକେଫାବର ମାସରୁ ଆଜି ପର୍ଯ୍ୟନ୍ତ ଅନେକ ଚିଠି ଦ୍ୱାରା ଜିଲ୍ଲା ସମାଜମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇ ଆସୁଥିଲେ ମଧ ଚାଉଳ ଆସିପାରୁ ନଥିବା ନିଜର ଅସହାୟ ପ୍ରକାଶ କରିଥିଲେ । ଏ ସମ୍ପର୍କରେ ଢ଼େଙ୍କାନାଳ ଜିଲ୍ଲା ସମାଜମଙ୍ଗଳ ଅଧିକାରୀ ସଙ୍ଗୀତା ପାତ୍ରଙ୍କୁ ପଚାରିବାରୁ ସେ ମହାଶୟା କୁହନ୍ତି ଚାଉଳ ଯୋଗାଇବାକୁ ଯେଉଁ ଭେଣ୍ଡର ଦାୟିତ୍ୱ ନେଇଛନ୍ତି ତୁରନ୍ତ ଚାଉଳ ଯୋଗାଇ ଦେବାକୁ ତାଙ୍କୁ କହିବେ ବୋଲି କହିଛନ୍ତି । ତେବେ ବିଭାଗୀୟ ଅଧିକାରୀମାନଙ୍କ ଦାୟିତ୍ୱ ହିନତା ଏବଂ ସେମାନଙ୍କର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ଅଙ୍ଗନବାଡି କେନ୍ଦ୍ର ପାଇଁ ବିଭିନ୍ନ ବାବଦରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ ତାହାର ସୁଫଳ ଜନ ସାଧାରଣ ପାଉନଥିବା ଅଭିଯୋଗ ହୋଇଛି ।

# କଲେଜ ନିର୍ବାଚନ ଲାଗି ଛାତ୍ର କଂଗ୍ରେସ ଲଢ଼େଇ କରିବ

ଭୁବନେଶ୍ୱର, (ସବ୍ୟୁ): ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଶିକ୍ଷାନୁଷ୍ଠାନ ତଥା ସମସ୍ତ ବିଶ୍ୱବିଦ୍ୟାଳୟରେ ଆଦର୍ଶ ଆଚରଣ ବିଧି ଲାଗୁ କରିବା ପାଇଁ ଏକ ଚିଠି ଜାରି କରାଯାଇଛି । ଯାହାକୁ ଢ଼ାଲ କରି ଛାତ୍ରଛାତ୍ରୀଙ୍କ ସ୍ୱରକୁ ସରକାର ଚାପିଦେବେ ବୋଲି ଅଭିଯୋଗ କରିଛନ୍ତି କଂଗ୍ରେସ ମୁଖପାତ୍ର ତଥା ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର । ନିୟମ ଅନୁସାରେ ଅଣଛାତ୍ର କ୍ୟାମ୍ପସ ମଧ୍ୟକୁ ଯିବେ ନାହିଁ , ଠିକ୍ କଥା କିନ୍ତୁ ପୂର୍ବତନ ଛାତ୍ରଙ୍କୁ ଅଣଛାତ୍ରର ପରିଚୟ ଦେଇ ବାରଣ କରିବା କେତେ ଦୂର ଯୁକ୍ତିଯୁକ୍ତ ବୋଲି ଯୁକ୍ତି ବାଢ଼ିଛନ୍ତି । ଛାତ୍ର ଆନ୍ଦୋଳନ ପାଇଁ କର୍ତୃପକ୍ଷ କେବେ ଅନୁମତି ଦେବା ଇତିହାସରେ ନଥିଲା ବେଳେ ବିନା ଅନୁମତିରେ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସ ମଧ୍ୟରେ କୌଣସି ସଭା ସମିତି ଓ ଆନ୍ଦୋଳନ କରିବାକୁ ବାରଣ କରିବାକୁ ଅସାମ୍ବିଧାନିକ ଓ ଛାତ୍ର ମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହ ସତ ସ୍ୱରକୁ ଚାପିବାକୁ ଉଦ୍ୟମ ବୋଲି କହିଛନ୍ତି ଛାତ୍ର କଂଗ୍ରେସ ନେତା ଶ୍ରୀ ମହାପାତ୍ର । ଅଧକ୍ଷ କିମ୍ବା କୁଳପତିଙ୍କ କାର୍ଯ୍ୟଶୈଳୀକୁ ବିରୋଧ କରିବାର ଥିଲେ, ଆନ୍ଦୋଳନ ପାଇଁ ଅନୁମତି କିଏ ଦେବ ବୋଲି ପ୍ରଶ୍ନ କରିବା ସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ସ୍ୱଷ୍ଟୋକ୍ତି ଦାବି କରିଛନ୍ତି । ଶୈକ୍ଷିକ ବାତାବରଣ ନାମରେ ଛାତ୍ର ସଂସଦ ର୍ନିବାଚନକୁ ବହୁ ବର୍ଷ ଧରି ବନ୍ଦ ରଖିବା ଓ ଛାତ୍ର ସଂସଦ ର୍ନିବାଚନ ଇସ୍ତାହାର ଦେଇ ର୍ନିବାଚନ ଲଢ଼ି ଜିତିବାକୁ ଦୁଇବର୍ଷ ପରେ ମଧ ଛାତ୍ର ସଂସଦ ର୍ନିବାଚନ ନ କରିବା, ହିଁ ଛାତ୍ର ମାନଙ୍କ ହକ୍ କୁ ହତ୍ୟା କରିବା । ଆଦର୍ଶ ଆଚରଣ ବିଧି ନାମରେ ଭୟ ସୃଷ୍ଟି ନକରି- ଛାତ୍ର ମାନଙ୍କ ହକ୍ ଓ ଅଧିକାର 'ଛାତ୍ର ସଂସଦ' ଫେରାଇ ନଦେଲେ ଆଗକୁ ତୀବ୍ରତର ଆନ୍ଦୋଳନକୁ ଛାତ୍ର କଂଗ୍ରେସ ଓହ୍ଲାଇବା ବୋଲି ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଚେତାବନୀ ଦେଇଛନ୍ତି ଛାତ୍ର କଂଗ୍ରେସ ନେତା ବିଭୁତି ଭୂଷଣ ମହାପାତ୍ର ।

# ବାଇକ ଛଡାଇନେବା ଘଟଣା,୩ ରିକଭରି ଏଜେଣ୍ଟ ଗିରଫ



ବ୍ରହ୍ମପୁର, (ସବ୍ୟୁ): ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ତାଙ୍କ ବାଇକ ଛଡାଇ ନେବା ଅଭିଯୋଗରେ ବଡବଜାର ଥାନା ପୋଲିସ ୩ ଜଣ ରିକଭରି ଏଜେଣ୍ଟଙ୍କୁ ଗିରଫ କରିଛି । ସେମାନେ ହେଲେ ବ୍ରହ୍ମପୁର ଗଣପତି ନଗରର ପାପୁଲ ପାତ୍ର(୪୦), ଆଇନାବନ୍ଧ ସାହିର ଶ୍ରୀରାମ ଚରଣ ବେହେରା(୨୪) ଏବଂ ଦୁଦୁମା କଲୋନୀର ଚିନ୍ମୟ ଡାକୁଆ (୨୮) । ପୋଲିସ ଅଭିଯୁକ୍ତଙ୍କ ଠାରୁ ଲୁଟ୍ କରାଯାଇଥିବା ବାଇକକୁ ଜବତ କରିଛି । ସୂଚନାପ୍ରକାରେ ଗତ ୧୦ ତାରିଖ ସକାଳ ପ୍ରାୟ ୭ଟା ସମୟରେ ନିମଖଣ୍ଡି ଅଞ୍ଚଳର ମହେନ୍ଦ୍ର ପାଣିଗ୍ରାହୀ ନିଜ ବନ୍ଧୁଙ୍କ ସହ ବାଜାଜ୍ ପଲସର ବାଇକରେ ଅଫିସ କାମରେ ଯାଉଥିବା ଡୁଡୁମା କଲୋନୀ ବସଷ୍ଟାଣ୍ଡକୁ ଯାଉଥିଲେ । ଏହି ସମୟରେ ଉପରୋକ୍ତ ୩ ରିକଭରି ଏଜେଣ୍ଟ ତାଙ୍କୁ ଆସିକା ରୋଡ଼ସ୍ଥିତ ଏକ ପେଟ୍ରୋଲ ପମ୍ପ ନିକଟରେ ଅଟକାଇଥିଲେ । ନିଜକୁ ରିକଭରି ଏଜେଣ୍ଟ ତଥା ରେପୋ ଏଜେଣ୍ଟ ବୋଲି ପରିଚୟ ଦେଇ ସେମାନେ ମହେନ୍ଦ୍ରଙ୍କୁ ଧକ୍କା ମାରିବା ସହ ଜବରଦସ୍ତି ବାଇକଟିକୁ ଛଡ଼ାଇ ନେଇ ଫେରାର ହୋଇଯାଇଥିଲେ । ତେବେ ଏହି ବାଇକର ମାଲିକ ତଥା ମହେନ୍ଦ୍ରଙ୍କ ଭଉଣୀ ନିୟମିତ ଭାବେ ମାସିକ କିସ୍ତି ପରିଶୋଧ କରୁଥିଲେ ମଧ ଅଭିଯୁକ୍ତମାନେ ତାଙ୍କ ଠାରୁ ଜୋର ଜବରଦସ୍ତ ବାଇକ ଛଡାଇ ନେଇଯାଇଥିଲେ । ଘଟଣାକୁ ନେଇ ମହେନ୍ଦ୍ର ବଡବଜାର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ(୨୩୯/୨୬) ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ପୋଲିସ ଘଟଣାର ତଦନ୍ତ କରି ଫାଷ୍ଟଗେଟ୍ ନିକଟରୁ ତିନି ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଲୁଟ୍ ବାଇକ୍ ଜବତ କରିଥିଲା । ଅଭିଯୁକ୍ତମାନେ ଭୁବନେଶ୍ୱରର ମହାବୀର କନସଲଟାନ୍ସି ଅଧୀନରେ ଫାଇନାନ୍ସ କମ୍ପାନୀ ପାଇଁ ଗାଡି ରିକଭରି କାମ କରୁଥିବା ତଦନ୍ତରୁ ଜଣାପଡିଛି । ଏହି ବାଇକର ମାଲିକ ସରସ୍ୱତୀ ସାହୁ ନିୟମିତ କିସ୍ତି ପୈଠ କରୁଥିଲେ ସୁଦ୍ଧା ଏବଂ କୌଣସି ଆଇନଗତ ନୋଟିସ ନଥାଇ ଅଭିଯୁକ୍ତମାନେ ବଳପୂର୍ବକ ଗାଡ଼ି ଛଡ଼ାଇ ନେଇଥିବାରୁ ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

# ଏଆଇ କ୍ୟାମେରା ଦ୍ୱାରା ଶିମିଳିପାଳରୁ ୫ ଶିକାରୀ ଗିରଫ



ବାରିପଦା, (ସବ୍ୟୁ) : ପୁଣି ଏଆଇ କ୍ୟାମେରା ଦ୍ୱାରା ଶିମିଳିପାଳରୁ ଗିରଫ ହେଲେ ଶିକାରୀ। ଶିମିଳିପାଳ ଅଭୟାରଣ୍ୟ ଭିତରେ ଶିକାର ପାଇଁ ପଶିଥିବା ଶିକାରୀମାନଙ୍କ ଏଆଇ କ୍ୟାମେରା ଦ୍ୱାରା କଏଦ୍ ହୋଇଥିବା ସଶସ୍ତ୍ର ଶିକାରୀଙ୍କ ଫୋଟୋକୁ ଆଧାର କରି ଶିମିଳିପାଳ ଦକ୍ଷିଣ ଡିଭିଜନ ଏବଂ କପ୍ତିପଦା ପୋଲିସ ଦ୍ୱାରା ଏକ ମିଳିତ ଏନଫୋର୍ସମେଣ୍ଟ ଅପରେସନ୍ କରାଯାଇଥିଲା କପ୍ତିପଦା ଥାନା ଅନ୍ତର୍ଗତ କଟୁରିଆ ଗ୍ରାମରେ ଅତର୍କୀତ ଚଢଉ କରି ୫ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। ଗିରଫ ଶିକାରୀ ମାନେ ହେଲେ ମହେନ୍ଦ୍ର ମୁର୍ମୁ, ଦାମା ସୋରେନ୍, ଲକ୍ଷ୍ମଣ ମୁର୍ମୁ, ରାମଜିତ୍ ମୁର୍ମୁ ଓ ମେଘନାଦ ମୁର୍ମୁ। ଗିରଫ ସମୟରେ ତିନୋଟି ଦେଶୀ ବନ୍ଧୁକ ସହିତ ବିଭିନ୍ନ ଶିକାରୀ ସାମଗ୍ରୀ ଜବତ କରାଯିବା ସହ ଅଭିଯୁକ୍ତ ମାନଙ୍କୁ କୋର୍ଟଚାଲାଣ କରାଯାଇଥିଲା ।

## ପ୍ରାର୍ଥନା ପରେ ଛାତ୍ରଛାତ୍ରୀଙ୍କୁ ମିଳିବ ପୋଷଣଯୁକ୍ତ ଖାଦ୍ୟ

ସମ୍ବଲପୁର, (ସବ୍ୟୁ): ଛାତ୍ରଛାତ୍ରୀ ମାନେ ଆଉ ଭୋକରେ ପାଠ ପଢିବେ ନାହିଁ ପ୍ରାର୍ଥନା କାଳାଂଶ ପରେ ତାଙ୍କୁ ପୋଷଣଯୁକ୍ତ ଖାଦ୍ୟ ଯୋଗାଇ ଦିଆଯିବା ଫଳରେ ସେମାନେ ମନଧ୍ୟାନ ଦେଇ ଶିକ୍ଷାଲାଭ କରିବେ। ଏଥିସହ ସେମାନଙ୍କ ଶରୀର ସୁସ୍ଥ ରହିବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବ। ସେହିପରି ମାନସିକ ବିକାଶ ଓ ଶରୀରର ଓଜନ ନିୟନ୍ତ୍ରଣରେ ଏହା ବେଶ ସହାୟକ ହେବ। ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକରେ ଶ୍ରୀ ସତ୍ୟ ସାଇ ଅନ୍ନପୂର୍ଣ୍ଣା ଟ୍ରଷ୍ଟ ପକ୍ଷରୁ ଏକ ଅଭିନବ ଯୋଜନା ହାତକୁ ନିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ଏହି ବ୍ଲକର ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଓ ଅଙ୍ଗନଓ୍ୱାଡି ଶିଶୁ ମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ପ୍ରଦାନ କରାଯିବ। ଏହାର ସଫଳ ରୂପାୟନ ପରେ ଜିଲ୍ଲାର ଅନ୍ୟ ବ୍ଲକକୁ ମଧ ଏହି ଯୋଜନାରେ ସାମିଲ କରାଯିବ। ଏଥିରେ ୭୨ଟି ସ୍କୁଲ ଓ ୧୧୫ଟି ଅଙ୍ଗନଓ୍ୱାଡି କେନ୍ଦ୍ରର ପ୍ରାୟ ୫ହଜାର ଶିଶୁ ଉପକୃତ ହେବେ। ଏହି ସାମ୍ବାଦିକ ସମ୍ମିଳନୀରେ ଟ୍ରଷ୍ଟି ଆଶିଷ ଭରଦ୍ୱାଜ, ଓଡିଶା ଆଞ୍ଚଳିକ ନିର୍ଦ୍ଦେଶକ ଟି. ରମେଶ, ଝାରଖଣ୍ଡ ଆଞ୍ଚଳିକ ନିର୍ଦ୍ଦେଶକ ଚନ୍ଦନ ପାଠକ ଓ ରାଜ୍ୟ ସଂଯୋଜକ ସୁବାସ ଚନ୍ଦ୍ର ମିଶ୍ର ଉପସ୍ଥିତ ରହି ଏ ସମ୍ପର୍କରେ ଆଲୋକପାତ କରିଥିଲେ।

## ଚାରା ରୋପଣ କେନ୍ଦ୍ରରେ ଜଳିଗଲା ଲକ୍ଷାଧିକ ଟଙ୍କାର ଚାରା

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଅଧିନସ୍ଥ ଧଣ୍ଡାତୋପାର ଚାରା ରୋପଣ କେନ୍ଦ୍ରରେ ଶୁକ୍ରବାର ସନ୍ଧ୍ୟା ସମୟରେ ଜଙ୍ଗଲ ଆଡୁ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ଚାରା ପୋଡି ଯାଇଛି । ବନବିଭାଗର ଦାଇତ୍ୱ ହୀନତା ଯୋଗୁଁ ଜଳି ଯାଇଥିବା ସ୍ଥାନୀୟ ଅଂଚଳବାସୀ ଅଭିଯୋଗ କରିଛନ୍ତି । ବନ ବିଭାଗ କର୍ମଚାରୀ ମାନେ ଜଙ୍ଗଲ ସୁରକ୍ଷା ଯୋଗାଇ ଦେବାରେ ଅବହେଳା କରୁଥିବା ଯୋଗୁଁ ଏଭଳି ଲକ୍ଷାଧିକ ଟଙ୍କାର ଚାରା ଜଳି ଯାଇଥିବା ଗ୍ରାମବାସୀ ମାନେ ଶନିବାର ଦିନ ଆଠମଲ୍ଲିକ ବନ ଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଅଭିଯୋଗ କରିଛନ୍ତି । ଗ୍ରାମବାସୀ କହିଛନ୍ତି ଯେ, ଧଣ୍ଡା ତୋପା ଜଙ୍ଗଲ କିଛି ଦିନ ହେବ ଜଳୁଛି । ବନ ବିଭାଗ ଏହି ନିଆଁକୁ ଲିଭାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଧଣ୍ଡା ତୋପା ଗ୍ରାମ ନିକଟରେ ଥିବା ଚାରା ରୋପଣ କେନ୍ଦ୍ରରେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଲକ୍ଷାଧିକ ଟଙ୍କାର ଶାଗୁଆନ, ଶିଶୁ, ଚାକୁଣ୍ଡା, ଶାଳ, ପିଆଶାଳ ଭଳି ଚାରା ଗଛ ରହିଛି । ଏହି ନିକଟରେ ଥିବା ଜଙ୍ଗଲରେ ନିଆଁ ଲାଗିଥିବା ବେଳେ ବନବିଭାଗ ଲିଭାଇବାରେ ସକ୍ଷମ ହୋଇ ନଥିବା ଯୋଗୁଁ ଜଙ୍ଗଲରୁ ନିଆଁ ଉଡି ଚାରା ରୋପଣ କେନ୍ଦ୍ରରେ ନିଆଁ ଲାଗିଥିଲା । ଫଳରେ ଲକ୍ଷ ଲକ୍ଷ ଟଙ୍କାର ବିଭିନ୍ନ ଚାରା ଗୁଡିକ ପୋଡି ଯାଇଥିଲା ।

## ଗ୍ୟାସ୍ ଟାଙ୍କି ସହ ସୁନା ଗହଣା , ଟଙ୍କା ଚୋରି

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱରରେ ବନ୍ଦ ଘରୁ ଚୋରି ଥମିବାର ନାଁ ଧରୁନାହିଁ । ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ଅଧୀନ ସାରସ୍ୱତୀପୁର ଅଞ୍ଚଳରେ ଚୋର ସୁନାଗହଣା ସହ ୨ଟି ଗ୍ୟାସ ଟାଙ୍କି ନେଇଯିବା ଚର୍ଚ୍ଚାର ବିଷୟ ପାଲଟିଛି । ଅଭିଯୋଗ ଅନୁସାରେ, ମଦନ ମୋହନ ମିଶ୍ରଙ୍କ ଘରୁ ଏହି ଚୋରି ହୋଇଛି । ମୟୂରଭଞ୍ଜ ଜିଲ୍ଲା ବୈସିଙ୍ଗା ଥାନା କୁମୁଦା ଗ୍ରାମର ମଦନ କିଛି ବର୍ଷ ହେବ ସାରସ୍ୱତୀପୁରରେ ରହୁଥିଲେ । ଗତ ୮ ତାରିଖରୁ ତାଙ୍କ ଘରେ କେହି ନଥିଲେ । ଏହାର ସୁଯୋଗ ନେଇ ଅଜଣା ଦୁର୍ବୃତ୍ତମାନେ ଘରର ତାଲା ଭାଙ୍ଗି ଭିତରକୁ ପ୍ରବେଶ କରି ଘରୁ ୨ଟି ଗ୍ୟାସ୍ ସିଲିଣ୍ଡର ସହ ସୁନାର ଚେନ୍, ମଙ୍ଗଳସୂତ୍ର, ମୁଦି ସହ ନଗଦ ୨୫ ହଜାର ଟଙ୍କା ଚୋରି କରି ନେଇଥିଲେ । ସନ୍ଧ୍ୟାରେ ସେ ଘରକୁ ଫେରିବା ପରେ ଚୋରି ହୋଇଥିବା ଜାଣିଥିଲେ । ତାପରେ ଏ ନେଇ ସେ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ଶିଳ୍ପାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ସରପଞ୍ଚଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ : ଅଭିଯୁକ୍ତ ଗିରଫ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସଦର ବ୍ଲକ ପାଞ୍ଚପଡ଼ା ପଞ୍ଚାୟତର ସରପଞ୍ଚ ସସ୍ମିତା ଦାସଙ୍କ ସ୍ୱାମୀ ବିନାୟକ ଦାସଙ୍କୁ ଶୁକ୍ରବାର ଏହି ପଞ୍ଚାୟତ ବିଜେଡି ସଭାପତି ନବଘନ ଦାସ ମରଣାନ୍ତକ ଆକ୍ରମଣ ସହ ହତ୍ୟା ଉଦ୍ୟମ କରିଥିବା ବସ୍ତା ଥାନାରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ୍ ଏକ ମାମଲା ୨୧୨/୨୬ ରୁଜୁ କରି ଅଭିଯୁକ୍ତ ନବଘନଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି । ଅଭିଯୋଗକାରୀ ବିନାୟକ ଶୁକ୍ରବାରି ସକାଳେ ବାଇକ୍ ଯୋଗେ ସୋଲପଟା ମାର୍କେଟରୁ ଘରକୁ ଫେରୁଥିଲେ । ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପାଞ୍ଚପଡ଼ା କେନାଲ ଆଡ଼ି ଠାରେ ଅଭିଯକ୍ତ ନବଘନ ତାଙ୍କୁ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଆକ୍ରମଣ କରିଥିଲେ । ଅପରପକ୍ଷରେ ଗତ ମାର୍ଚ୍ଚ ୧ ତାରିଖରେ ପାଞ୍ଚପଡ଼ା ପୋଲ ନିକଟରେ ଅଭିଯୁକ୍ତ ନବଘନ ସରପଞ୍ଚଙ୍କ ସ୍ୱାମୀ ବିନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା । ଏ ସଂକ୍ରାନ୍ତରେ ମଧ ପୋଲିସ୍ ୧୪୬/୨୬ ନମ୍ବରରେ ଏକ ମାମଲା ରୁଜୁ କରିଥିଲେ ହେଁ ଅଭିଯୁକ୍ତଙ୍କୁ ଗିରଫ କରାଯାଇନଥିଲା ।

# କର୍ମଚାରୀଙ୍କ ଅନୁପସ୍ଥିତରୁ ରୋଗୀ ସେବା ବ୍ୟାହତ

## ଜିଲ୍ଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ଠାକୁରଗଡ଼, (ସବ୍ୟୁ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଚିକିତ୍ସା ସେବା ବିପର୍ଯ୍ୟସ୍ତ ହୋଇ ପଡିଛି । ଉକ୍ତ ମେଡିକାଲକୁ ସଠିକ ସମୟ କର୍ମଚାରୀ ମାନେ ଆସୁନଥିବା ବେଳେ ଅନେକ କର୍ମଚାରୀ ଅନୁପସ୍ଥିତ ରହୁଥିବା ଯୋଗୁଁ ଅସନ୍ତୋଷ ଦେଖାଦେଇଛି । ଶନିବାର ଦିନ ବଇଣ୍ଡା ଅଞ୍ଚଳବାସି ଅନୁଗୋଳ ଜିଲ୍ଲାପାଳଙ୍କୁ ମେଲ ଜରିଆରେ ଏକ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଜାତୀୟ ରାଜପଥ କଡରେ ବଇଣ୍ଡା ମେଡିକାଲ ପଡୁଥିବା ବେଳେ ଏହି ମେଡିକାଲ ଉପରେ ୫ଟି ପଞ୍ଚାୟତର ୩୦ ହଜାର ଲୋକେ ଚିକିତ୍ସା ପାଇଁ ନିର୍ଭର କରୁଛନ୍ତି । ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ହୋଇଥିବା କର୍ମଚାରୀ ମାନେ ସଠିକ ସମୟରେ ଆସୁନଥିବା ଯୋଗୁଁ ରୋଗୀମାନେ ସଠିକ ସେବା ପାଇଁ ପାରୁନାହାନ୍ତି । ବିଶେଷ କରି ଅନେକ କର୍ମଚାରୀ ନିଜ ବ୍ୟକ୍ତିଗତ କାମ ପାଇଁ ଅନେକ ସମୟ ଅନୁପସ୍ଥିତ ରହୁଥିବା ବେଳେ ରୋଗୀ ମାନଙ୍କୁ ସଠିକ ସେବା ଯୋଗାଇ ଦେଉନଥିବା ଅଭିଯୋଗ ହୋଇଛି । ରୋଗୀଙ୍କର ନାମ ମଧ ପଞ୍ଜିକରଣ କରାଯାଉନାହିଁ । ଅନ୍ୟ ପଟରେ ରୋଗୀମାନେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିବା ବେଳେ ସେବା ନପାଇ କିଶୋରନଗର କିମ୍ବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ନିର୍ଭର କରୁଛନ୍ତି । ତୁରନ୍ତ ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବା ସହ ୨୪ ଘଣ୍ଟିଆ ସେବା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

## ଆସାମ ମୁଖ୍ୟମନ୍ତ୍ରୀଙ୍କ କଂଗ୍ରେସ ସଭାପତିଙ୍କୁ ଅପମାନ ସୂଚକ ମନ୍ତବ୍ୟ

# ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ, କୁଶପୁତ୍ତଳିକା ଦାହ



ଅନୁଗୋଳ, (ସବ୍ୟୁ): ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ସଂଧାରେ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ନେତୃତ୍ୱରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଅଖିଳ ଭାରତୀୟ ଜାତୀୟ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖର୍ଗେଙ୍କ ଉଦ୍ଦେଶ୍ୟରେ ଅପମାନ ସୂଚକ ମନ୍ତବ୍ୟ ବିରୁଦ୍ଧରେ ବିକ୍ଷୋଭ ଓ କୁଶପୁତଳିକା ଦାହ ପାଇଁ ସ୍ଥାନୀୟ କଂଗ୍ରେସ ଭବନଠାରୁ ଏକ ଶୋଭାଯାତ୍ରାରେ ବଜାରଛକ ଯାଏ ଶତାଧିକ କଂଗ୍ରେସ ନେତା ଓ କର୍ମୀ ବିଜେପି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ମାନ ଦେଇଥିଲେ । ଆସାମ ମୁଖ୍ୟମନ୍ତ୍ରୀ ନିଜର ଆତ୍ମଗର୍ବକୁ ଲୋକ ମାନଙ୍କ ଆଗରେ ପରିପ୍ରକାଶ କରିବାକୁ ଯାଇ ନିଜର ହିତାହିତ ଜ୍ଞାନ ହରାଇ ବସିଛନ୍ତି । ସେ କେତେବେଳେ କାହାକୁ କଣ କହୁଛନ୍ତି, ସେ ଜାଣି ପାରୁନାହାଁନ୍ତି । ଭାରତୀୟ ରାଜନୀତିରେ ଜଣେ ସର୍ବମାନ୍ୟ ତଥା ତାଙ୍କ ପିତା ସଦୃଶ୍ୟ ବ୍ୟକ୍ତି ମଲ୍ଲିକାର୍ଜ୍ଜୁନ ଖର୍ଗେଙ୍କ ପ୍ରତି ନିଜର ଔଦ୍ଧତ୍ୟ ପ୍ରକାଶ କରି ତାଙ୍କୁ ଅପମାନ ସୂଚକ ଶବ୍ଦ ପ୍ରୟୋଗ କରିବା ଗଣତନ୍ତ୍ର ପ୍ରତି ପ୍ରତ୍ୟକ୍ଷ ଅପମାନ । ତାଙ୍କର ଏତାଦୃଶ ବ୍ୟବହାର ବିରୁଦ୍ଧରେ ସାରା ଭାରତବର୍ଷରେ ଏହାକୁ ବିରୋଧ କରାଯାଇଛି । ଶନିବାର ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାର ପ୍ରତିବାଦରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ କଂଗ୍ରେସ ନେତା ସର୍ବଶ୍ରୀ ଉମେଶ ଚନ୍ଦ୍ର ସାହୁ, ଗୋପାଳ ଚନ୍ଦ୍ର ନାଥ, ବଳବୀର ସିଂହ, ଚିତ୍ତ ରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ସଞ୍ଜୀବ ମାଣ୍ଡୋଠିଆ, ରଶ୍ମୀରଞ୍ଜନ ସାହୁ, ଅଳକାରାଣୀ ମହାପାତ୍ର, ଅଳକା ମହାନ୍ତି, ମାନିନୀ ପ୍ରଧାନ, ଲିଲି ବେହେରା, ଅରୁପ ସାମଲ, ଚୌଧୁରୀ ନାଏକ, ଅଶୋକ ନାଏକ, ଅରୁଣ ଦାସ, ଅବିନାଶ ଦଳବେହେରା, ମନୋଜ ସାହୁ, ଜଗନ୍ନାଥ ବେହେରା, ଲଳିତ ରାଉତ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

## ଦଣ୍ଡ ନାଚରେ ଶିବଙ୍କ ଅଭିନୟ କରିଥିବା ଦଣ୍ଡୁଆଙ୍କ ମୃତ୍ୟୁ

ତାଳଚେର, (ସବ୍ୟୁ): ତାଳଚେର ପୌରାଂଚଳ ଅର୍ନ୍ତଗତ ହାଣ୍ଡିଧୂଆଁ ତେଲିସାହିର ଲକ୍ଷୀଧର ନାୟକ (ଲଖି)ଙ୍କର ଅଚାନକ ମୃତ୍ୟୁ ଘଟିଥିବା ଦଣ୍ଡୁଆଙ୍କ ମହଲରେ ଚହଳ ପକାଇ ଦେଇଛି । ସୂଚନା ମୃତାବକ ହାଣ୍ଡିଧୂଆଁ ଦଣ୍ଡନାଚ ଦଳ ପକ୍ଷରୁ ଛେଳିଆପଡ଼ା ଗ୍ରାମରେ ଦଣ୍ଡନାଚରେ ନୃତ୍ୟ ପରିବେଶଣ କରିଥିଲେ । ନାଚର ଧାରା ଅନୁଯାୟୀ ବିଭିନ୍ନ କଳାପ୍ରଦର୍ଶନ କରିବା ପରେ ଶିବଙ୍କର ଅଭିନୟରେ ଦଣ୍ଡୁଆ ଲକ୍ଷ୍ମିଧର ନାୟକ ନିଜର ଅଭିନୟ ଆରମ୍ଭ କରିଥିଲେ । ଶିବଙ୍କ ଅଭିନୟ ସାରିବାପରେ ସେ ତାଙ୍କ ଡ୍ରେସିଙ୍ଗ ରୁମକୁ ଯାଇଥିଲେ ଏବଂ ସେଠାରେ ବସିଥିବା ସମୟରେ ଅଚାନକ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଦଳର ଲୋକମାନେ ତାଙ୍କୁ ଅନୁଗୋଳ ଜିଲ୍ଲା ଚିକିତ୍ସାଳୟକୁ ନେଇଯାଇଥିଲେ । ହେଲେ ଡ଼ାକ୍ତର ତାଙ୍କୁ ପରୀକ୍ଷା ନିରିକ୍ଷା କରିବାପରେ ମୃତ ଘୋଷଣା କରିଥିଲେ । ତେବେ ସ୍ୱର୍ଗତ ଲକ୍ଷ୍ମିଧର ନାୟକ ଏମସିଏଲ ତାଳଚେର ଏରିଆର ଜଣେ ସିକ୍ୟୁରିଟି ଗାର୍ଡ଼ଭାବେ କାର୍ଯ୍ୟ କରୁଥିଲେ । ଗତ ଅଢ଼େଇ ବର୍ଷ ପୂର୍ବରୁ ତାଙ୍କର ଧର୍ମପନିଙ୍କର ମଧ ଦେହାନ୍ତ ହୋଇସାରିଛି । ଏବେ ତାଙ୍କର ଗୋଟିଏ ପୁଅ ୨୨ବର୍ଷର ରହିଥିବା ବେଳେ ସେ ବି ମଧ ଦଣ୍ଡନୃତ୍ୟରେ ଯୋଗଦାନ କରିଛନ୍ତି । ଏହି ଦୁଃଖଦ ଖବର ପ୍ରଚାରିତ ହେବାପରେ ଖାଲି ତାଳଚେର ସହରାଂଚଳ କାହିଁକି ଜିଲ୍ଲାର ପ୍ରତ୍ୟେକ ଦଣ୍ଡନୃତ୍ୟ ଦଳ ଓ ଦଣ୍ଡପ୍ରେମୀଙ୍କ ମହଲରେ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଛି ।

## କାମ କରୁଥିବାବେଳେ ଟଳିପଡ଼ିଲେ ଡିଏଫଓ

ଭଦ୍ରକ ,(ସବ୍ୟୁ): ଚାନ୍ଦବାଲିରେ କର୍ତ୍ତବ୍ୟରତ ଭଦ୍ରକ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ(ଡିଏଫଓ) ସୌଭାଗ୍ୟ କୁମାର ସାହୁ (୫୯)ଙ୍କର ହୃତଘାତରେ ମୃତ୍ୟୁଘଟିଛି । ଶନିବାର ପୂର୍ବାହ୍ନ ୧୧ ଟାରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତଳେ ପଡ଼ିଯାଇଥିଲେ । କର୍ମଚାରୀମାନେ ତାଙ୍କୁ ନେଇ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ମୃତ ଅଧିକାରୀଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବରୁଣାଡିହାରେ । ତାଙ୍କ ଚାକିରି କାଳ ଆଉ ବର୍ଷେ ଥିବା ସୂଚନା ମିଳିଛି ।

# ଓଡ଼ିଶା ସରକାର
# ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
# ଘୋଷଣା

24001/22/2627

ସଂଖ୍ୟା : ୧୪୪୮୫ ତା : ୨୪/୦୯/୨୦୨୫

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ତୁୟେକେଲା, ଥାନା-ବଡ଼ମାଳ, ତହସିଲ-ଝାରସୁଗୁଡ଼ା, ଜିଲ୍ଲା-ଝାରସୁଗୁଡ଼ାରେ** ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ଇଡକୋ (IDCO) ଭୁବନେଶ୍ୱର ଦ୍ୱାରା M/s N.L.C India Ltd. ପାଇଁ ତରେଇକେଲା ଠାରେ ତଲାବିରା ବିଦ୍ୟୁତ ୩୨୦୦ (୪X୮୦୦) ମେଗାୱାଟ ପ୍ରକଳ୍ପ ପ୍ରତିଷ୍ଠା ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୨୩୯୬ ତା. ୨୧.୦୨.୨୦୨୪ ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ମୌଜା - ତୁୟେକେଲା, ଥାନା-ବଡ଼ମାଳ, ତହସିଲ-ଝାରସୁଗୁଡ଼ା, ଜିଲ୍ଲା-ଝାରସୁଗୁଡ଼ା** ନିମନ୍ତେ ବିସ୍ଥାପିତ ପରିବାର ଥିବାରୁ, କମିଶନର-ପୁନର୍ବାସ ଓ ଥଇଥାନଙ୍କ ଦ୍ୱାରା ଧାରା ୧୭(୨) ଅନୁସାରେ ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ର ସାରମର୍ମ ଏଥିସହିତ ସଂଲଗ୍ନ କରାଗଲା । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବସାଇଟ jharsuguda.odisha.gov.in ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ www.odisha.gov.in/revenue ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ କରାଯାଇଅଛି । ପୁନର୍ବାସ ଓ ଥଇଥାନ ଯୋଜନାରୁ ଭୂମି ନକ୍ସା ପ୍ରକଳ୍ପ ନିର୍ଦ୍ଦେଶକ ପୁନର୍ବାସ ଓ ଥଇଥାନ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଯଦି ସମ୍ପୃକ୍ତ ଜମିର କୌଣସି ସତ୍ୱାଧିକାରୀ/ଜମି ମାଲିକଙ୍କର ଭୂମି ଅଧିଗ୍ରହଣ ଘୋଷଣା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ଘୋଷଣା ପ୍ରକାଶନର ୩୦ ଦିନ ମଧ୍ୟରେ ସଂପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

## ତଫସିଲ - କ
### (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ଝାରସୁଗୁଡା ତହସିଲ- ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁୟେକେଲା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ୭୫.୫୭୦ | ଏଥି ସହ ସଂଲଗ୍ନ |

* ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ ଏ. ୦.୦୦ ଡି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

## ତଫସିଲ - ଖ
### (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ଝାରସୁଗୁଡା ତହସିଲ- ଝାରସୁଗୁଡ଼ା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ତୁୟେକେଲା | ଗ୍ରାମାଞ୍ଚଳ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ଏଥି ସହ ସଂଲଗ୍ନ | ୧୦୪.୨୧ (ହିରମା) | ଏଥି ସହ ସଂଲଗ୍ନ |

ଅଧିସୂଚନାର ବୈଧ ତାରିଖ : ୩୧.୧୦.୨୦୨୫

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା/- ଜିଲ୍ଲାପାଳ, ଝାରସୁଗୁଡ଼ା

## ଘରୋଇ ଜମିର ବିବରଣୀ

**ମୌଜା : ତୁୟେକେଲା, ଥାନା ନାମ ଏବଂ ନଂ : କତରବଗା-୭ (ବଡ଼ମାଲ)**
**ତହସିଲ : ଝାରସୁଗୁଡ଼ା, ଜିଲ୍ଲା : ଝାରସୁଗୁଡ଼ା**


| କ୍ରମିକ | ଖାତା ନଂ | ପ୍ଲଟ ନଂ | ମୋଟ ରକବା (ଏକରରେ) | ଅଧକୃତ ହେଉଥିବା ରକବା (ଏକରରେ) | କିସମ | ଭୂମି ମାଳିକଙ୍କ ନାମ |
|---|---|---|---|---|---|---|
| ୧ | ୨ | ୭୪୮/୩୩୨ | ୦.୦୯୦ | ୦.୦୯୦ | | ପୂର୍ତ୍ତ ବିଭାଗ |
| | | ୭୪୪/୩୩୩ | ୦.୧୩୦ | ୦.୧୩୦ | | |
| | | ୭୪୭/୩୩୫ | ୦.୧୦୦ | ୦.୧୦୦ | | |
| | | ୭୪୭/୩୩୬ | ୦.୦୫୦ | ୦.୦୫୦ | | |
| | | ୭୪୫/୩୩୯ | ୦.୧୫୦ | ୦.୧୫୦ | | |
| | ମୋଟ | | ୦.୫୨୦ | ୦.୫୨୦ | | |
| ୨ | ୪ | ୬୮୬ | ୦.୩୩୦ | ୦.୩୩୦ | ଆ:ସା | ତାରାଚାନ୍ଦ ଚମାର, ଜା: ଚମାର, ବା: ନିଜଗାଁ |
| | | ୭୪୧ | ୦.୩୫୦ | ୦.୩୫୦ | ଆ:ସା | |
| | ମୋଟ | | ୦.୬୮୦ | ୦.୬୮୦ | | |
| ୩ | ୬ | ୫୭୭ | ୦.୧୦୦ | ୦.୧୦୦ | ଆ:ସା | ନିତ୍ୟାନନ୍ଦ ନାଥ, ପି: ପରମେଶ୍ୱର ନାଥ, ସୋମନାଥ ନାଥ, ଟିକେଶ୍ୱର ନାତ, ପି: ଲକ୍ଷ୍ମୀପତୀ ନାଥ, ଜା: ବ୍ରାହ୍ମଣ, ବା: ଠେଲକୁଲୋଏ |
| | | ୫୭୭/୧୦୯୮ | ୦.୧୯୦ | ୦.୧୯୦ | ଆ:ସା | |
| | | ୬୧୮/୧୧୦୦ | ୦.୧୮୦ | ୦.୧୮୦ | ଆ:ସା | |
| | ମୋଟ | | ୦.୪୭୦ | ୦.୪୭୦ | | |
| ୪ | ୧୬ | ୬୩୦ | ୦.୨୬୦ | ୦.୨୬୦ | ଆ:ସା | ଜଞ୍ଜସେନୀ ନାଥ, ସ୍ୱା: ଶରତ ଚନ୍ଦ୍ର ନାଥ, ଗୀତାଞ୍ଜଳି ସାହୁ, ଦାମୋଦର ନାଥ, ଅନ୍ତର୍ଯ୍ୟାମି ନାଥ, ପି: ଶରତ ଚନ୍ଦ୍ର ନାଥ, ଗୋବିନ୍ଦ ଚନ୍ଦ୍ର ନାଥ, ପି: ଚକ୍ରଧର ନାଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୬୪୪ | ୧.୨୨୦ | ୧.୨୨୦ | ଆ:ସା | |
| | | ୬୪୮ | ୦.୧୮୦ | ୦.୧୮୦ | ମା:ସା | |
| | | ୬୫୩ | ୦.୪୫୦ | ୦.୪୫୦ | ଆ:ସା | |
| | | ୭୪୪ | ୦.୩୧୦ | ୦.୩୧୦ | ଆ:ସା | |
| | ମୋଟ | | ୨.୪୨୦ | ୨.୪୨୦ | | |
| ୫ | ୧୭ | ୭୨୫ | ୦.୧୯୦ | ୦.୧୯୦ | ଆ:ସା | କାଶୀ ଚମାର, ପି: ତାରାଚାନ୍ଦ ଚମାର, ଜା: ଚମାର, ବା: ନିଜଗାଁ |
| | ମୋଟ | | ୦.୧୯୦ | ୦.୧୯୦ | | |
| ୬ | ୨୧ | ୫୩୯ | ୦.୦୭୦ | ୦.୦୭୦ | ବା: ସା | ବୁଟୁ ଭଇଁସା, ପି: ଖତୁ ଭଇଁସା, ଅକ୍ଷୟ ଭଇଁସା, ପି: ରଘୁ ଭଇଁସା ଜା: ଗୌଡ଼, ବା: କଣ୍ଡା ଟିକିରା |
| | | ୫୫୬ | ୧.୦୭୦ | ୧.୦୭୦ | ଆ:ସା | |
| | | ୫୫୮ | ୦.୧୨୦ | ୦.୧୨୦ | ଆ:ସା | |
| | | ୫୬୧ | ୦.୪୯୦ | ୦.୪୯୦ | ଆ:ସା | |
| | | ୫୭୪ | ୦.୨୬୦ | ୦.୨୬୦ | ଆ:ସା | |
| | ମୋଟ | | ୨.୦୧୦ | ୨.୦୧୦ | | |
| ୭ | ୨୯ | ୬୧୯ | ୦.୮୬୦ | ୦.୮୬୦ | ବା:ସା | ଜଗନ୍ନାଥ ସାହୁ, ପି: ଚୈନୁ ସାହୁ ଜା: ତେଲି, ବା: ନିଜଗାଁ କିର୍ତ୍ତନ ସାହୁ, ପି: ମାଖୁନୁ ସାହୁ, ଜା: ତେଲି, ବା: ଚାରଭାଟି, ବ୍ରଜରାଜନଗର |
| | ମୋଟ | | ୦.୮୬୦ | ୦.୮୬୦ | | |
| ୮ | ୩୦ | ୬୭୩ | ୦.୧୫୦ | ୦.୧୫୦ | ଆ:ସା | ଜଗନ୍ନାଥ ଗଣ୍ଡା, ପି: ଅଇଁଠୁ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | ମୋଟ | | ୦.୧୫୦ | ୦.୧୫୦ | | |
| ୯ | ୩୧ | ୫୫୯ | ୦.୮୬୦ | ୦.୮୬୦ | ବା:ସା | କିର୍ତ୍ତନ ଭଇଁସା, ପି: ପରାନ ଭଇଁସା, ଜା: ଗୌଡ଼, ବା: ଖେରୁଆଲ ୯୯୩୭୯୩୪୩୬୦, ଭିକାରୀ ଭଇଁସା, ପି: ବିଦେ ଭଇଁସା, ଚିନ୍ତାମଣି ଭଇଁସା ଚନ୍ଦ୍ରମଣି ଭଇଁସା, ପକାଲା ଭଇଁସା, ଝାର ଭଇଁସା, ସୌଦାମିନୀ ଭଇଁସା, ପଦ୍ମିନୀ ଭଇସା, ପି: ଯଦୁ ଭଇସା, ଦେବ ଭଇସା, ଲୁରା ରବାନ ପି:ଷ ମଧୁ ଭଇସା, ଜେହେରୁ ଭଇସା, ଶୈଳ କଉଡ଼ି, ନି: ପୁରଷ୍ତମ ଭଇଦା, ଶଙ୍କର ଭଇସା, ସରସ୍ୱତୀ ଷଣ୍ଡ, ଦ୍ରୌପଦୀ ପେରୁଆ, ଚମ୍ପାବତୀ ଭଇସା, ପି: ବୈଷ୍ଣବ ଭଇସା, ଭୁବନେଶ୍ୱର ଭଇସା, ପି: ଜନ୍ମା ଭଇସା, ଜେମାଦେଇ ଭଇସା, ସ୍ୱା:ଜନ୍ମା ଭଇସା, ମଞ୍ଜୁଲତା ଭଇସା, ଦିନେଶ ଭଇସା, ପି: ମନୋଜ ଭଇସା, ଟିକେଶ୍ୱର ଭଇସା, ସ୍ୱା:ମନୋଜ ଭଇସା, ବୁଟୁ ଭଇସା, ପି: ଖତୁ ଭଇସା, ଅକ୍ଷୟ ଭଇସା, କେଶନ୍ତି ଭଇସା, ଗୌମତି କରଡ଼ି, ପି: ରଘୁ ଭଇସା, ମୁକ୍ତା ମାକର, ପି: ପ୍ରହଲ୍ଲାଦ ଭଇସା, ମୁଲୁଚଂଦ ଛଛାଣ, ମଣିଲାଲ ଛଛାଣ, ଗୁଲୁଠୁ ଛଛାଣ, ଶରେଶ୍ୱରୀ ଘୁସି, ରଚଣା ଛଛାଣ, ଗୁରୁ ଘୁସି, ସଜନା ରାଉତ, ପି: ଶୁଭାରାମ ଛଛାଣ, ଦିଲିପ କଉ ଡି, ସଦାନଂଦ କଉଡି, ଦେବାନନ୍ଦ କଉଡି, ପି: ନାରାୟଣ କଉଡି, ଶାନ୍ତି କଉଡ଼ି, ସ୍ୱା: ଦୁତିୟାନନ୍ଦ କଉଡି, ରାଜେଶ କଉଡ଼ି, ପି: ଦୁତିୟାନନ୍ଦ କଉଡ଼ି, ଜା: ଗୌଡ଼, ବା: ଖେରୁଆଲ |
| | | ୫୫୯/୧୧୦୬ | ୦.୪୯୦ | ୦.୪୯୦ | ବା:ସା | |
| | | ୫୭୦ | ୦..୪୭୦ | ୦.୪୭ | ଆ:ସା | |
| | | ୫୭୧ | ୦.୧୮୦ | ୦.୧୮୦ | ମା:ସା | |
| | | ୫୭୨ | ୦.୩୨୦ | ୦.୩୨୦ | ବେ:ସା | |
| | | ୫୭୨/୧୧୦୭ | ୦.୧୨୦ | ୦.୧୨୦ | ବେ:ସା | |
| | | ୫୭୩ | ୦.୫୭୦ | ୦.୫୭୦ | ଆ:ସା | |
| | ମୋଟ | | ୩.୦୧୦ | ୩.୦୧୦ | | |
| ୧୦ | ୩୨ | ୬୮୮ | ୦.୧୬୦ | ୦.୧୬୦ | ଆ:ସା | ବୀର ରୋହିଦାସ, ପି: ଦାଶରଥି ରୋହିଦାସ, ଚମ୍ପା ରୋହିଦାସ, ଲଳିତା ରୋହିଦାସ ଲାଲଧାରୀ ରୋହିଦାସ, ବିଶାଖା ରୋହିଦାସ, ତପେଶ୍ୱର ରୋହିଦାସ, ମନବୋଧ ରୋହିଦାସ, ପି: ଅଭିରାମ ରୋହିଦାସ, ଦୀପା ରୋହିଦାସ, ଫୁଲମତି ରୋହିଦାସ, ସୀତା ରୋହିଦାସ, ଗୀତା ରୋହିଦାସ, ପି: ଚିନ୍ତାମାଳୀ ରୋହିଦାସ, ଜା: ଚମାର, ବା: ନିଜଗାଁ |
| | ମୋଟ | | ୦.୧୬୦ | ୦.୧୬୦ | | |
| ୧୧ | ୩୪ | ୬୮୭ | ୦.୧୩୦ | ୦.୧୩୦ | ଆ:ସା | ଲମ୍ବୋଦର ରୋହିଦାସ, ପାନବତୀ ରୋହିଦାସ, ପି: ପୁରନ୍ଦର ରୋହିଦାସ, ଭଗ ରୋହିଦାସ, ସ୍ୱା: ଉତ୍ତମ ରୋହିଦାନ, ଜା: ଚମାର, ବା: ନିଜଗାଁ |
| | ମୋଟ | | ୧.୧୩୦ | ୦.୧୩୦ | | |
| ୧୨ | ୩୭ | ୬୦୨ | ୦.୨୩୦ | ୦.୨୩୦ | ବା:ସା | ଦଶରଥ ଚମାର, ପି: ପଛାଲୁ ଚମାର, ଛେଲଆ ଚମାର, ପି: ଯୁଗି ଚମାର, ରୂପଧର ଚମାର, ପି: ଭୁନ୍ଦୁ ଚମାର, କେପା ଚମାର, ହରିହର ଚମାର, ମୁନୁ ଚମାର, ନୃପ ଚମାର, ପି: ବଳଦେବ ଚମାର, ଗୌରୀ ଚମାର, ସ୍ୱା: ବଳଦେବ ଚମାର, ପ୍ରହଲ୍ଲାଦ ରୋହିଦାସ, ଲୋଚନୀ ରୋହିଦାସ, ଯମୁନା ରୋହିଦାସ, ପି: ନିରଂଜନ ଚମାର, ପର୍ଶୁରାମ ଉଗର ରାଏବତି ରୋହିଦାସ ଅଞ୍ଜନା ମିରିଗ, ପି: ବରୁଣ ଉଗର |
| | | ୭୨୬ | ୦.୩୫୦ | ୦.୩୫୦ | ଆ:ସା | |
| | ମୋଟ | | ୦.୫୮୦ | ୦.୫୮୦ | | |
| ୧୩ | ୪୦ | ୬୨୦ | ୧.୩୩୦ | ୧.୩୩୦ | ଆ:ସା | ଦୁଃଖି ଧରୁଆ ସ୍ୱା: ଖତୁ ଧରୁଆ, ଗୌତମ ଧରୁଆ, ପୁରଷ୍ତମ ଧରୁଆ, ରେବତୀ ଧରୁଆ, ଖାଡି ଧରୁଆ, ପି: ଅଚ୍ୟୁତ ଧରୁଆ, ଦଶରଥ ଧରୁଆ, ପି: ଶଙ୍କର ଧରୁଆ ଶୁକମୁନି ଧରୁଆ, ସ୍ୱା: ଶଙ୍କର ଧରୁଆ, ବନମାଳୀ ଧରୁଆ, ପି: ମାଧ ଥରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | ମୋଟ | | ୧.୩୩୦ | ୧.୩୩୦ | | |
| ୧୪ | ୪୧ | ୭୪୮ | ୦.୦୪୦ | ୦.୦୪୦ | ଆ:ସା | ଦୁଃଖି ଧରୁଆ ସ୍ୱା: ଖତୁ ଧରୁଆ, ଗୌତମ ଧରୁଆ, ପୁରଷ୍ତମ ଧରୁଆ, ରେବତୀ ଧରୁଆ, ଖାଡି ଧରୁଆ, ପି: ଅଚ୍ୟୁତ ଧରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | ମୋଟ | | ୦.୦୪୦ | ୦.୦୪୦ | | |
| ୧୫ | ୪୫ | ୫୬୬ | ୦.୩୧୦ | ୦.୩୧୦ | ଆ: ସା | ଦର୍ଗାପ୍ରସାଦ ସେଟ, ଉକିଆ ସେଟ, ପୂର୍ଣ୍ଣମୀ ସେଟ, ପି: ଗୁମାନୁ ସେଟ, ଜା: କେଉଟ, ବା : ନିଜଗାଁ |
| | ମୋଟ | | ୦.୩୧୦ | ୦.୩୧୦ | | |
| ୧୬ | ୪୭ | ୬୪୬ | ୦.୧୭୦ | ୦.୧୭୦ | ଆ:ସା | ସଞ୍ଜୁକ୍ତା ପାଣିଗ୍ରାହୀ, କମିଳିନୀ ତ୍ରିପାଠୀ, ଆଶାବତୀ ନାୟକ, ପି: ଦୁବରାଜ ନାଥ, ବଳରାମ ପଣ୍ଡା, ଜୟରାମ ପଣ୍ଡା, ପର୍ଶୁରାମ ପଣ୍ଡା, ପି: ହରିଶଙ୍କର ପଣ୍ଡା, ମୌଦାମିନୀ ବିଶ୍ୱାଳ, ଶିବାସିନୀ ପଣ୍ଡା, ପ୍ରଭାସିନୀ ପଣ୍ଡା, ପି: କଳାଚନ୍ଦ ଧର, ଲିପ୍ସା ନାଥ, ସୌମ୍ୟ ରଞ୍ଜନ ଧର, ପି: ତରଣୀ ଧର, ବା: ବ୍ରାହ୍ମଣ, ବା: ନିଜଗାଁ |
| | ମୋଟ | | ୦.୧୭୦ | ୦.୧୭୦ | | |
| ୧୭ | ୪୮ | ୫୮୪ | ୦.୩୦୦ | ୦.୩୦୦ | ଆ:ସା | ଲକ୍ଷ୍ମୀ ପରେଖ, ସ୍ୱା: ନିତ୍ୟାନନ୍ଦ ପରେଖ, ବୃଷଭ ପରେଖ, ମୋହନ ପରେଖ, ସାବିତ୍ରୀ ପାଉଲେ, ପି: କାର୍ତ୍ତିକ ପାଉଲେ, ରାଜେଶ ପରେଖ, ପି: ନିତ୍ୟାନନ୍ଦ ପରେଖ, ସୁଲୋଚନା ନାଏକ, ରାହାସ ମରେଇ, ପି: ସାଗର ମରେଇ, ଜା: ଗଣ୍ଡ, ବା: ନିଜଗାଁ |
| | | ୬୦୧ | ୦.୦୫୦ | ୦.୦୫୦ | ବା: ସା | |
| | | ୬୧୧ | ୦.୦୩୦ | ୦.୦୩୦ | ବା: ସା | |
| | | ୬୧୩ | ୦.୦୫୦ | ୦.୦୫୦ | ମା: ସା | |
| | | ୬୧୫ | ୦.୨୦୦ | ୦.୨୦୦ | ମା:ସା | |
| | | ୬୬୨/୧୦୧୫ | ୦.୨୨୦ | ୦.୨୨୦ | ଆ:ସା | |
| | | ୬୬୯ | ୦.୨୨୦ | ୦.୨୨୦ | ଆ:ସା | |
| | ମୋଟ | | ୧.୦୭୦ | ୧.୦୭୦ | | |
| ୧୮ | ୪୯ | ୫୯୬ | ୦.୨୪୦ | ୦.୨୪୦ | ଆ:ସା | ଦେବେନ ପଧାନ, ପି: ଶତ୍ରୁଘନ ପଥାନ, ଜା: ଗଣ୍ଡ, ବା: ନିଜଗାଁ |
| | | ୫୯୮ | ୦.୭୩୦ | ୦.୭୩୦ | ବା:ସା | |
| | | ୬୦୦ | ୦.୧୮୦ | ୦.୧୮୦ | ବା:ସା | |
| | | ୬୧୪ | ୦.୨୫୦ | ୦.୨୫୦ | ବେ:ସା | |
| | | ୬୨୧ | ୦.୨୫୦ | ୦.୨୫୦ | ମା: ସା | |
| | | ୬୬୮ | ୦.୬୬୦ | ୦.୬୬୦ | ମା: ସା | |
| | | ୭୪୦ | ୦.୭୨୦ | ୦.୭୨୦ | ଆ:ସା | |
| | ମୋଟ | | ୩.୨୪୦ | ୩.୨୪୦ | | |
| ୧୯ | ୫୦ | ୫୩୫ | ୦.୩୦୦ | ୦.୩୦୦ | ବା:ସା | ଧନମାଳୀ ସେଟ, ପି: ଚମାର ସେଟ, ଜା: କେଉଟ, ବା: ନିଜଗାଁ |
| | ମୋଟ | | ୦.୩୦୦ | ୦.୩୦୦ | | |
| ୨୦ | ୫୧ | ୫୩୬ | ୦.୩୫୦ | ୦.୩୫୦ | ବା:ସା | ଧନମାଳି ସେଠ, ପି: ଚମାର ସେଠ, ଘସିଆନ ସେଠ, ସ୍ୱା: ଚମାର ସେଠ, ଜା: କେଉଟ, ବା: ନିଜଗାଁ |
| | | ୫୮୧ | ୦.୦୮୦ | ୦.୦୮୦ | ବା:ସା | |
| | | ୫୮୨ | ୦.୫୬୦ | ୦.୫୬୦ | ବା:ସା | |
| | | ୫୮୫ | ୦.୭୦୦ | ୦.୭୦୦ | ଆ:ସା | |
| | ମୋଟ | | ୧.୬୯୦ | ୧.୬୯୦ | | |
| ୨୧ | ୫୪ | ୫୬୫ | ୦.୫୦୦ | ୦.୫୦୦ | ଆ:ସା | ଶକୁନ୍ତଳା ଧୁରୁଆ, ସ୍ୱା : ସନ୍ୟାସୀ ଧୁରୁଆ, ନାରେନ ଧୁରୁଆ, ସୁରେଶ ଧୁରୁଆ, ଶୁଭଦ୍ରା ମାଝି, ପି: ସନ୍ୟାସ ଧୁରୁଆ ଶ୍ରୀଚରଣ ଧୁରୁଆ, ପି: ଧୁବେଇ ଧୁରୁଆ, ଜା: ଗଣ୍ଡ, ବା: ନିଜଗାଁ |
| | | ୭୧୭ | ୦.୩୩୦ | ୦.୩୩୦ | ଆ:ସା | |
| | | ୭୨୭ | ୧.୦୦୦ | ୧.୦୦୦ | ଆ:ସା | |
| | | ୭୨୯/୧୦୨୫ | ୦.୩୦୦ | ୦.୩୦୦ | ଆ:ସା | |
| | ମୋଟ | | ୨.୧୩୦ | ୨.୧୩୦ | | |
| ୨୨ | ୬୦ | ୬୭୪ | ୦.୧୭୦ | ୦.୧୭୦ | ଆ:ସା | ପରମାନନ୍ଦ ଗଣ୍ଡା, ରସାନନ୍ଦ ଗଣ୍ଡା, ପି: ଦୁର୍ଯ୍ୟୋଧନ ଗଣ୍ଡା, ଅପୂର୍ବ ଗଣ୍ଡା, ସ୍ୱା: ଦୁର୍ଯ୍ୟୋଧନ ଗଣ୍ଡା, ଦଳଗଞ୍ଜନ ଗଣ୍ଡା, ସନାତନ ଗଣ୍ଡା, ପି: ବନ୍ଧୁ ଗଣ୍ଡା, ତାରା ଗଣ୍ଡା, ସ୍ୱା: ବନ୍ଧୁ ଗଣ୍ଡା, କୁମ୍ଭକର୍ଣ୍ଣ ଗଣ୍ଡା, ପି: ସିନ୍ଧୁ ଗଣ୍ଡା, ପୁଲତୁଳି ଗଣ୍ଡା, ସ୍ୱା: ସିନ୍ଧୁ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | | ୬୭୭ | ୦.୩୯୦ | ୦.୩୯୦ | ଆ:ସା | |
| | | ୬୭୯ | ୦.୫୨୦ | ୦.୫୨୦ | ଆ:ସା | |
| | | ୬୭୯/୧୦୩୨ | ୦.୦୬୦ | ୦.୦୬୦ | ନଦୀ | |
| | ମୋଟ | | ୧.୧୪୦ | ୧.୧୪୦ | | |
| ୨୩ | ୬୧ | ୫୮୯ | ୦.୫୪୦ | ୦.୫୪୦ | ଆ:ସା | ସେଠ, ତ୍ରିଲୋଚନ ସେଠ, ରାଜୀବ ସେଠ, ପି: ଭିକାରୀ ସେଠ ଜା: କେଉଟ, ବା: ନିଜଗାଁ |
| | | ୭୨୦/୧୦୩୬ | ୦.୦୬୦ | ୦.୦୬୦ | ବେ:ସା | |
| | ମୋଟ | | ୦.୬୦୦ | ୦.୬୦୦ | | |
| ୨୪ | ୬୨ | ୬୭୧ | ୦.୨୦୦ | ୦.୨୦୦ | ଆ:ସା | ପୁଇନ ଗଣ୍ଡା, ବୁଧୁ ଗଣ୍ଡା, ରତନା ଗଣ୍ଡା, ପି: ଚିନ୍ତା ଗଣ୍ଡା, ମଙ୍ଗୁଲୁ ଗଣ୍ଡା, କଳ୍ପ ଗଣ୍ଡା, ସନ୍ତୋଷ ଗଣ୍ଡା, ପି: ହିରା ଗଣ୍ଡା, ସୁବର୍ଣ୍ଣା ଗଣ୍ଡା, ସ୍ୱା: ହିରା ଗଣ୍ଡା ଜା: ଗଣ୍ଡା, ବା: ଘୁଙ୍ଗିପାଲି |
| | ମୋଟ | | ୦.୨୦୦ | ୦.୨୦୦ | | |
| ୨୫ | ୬୫ | ୬୬୭ | ୦.୦୭୦ | ୦.୦୭୦ | ଆ:ସା | ଫୁଲତୋଲା ଘୁଙ୍ଗୁର, ସ୍ୱା: ପିତାମ୍ବର ଘୁଙ୍ଗୁର, ଜା:ଗଣ୍ଡା, ବା: ନିଜଗାଁ |
| | | ୬୭୮ | ୦.୩୧୦ | ୦.୩୧୦ | ଆ:ସା: | |
| | | ୬୭୯/୧୦୩୧ | ୦.୧୮୦ | ୦.୧୮୦ | ଆ:ସା | |
| | | ୬୮୦ | ୦.୨୦୦ | ୦.୨୦୦ | ଆ:ସା | |
| | | ୬୮୧ | ୦.୨୧୦ | ୦.୨୧୦ | ଆ:ସା | |
| | ମୋଟ | | ୦.୯୭୦ | ୦.୯୭୦ | | |
| ୨୬ | ୬୬ | ୭୪୭ | ୦.୦୨୦ | ୦.୦୨୦ | ଆ:ସା | ଘାସିଆ ରୋହିଦାସ, ତରୀ ରୋହିଦାସ, ସୁନେଇ ରୋହିଦାସ, ପି: ବିଦ୍ୟା ଚମାର, ଭୁଗୁଲୁ ରୋହିଦାସ, ପି: ଇନ୍ଦ୍ର ଚମାର, ଶଶୀ ରୋହିଦାସ, ସୁକୁନ ରୋହିଦାସ, ପି: ଚନ୍ଦ୍ର ରୋହିଦାସ, ଭିଖ ରୋହିଦାସ, ସାଇବ ରୋହିଦାସ, ସୁଭାସିନୀ ରୋହିଦାସ ଘନ ରୋହିଦାସ, ସରୋଜିନୀ ରୋହିଦାସ, ପି: ଜେଠୁ ରୋହିଦାସ, ଜା:ଚମାର, ବା: ନିଜଗାଁ |
| | ମୋଟ | | ୦.୦୨୦ | ୦.୦୨୦ | | |
| ୨୭ | ୬୮ | ୬୩୧ | ୦.୨୫୦ | ୦.୨୫୦ | ବା:ସା | ବିଦେଶୀ ନାଥ, ଜଗଦୀଶ ନାଥ, ପି: ଗଙ୍ଗାଧର ନାଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୬୪୫ | ୦.୬୭୦ | ୦.୬୭୦ | ବା:ସା | |
| | | ୬୪୯ | ୦.୧୨୦ | ୦.୧୨୦ | ମା:ସା | |
| | | ୬୫୨ | ୦.୨୮୦ | ୦.୨୮୦ | ଆ:ସା | |
| | | ୬୩୯ | ୦.୪୫୦ | ୦.୪୫୦ | ଆ:ସା | |
| | | ୭୪୨ | ୦.୩୬୦ | ୦.୩୬୦ | ଆ:ସା | |
| | ମୋଟ | | ୨.୧୩୦ | ୨.୧୩୦ | | |
| ୨୮ | ୭୦ | ୫୭୬ | ୦.୩୦୦ | ୦.୩୦୦ | ଆ:ସା | ବୃଷଭାନୁ ନାଥ, ପି: ଯୁଧିଷ୍ଠିର ନାଥ, ସୁରେଶ୍ୱରୀ ନାଥ, ସ୍ୱା: ଚିନାମଳୀ ନାଥ, ଭାଗିରଥି ନାଥ, ପି: ଚିନାମାଳି ନାଥ, ସଚିଦାନନ୍ଦ ନାଥ, ନିତ୍ୟାନନ୍ଦ ନାଥ, ପି:ପରମେଶ୍ୱର ନାଥ, ମୁରଲୀ ନାଥ, ସୁରେଶ ନାଥ, ପି: ଦୁର୍ଯ୍ୟୋଧନ ନାଥ, ଜା: ବ୍ରାହ୍ମଣ, ବା: ଠେଲକୋଲେଇ |
| ୨୯ | ୭୭ | ୫୩୭ | ୦.୨୫୦ | ୦.୨୫୦ | ବା:ସା | ଗଣ୍ଡା, ସଦାଶିବ ଗଣ୍ଡା, ପି: ବାସୁଦେବ ଗଣ୍ଡା, ଜା: ଗଣ୍ଡା, ବା: ନିଜଗାଁ |
| | | ୬୭୨ | ୦.୧୬୦ | ୦.୧୬୦ | ଆ:ସା | |
| | ମୋଟ | | ୦.୪୧୦ | ୦.୪୧୦ | | |
| ୩୦ | ୮୦ | ୭୪୬ | ୦.୩୬୦ | ୦.୩୬୦ | ମା:ସା | ଈଶ୍ୱର ରୋହିଦାସ, ପ୍ରେମସାଗର ରୋହିଦାସ, ପି: ମୁଟୁରୁ ଚମାର, ଅମୃତ ରୋହିଦାସ, ସ୍ୱା: ଗୁଣସାଗର ରୋହିଦାସ, ଲଳିତ ରୋହିଦାସ, ପି: ଗୁଣସାଗର ରୋହିଦାସ ଜେମାଦେଇ ରୋହିଦାସ, ନିଳିମା ରୋହିଦାସ, ପି: ମୁଟୁକୁ ରୋହିଦାସ, ଜା: ଚମାର, ବା: ନିଜଗାଁ |
| | ମୋଟ | | ୦.୩୬୦ | ୦.୩୬୦ | | |
| ୩୧ | ୮୧ | ୭୪୫ | ୦.୧୯୦ | ୦.୧୯୦ | ଆ:ସା | ମୁରଲି ରୋହିଦାସ, ଲବ ରୋହିଦାସ, କୁଶ ରୋହିଦାସ, କଚି ରୋହିଦାସ, ପି: ମୁନୁ ଚମାର ସୌଦାଗର ରୋହିଦାସ, ସୁନ୍ଦର ରୋହିଦାସ, କୃଷ୍ଣ ଚନ୍ଦ୍ର ରୋହିଦାସ, ପି: ସନ୍ତୋଷ ରୋହିଦାସ, କେତକି ରୋହିଦାସ, ସ୍ୱା–ସମାରୁ ରୋହିଦାସ, ମିଶ୍ର ରୋହିଦାସ, ଖଶ୍ର ରୋହିଦାସ ସିନ ରୋହିଦାସ, ସୁନିଲ ରୋହିଦାସ, ନିଲା ରୋହିଦାସ, ନଳିନି ରୋହିଦାସ, ପି: ସମାରୁ ରୋହିଦାସ, ଜା: ଚମାର, ବା: ନିଜଗାଁ |
| | ମୋଟ | | ୦.୧୯୦ | ୦.୧୯୦ | | |
| ୩୨ | ୮୩ | ୫୬୯ | ୦.୫୪୦ | ୦.୫୪୦ | ଆ:ସା | ରାମେଶ୍ୱର ସେଟ, ପି: ଦୁବରାଜ ସେଟ, ବୈମତା ସେଟ, ସ୍ୱା: ଦୁବରାଜ ସେଟ, ଜା: କେଉଟ, ବା: ନିଜଗାଁ |
| | | ୭୨୧ | ୦.୦୪୦ | ୦.୦୪୦ | ବେ:ସା | |
| | | ୭୨୨ | ୦.୦୯୦ | ୦.୦୯୦ | ଆ:ସା | |
| | ମୋଟ | | ୦.୬୭୦ | ୦.୬୭୦ | | |
| ୩୩ | ୮୬ | ୫୬୪ | ୦.୪୪୦ | ୦.୪୪୦ | ଆ:ସା | ଲୋକେଶ୍ୱର ମିଶ୍ର, ପି: ନିତ୍ୟାନନ୍ଦ ମିଶ୍ର, ଜା: ବ୍ରାହ୍ମଣ, ବା: ମଙ୍ଗସପୁର, ଜିଲ୍ଲା–ସୁନ୍ଦରଗଡ଼, ଆଦିତ୍ୟ ମିଶ୍ର, ଚନ୍ଦ୍ରଶେଖର ମିଶ୍ର, ମୋତିଲାଲ ମିଶ୍ର, ଇନ୍ଦ୍ରାଣୀ ପାଢ଼ି, ମନୋରଂଜନ ମିଶ୍ର ପି: ଗଜରାଜ ମିଶ୍ର, ଧନଞ୍ଜୟ ମହାପାତ୍ର, ପି: ବୃନ୍ଦାବନ ମହାପାତ୍ର ଜା: ବ୍ରାହ୍ମଣ, ବା: ନିଜଗାଁ |
| | | ୭୦୯ | ୦.୪୩୦ | ୦.୪୩୦ | ଆ:ସା | |
| | | ୭୧୪ | ୦.୨୫୦ | ୦.୨୫୦ | ବା:ସା | |
| | | ୭୨୩ | ୦.୭୩୦ | ୦.୭୩୦ | ବା:ସା | |
| | | ୭୨୮ | ୦.୧୧୦ | ୦.୧୧୦ | ଆ:ସା | |
| | | ୭୩୩ | ୧.୪୨୦ | ୧.୪୨୦ | ଆ:ସା | |
| | | ୭୩୫ | ୧.୦୮୦ | ୧.୦୮୦ | ଆ:ସା | |
| | ମୋଟ | | ୪.୪୬୦ | ୪.୪୬୦ | | |
| ୩୪ | ୯୦ | ୬୪୭ | ୦.୨୦୦ | ୦.୨୦୦ | ମା:ସା | ସନାତନ ନାଥ, ପି: ଦୁବେରାଜ ନାଥ, ଜା: ବ୍ରାହ୍ମଣ, ବା: ନିଜଗାଁ |
| | ମୋଟ | | ୦.୨୦୦ | ୦.୨୦୦ | | |
| ୩୫ | ୧୦୦ | ୫୪୦ | ୦.୦୫୦ | ୦.୦୫୦ | ଆ:ସା | ନାରେନ ଧୁରୁଆ, ସୁଭଦ୍ରା ମାଝୀ, ପି: ସନ୍ୟାସୀ ଧୁରୁଆ, ସରୋଜିନି ଧୁରୁଆ, ସ୍ୱା: ସୁରେଶ ଧୁରୁଆ, ସଂଜୟ ଧୁରୁଆ, ପି: ସୁରେଶ ଧୁରୁଆ, ଶକୁନ୍ତଳା ଧୁରୁଆ, ସ୍ୱା: ସନ୍ୟାସୀ ଧୁରୁଆ ଶ୍ରୀଚରନ ଧୁଆ, ପି: ଧୁବେଇ ଧୁଆ, ଜା: ଗଣ୍ଡ, ବା: ନିଜଗାଁ ପୂଜା ମାଫୀ |
| | | ୭୨୭/୧୦୨୬ | ୦.୨୬୦ | ୦.୨୬୦ | ଆ:ସା | |
| | | ୭୨୯ | ୦.୫୬୦ | ୦.୫୬୦ | ଆ:ସା | |
| | ମୋଟ | | ୦.୮୭୦ | ୦.୮୭୦ | | |
| ୩୬ | ୯୯/୨ | ୫୫୫ | ୦.୫୯୦ | ୦.୫୯୦ | ଆ:ସା | ପଇର କିସାନ, ପି: ଖଗେଶ୍ୱର କିସାନ, ଜା: କିସାନ, ବା: ତରେଇକଲା |
| | | ୬୦୩ | ୦.୧୪୦ | ୦.୧୪୦ | ବା:ସା | |
| | | ୬୦୪ | ୦.୧୭୦ | ୦.୧୭୦ | ବା:ସା | |
| | | ୬୦୫ | ୦.୧୭୦ | ୦.୧୭୦ | ବା:ସା | |
| | ମୋଟ | | ୧.୦୭୦ | ୧.୦୭୦ | | |
| ୩୭ | ୯୯/୯ | ୧୦୯୮/୧୧୫୯ | ୦.୦୮୦ | ୦.୦୮୦ | ବା:ସା | କୈଳାଶ ଚନ୍ଦ୍ର ସର, ଶିବ ଶଙ୍କର ସର, ପି:ଗଜପତି ସର, ଜା: ବ୍ରାହ୍ମଣ, ବା: ତରେଇକେଲା |
| | | ୧୧୦୦/୧୧୫୮ | ୦.୨୦୦ | ୦.୨୦୦ | ବା:ସା | |
| | | ୫୭୭/୧୧୪୯ | ୦.୧୪୦ | ୦.୧୪୦ | ବା:ସା | |
| | | ୫୭୮/୧୧୫୦ | ୦.୨୨୦ | ୦.୨୨୦ | ଆ:ସା | |
| | | ୫୮୦/୧୧୫୧ | ୦.୧୫୦ | ୦.୧୫୦ | ଆ:ସା | |
| | | ୬୧୨/୧୧୫୨ | ୦.୨୮୦ | ୦.୨୮୦ | ଆ:ସା | |
| | | ୬୧୭/୧୧୫୩ | ୦.୧୧୦ | ୦.୧୧୦ | ଆ:ସା | |
| | | ୬୧୮/୧୧୫୪ | ୦.୨୧୦ | ୦.୨୧୦ | ବା:ସା | |
| | ମୋଟ | | ୧.୩୯୦ | ୧.୩୯୦ | | |
| ୩୮ | ୯୯/୧୯ | ୬୬୭/୧୧୭୯ | ୦.୦୮୦ | ୦.୦୮୦ | ଆ:ସା | କୁମ୍ଭକର୍ଣ୍ଣ ଘୁଗର, ପି: ସିନ୍ଧୁ ଘୁଗର, ଜା: ଗଣ୍ଡା, ବା: ଘୁଙ୍ଗିପାଲି |
| | | ୬୮୦/୧୧୮୦ | ୦.୧୦୦ | ୦.୧୦୦ | ଆ:ସା | |
| | ମୋଟ | | ୦.୧୮୦ | ୦.୧୮୦ | | |
| ୩୯ | ୯୯/୨୦ | ୬୮୮/୧୧୮୨ | ୦.୦୭୦ | ୦.୦୭୦ | ଆ:ସା | ଶୁଭକେଶୀ ରୋହିଦାସ, ସ୍ୱା: ଅଭି ରୋହିଦାସ, ଜା: ଚମାର, ବା: ନିଜଗାଁ |
| | ମୋଟ | | ୦.୦୭୦ | ୦.୦୭୦ | | |
| ୪୦ | ୯୯/୨୯ | ୬୦୭ | ୦.୩୯୦ | ୦.୩୯୦ | ବା:ସା | ପଲାଉ କିସାନ, ପି: ଖଗେଶ୍ୱର କିସାନ, ଜା: କିସାନ, ବା: ବରକେଲା |
| | | ୬୦୮ | ୦.୦୯୦ | ୦.୦୦ | ବା:ସା | |
| | ମୋଟ | | ୦.୪୮୦ | ୦.୪୮୦ | | |
| ୪୧ | ୯୯/୩୦ | ୫୬୦ | ୦.୬୭୦ | ୦.୬୭୦ | ଆ:ସା | ପଇର କିସାନ, ପି: ଖଗେ କିସାନ, ଜା: କିସାନ, ବା: ତରେକେଲା |
| | ମୋଟ | | ୦.୬୭୦ | ୦.୬୭୦ | | |
| ୪୨ | ୯୯/୩୪ | ୫୬୮ | ୦.୧୫୦ | ୦.୧୫୯ | ଆ:ସା | ଗୋଲକ ଚନ୍ଦ୍ର ମହାନ୍ତି, ପି: ନିଳାଦ୍ରି ଚରଣ ମହାନ୍ତି ଜା: କରଣ ବା: ଝାରସୁଗୁଡ଼ା, ମଙ୍ଗଳ ବଜାର |
| | | ୫୭୮ | ୦.୨୮୦ | ୦.୨୮୦ | ଆ:ସା | |
| | | ୫୮୦ | ୦.୧୪୦ | ୦.୧୪୦ | ଆ:ସା | |
| | | ୫୮୩ | ୦.୭୩୦ | ୦.୭୩୦ | ଆ:ସା | |
| | | ୫୮୬ | ୦.୧୩୦ | ୦.୧୩୦ | ଆ:ସା | |
| | | ୫୮୮ | ୦.୨୧୦ | ୦.୨୧୦ | ଆ:ସା | |
| | | ୫୯୨ | ୦.୨୩୦ | ୦.୨୩୦ | ଆ:ସା | |
| | | ୫୯୪ | ୦.୪୦୦ | ୦.୪୦୦ | ଆ:ସା | |
| | | ୬୧୨ | ୦.୨୮୦ | ୦.୨୮୦ | ଆ:ସା | |
| | | ୬୧୭ | ୦.୧୧୦ | ୦.୧୧୦ | ଆ:ସା | |
| | | ୬୧୮ | ୦.୧୬୦ | ୦.୧୬୦ | ବା:ସା | |
| | | ୬୨୨ | ୦.୧୨୦ | ୦.୧୨୦ | ଆ:ସା | |
| | | ୬୨୩ | ୦.୧୮୦ | ୦.୧୮୦ | ମା.ସା | |
| | | ୬୫୫ | ୦.୪୧୦ | ୦.୪୧୦ | ଆ:ସା | |
| | | ୬୫୬ | ୦.୨୧୦ | ୦.୨୧୦ | ଆ:ସା | |
| | | ୬୫୮ | ୦.୩୮୦ | ୦.୩୮୦ | ଆ:ସା | |
| | | ୬୫୯ | ୦.୪୫୦ | ୦.୪୫୦ | ଆ:ସା | |
| | | ୬୬୦ | ୦.୮୫୦ | ୦.୮୫୦ | ଆ:ସା | |
| | | ୬୬୨ | ୦.୮୮୦ | ୦.୮୮୦ | ଆ:ସା | |
| | | ୬୬୩ | ୦.୬୯୦ | ୦.୬୯୦ | ଆ:ସା | |
| | | ୬୬୫ | ୦.୩୧୦ | ୦.୩୧୦ | ଆ:ସା | |
| | | ୬୬୬ | ୦.୩୮୦ | ୦.୩୮୦ | ଆ:ସା | |
| | | ୬୭୫ | ୦.୩୯୦ | ୦.୩୯୦ | ଆ:ସା | |
| | | ୬୭୬ | ୦.୬୬୦ | ୦.୬୬୦ | ଆ:ସା | |
| | | ୬୮୩ | ୦.୫୦୦ | ୦.୫୦୦ | ଆ:ସା | |
| | ମୋଟ | | ୯.୭୩୦ | ୯.୭୩୦ | | |
| ୪୩ | ୯୯/୩୫ | ୫୭୫ | ୦.୬୬୦ | ୦.୬୬୦ | ଆ:ସା | ସରୋଜିନୀ ମହାନ୍ତି ସ୍ୱା: ଗୋଲକ ଚନ୍ଦ୍ର ମହାନ୍ତି ଜା: କରଣ ବା: ଝାରସୁଗୁଡ଼ା, ମଙ୍ଗଳ ବଜାର |
| | | ୫୮୭ | ୦.୧୨୦ | ୦.୧୨୦ | ଆ:ସା | |
| | | ୫୯୧ | ୦.୨୫୦ | ୦.୨୫୦ | ଆ:ସା | |
| | | ୫୯୩ | ୦.୪୪୦ | ୦.୪୪୦ | ଆ:ସା | |
| | | ୬୫୪ | ୦.୮୪୦ | ୦.୮୪୦ | ଆ:ସା | |
| | | ୬୫୭ | ୦.୩୬୦ | ୦.୩୬୦ | ଆ:ସା | |
| | | ୬୬୧ | ୧.୨୬୦ | ୧.୨୬୦ | ଆ:ସା | |
| | | ୬୬୪ | ୦.୩୬୦ | ୦.୩୬୦ | ଆ:ସା | |
| | ମୋଟ | | ୪.୨୯୦ | ୪.୨୯୦ | | |
| ୪୪ | ୯୯/୩୭ | ୬୫୧ | ୦.୩୩୦ | ୦.୩୩୦ | ଆ:ସା | ସନାତନ ନାଥ ପି: ଦୁବରାଜ ନାଥ ଜା: ବ୍ରାହ୍ମଣ ବା: ନିଜଗାଁ |
| | | ୭୩୮ | ୦.୩୪୦ | ୦.୩୪୦ | ଆ:ସା | |
| | ମୋଟ | | ୦.୬୭୦ | ୦.୬୭୦ | | |
| ୪୫ | ୯୯/୪୮ | ୫୩୮ | ୦.୭୦୦ | ୦.୭୦୦ | ବା:ସା | ଦିର୍ଯ୍ୟୋ ରୋହିଦାସ ପି: କଇଁଟୁ ରୋହିଦାସ ଜା: ଚମାର ବା: ଭୁର୍କାମୁଣ୍ଡା, ଝାରସୁଗୁଡ଼ା |
| | ମୋଟ | | ୦.୭୦୦ | ୦.୭୦୦ | | |
| ୪୬ | ୯୯/୫୨ | ୫୬୩ | ୦.୫୩୦ | ୦.୫୩୦ | ଆ:ସା | ବ୍ରଜେଶ୍ୱରୀ ମିଶ୍ର ସ୍ୱା: ପ୍ରଫୁଲ କୁମାର ମିଶ୍ର ପି: ଧନଞ୍ଜୟ ମହାପାତ୍ର ଜା: ବ୍ରାହ୍ମଣ ବା: ଘୁଙ୍ଗିପାଲି, ଥା: ଝାରସୁଗୁଡ଼ା |
| | | ୭୧୦ | ୦.୨୪୦ | ୦.୨୪୦ | ଆ:ସା | |
| | | ୭୧୧ | ୦.୪୮୦ | ୦.୪୮୦ | ଆ:ସା | |
| | | ୭୧୨ | ୦.୨୧୦ | ୦.୨୧୦ | ବା:ସା | |

# ମାମୁ ,ଯୌଥ ପରିବାର ଓ ନୈତିକ ବିଘଟନ



ଭାସ୍କର ପରିଚ୍ଛା

ବ୍ୟାସକବି ଫକୀରମୋହନଙ୍କ କଥା-ପ୍ରତିଭାର ମହନୀୟ ଅବଦାନ ହେଉଛି ମାମୁ ଉପନ୍ୟାସ । ଏହା ତାଙ୍କର ତୃତୀୟ ଉପନ୍ୟାସ ଭାବରେ ପରିପକ୍ୱ ପ୍ରତିଭାର ଶ୍ରେଷ୍ଠ ନିଦର୍ଶନ । ଆଧୁନିକ ଓଡ଼ିଆ ଉପନ୍ୟାସ କ୍ରମରେ ଏହା ହେଉଛି ପଞ୍ଚମ ଉପନ୍ୟାସ । ଯେତେବେଳେ ଫକୀରମୋହନ ବାଲେଶ୍ୱରଠାରେ ନିଃସଙ୍ଗ ଜୀବନ ବିତାଉଥିଲେ ସେହି ସମୟରେ ସୃଷ୍ଟି ହୋଇଛି ମାମୁ । ୧୯୧୩ ମସିହାରେ ଯଦିଓ ଏହା ପ୍ରକାଶିତ, ତା'ର ଯଥେଷ୍ଟ ପୂର୍ବରୁ ଫକୀରମୋହନଙ୍କ ସ୍ରଷ୍ଟା ପ୍ରାଣରୁ ଏହାର ଆର୍ବିଭାବ ବୋଲି ମନେ କରାଯାଏ । ଏହି ଉପନ୍ୟାସରେ ଫକୀରମୋହନଙ୍କ ଭାଷାର ପରିଶୁଦ୍ଧତା, କଥାବସ୍ତୁ ଉପସ୍ଥାପନରେ ତାଙ୍କର ପରିକଳ୍ପନା ଏକାନ୍ତ ଓ ସୁବିନ୍ୟସ୍ତ ।



ମାମୁ ଉପନ୍ୟାସ ଊନବିଂଶ ଶତାବ୍ଦୀର ଓଡ଼ିଆ ସମାଜର ସବୁଠାରୁ ତୀକ୍ଷ୍ଣ ଚିତ୍ରଣ ମଧ୍ୟରୁ ଅନ୍ୟତମ । ପାରିବାରିକ ଜୀବନ, ସାମାଜିକ ପରିବର୍ତ୍ତନ ଏବଂ ନୈତିକ ଅସ୍ୱଷ୍ଟତାର ଅନୁସନ୍ଧାନ କରିଛି ଏହି ଉପନ୍ୟାସ । ଓଡ଼ିଆ ସାହିତ୍ୟର କ୍ଲାସିକ୍ ଭାବରେ ବିବେଚନା କରାଯାଉଥିବା ଏହି ଉପନ୍ୟାସଟି ଏକ ପରିବାର-କୈନ୍ଦ୍ରିକ ଉପନ୍ୟାସ ଯାହା ଏକ ମଧ୍ୟବିତ୍ତ ଓଡ଼ିଆ ଯୌଥ ପରିବାରର କ୍ରମିକ ଉତ୍ଥାନ ଏବଂ ନୈତିକ ବିଘଟନକୁ ପରିପ୍ରକାଶ

## ପୁନରାବଲୋକନ-୭

କରିଛି ।

ଦୁଇଶହ ବର୍ଷ ତଳର ଓଡ଼ିଶାର ସାମାଜିକ ଜୀବନ, ପାରିବାରିକ ସମ୍ପର୍କ ଏବଂ ନୈତିକ ଜଟିଳତାକୁ ଗଭୀର ଭାବେ ଦେଖିଛନ୍ତି ବ୍ୟାସକବି ଏହି ଉପନ୍ୟାସରେ । ଉପନ୍ୟାସଟି କେବଳ ଏକ ଘରୋଇ କାହାଣୀ ନୁହେଁ, ବରଂ ସମାଜିକ ପରିବର୍ତ୍ତନର ଏକ ସୂକ୍ଷ୍ମ ଅନୁସନ୍ଧାନ, ଯେଉଁଠାରେ ଆର୍ଥିକ ଉନ୍ନତି ଓ ଶିକ୍ଷା ରୂପାନ୍ତର ଆଣିଥିଲେ ମଧ୍ୟ ପାରମ୍ପରିକ ମୂଲ୍ୟବୋଧକୁ ଚରିତ୍ରମାନେ ଛାଡିବାକୁ ନାରାଜ ।

ତତ୍କାଳୀନ ଗ୍ରାମୀଣ ଓଡ଼ିଶାକୁ ଭିତ୍ତି କରି ଲେଖାଯାଇଥିବା ଏହି କାହାଣୀରେ ଫକୀରମୋହନ ଦେଖାଇଛନ୍ତି କିପରି ଗ୍ରାମ୍ୟ ସମୁଦାୟମୁଖୀ ଜୀବନରୁ ଲୋକମାନେ ସହରମୁଖୀ ଓ ପ୍ରତିଷ୍ଠାକେନ୍ଦ୍ରିତ ଜୀବନକୁ ଅନୁସରଣ କରୁଛନ୍ତି । ପରିବାରର ସଦସ୍ୟମାନେ ଚାକିରି, ଆର୍ଥିକ ସୁବିଧା ଓ ସାମାଜିକ ମର୍ଯ୍ୟାଦାକୁ ଅଧିକ ମହତ୍ତ୍ୱ ଦେଇ ସ୍ୱାର୍ଥପର ଭାବନାକୁ କିପରି ଆଦରି ନେଉଛନ୍ତି ସେ କଥା ବି ଫକୀରମୋହନ ଦେଖାଇଛନ୍ତି ଏହି ଉପନ୍ୟାସରେ । ଅନ୍ୟ ଅର୍ଥରେ ସାମୂହିକ କଲ୍ୟାଣରୁ ବ୍ୟକ୍ତିଗତ ଉନ୍ନତି ଆଡ଼କୁ ମୂଲ୍ୟବୋଧରେ ପରିବର୍ତ୍ତନ ଘଟୁଛି ।



ନାମମାତ୍ର ବ୍ୟକ୍ତିତ୍ୱ, ମାମୁ କିମ୍ବା ମାମୁଁ, ଏହି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରନ୍ତି । ଅପେକ୍ଷାକୃତ ଗରିବ ପୃଷ୍ଠଭୂମିରୁ ଆସିଥିବାରୁ, ତାଙ୍କୁ ପ୍ରଥମେ ସ୍ନେହ ଏବଂ କର୍ତ୍ତବ୍ୟର ଦ୍ୱାହି ଦେଇ ଘରକୁ ସ୍ୱାଗତ କରାଯାଏ । ତଥାପି, ଉପନ୍ୟାସର କଥାବସ୍ତୁ ଯେତେବେଳେ ଆଗେଇ ଥାଏ, ଦେଖାଯାଏ ସେ ପରିବାରର ନୈତିକ ଅବକ୍ଷୟର ପ୍ରତୀକ । ତାଙ୍କ ଉପସ୍ଥିତିଟି ଦାୟିତ୍ୱ ଏବଂ ଶୋଷଣ ମଧ୍ୟରେ ଥିବା ସୂକ୍ଷ୍ମ ସୀମାକୁ ଉନ୍ମୋଚନ କରେ, ବିଶେଷକରି ଯେତେବେଳେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଆତ୍ମୀୟତାର ସମ୍ପର୍କକୁ ଜଳାଞ୍ଜଳି ଦିଆଯାଏ ।

ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ମାମୁ ଉପନ୍ୟାସ ତାଙ୍କୁ ଜଣେ ସାଧାରଣ ଖଳନାୟକ ଭାବରେ ଉପସ୍ଥାପନ କରେ ନାହିଁ ବରଂ ପରିବାର ମଧ୍ୟରେ ନିହିତ ଲୋଭ ଏବଂ ଭଣ୍ଡାମିର ସେ କିଭଳି ଶିକାର ହୁଅନ୍ତି ତାହାକୁ ପ୍ରତିଫଳିତ କରେ । ପରିବାରଟି ଅଧିକ ସମୃଦ୍ଧ ହେବା ସହିତ, ପରିବାର ଭିତରେ ଉତ୍ତେଜନା ତୀବ୍ର ହୋଇପଡ଼େ । ଈର୍ଷା, ଆର୍ଥିକ ହେରଫେର ଏବଂ ଭାବପ୍ରବଣଜନିତ ନିଷ୍ଠୁରତା ସମ୍ପର୍କକୁ ନଷ୍ଟ କରିବା ଆରମ୍ଭ କରେ । ଏହା ଫଳରେ ବିଶ୍ୱାସ କ୍ଷୟ ହୁଏ, ଏବଂ ସହଭାଗୀ ଦାୟିତ୍ୱରେ ଗଢି ଆସିଥିବା ପାରିବାରିକ ବନ୍ଧନଟି ସୁବିଧାବାଦର ଉପକରଣରେ ରୂପାନ୍ତରିତ ହୁଏ । ଏହି ସବୁ ପରିବର୍ତ୍ତନ ଓ ଅବମୂଲ୍ୟାୟନ ମାଧ୍ୟମରେ, ସେନାପତି ଦର୍ଶାଇଛନ୍ତି ଯେ ଶିକ୍ଷା ଏବଂ ଆର୍ଥିକ ପ୍ରଗତି ଯେ ନିଶ୍ଚିତ ଭାବରେ ନୈତିକ ସଂସ୍କାର ଆଡ଼କୁ ନେଇଯିବ ଯାହାର କୌଣସି ଗ୍ୟାରେଣ୍ଟି ନାହିଁ । ଅପରନ୍ତୁ, ପରିବାର ସଦସ୍ୟମାନେ ସ୍ୱାର୍ଥପରତା ଏବଂ ଅନୈତିକତାର ଗଭୀର ଆସ୍ତରଣକୁ ପରିପ୍ରକାଶ କରନ୍ତି ।

ଉପନ୍ୟାସର ସବୁଠାରୁ ଆକର୍ଷଣୀୟ ଦିଗଗୁଡ଼ିକ ମଧ୍ୟରୁ ଗୋଟିଏ ହେଉଛି ଏକ ସ୍ୱଚ୍ଛ କିମ୍ବା ସମସ୍ତଙ୍କୁ ସୁହାଇବା ଭଳି ସମାଧାନ ବାହାର କରିବାକୁ କେହି ରାଜି ନୁହଁନ୍ତି । ଉପନ୍ୟାସରେ ଭୁଲ୍ କାର୍ଯ୍ୟର କୌଣସି ନାଟକୀୟ ଦଣ୍ଡ ନାହିଁ, କିମ୍ବା ପରିବାରକୁ ଉଦ୍ଧାର କରିବା ଭଳି ନୈତିକ ସିଦ୍ଧାନ୍ତ ନାହିଁ । ତା ପରିବର୍ତ୍ତେ, ଉପନ୍ୟାସର ବର୍ଣ୍ଣନା ଶାନ୍ତ ଓ ଆତ୍ମଚିନ୍ତନର ଭାଷାରେ ସମାପ୍ତ ହୋଇଛି । ମାମୁ ଉପନ୍ୟାସ ପାଠକମାନଙ୍କୁ ମଣିଷ ଆଚରଣର ଜଟିଳତାକୁ ସାମ୍ନା କରିବାକୁ ଉତ୍ସାହିତ କରେ । ଏହି ମୁକ୍ତ ନୈତିକ ଢାଞ୍ଚା ହିଁ ଉପନ୍ୟାସର ଶକ୍ତି ଓ କେନ୍ଦ୍ରବିନ୍ଦୁ, କାରଣ ଏହା ସରଳ ବିଚାରକୁ ପ୍ରତିରୋଧ କରେ ଏବଂ ସମାଲୋଚନାମୂଳକ ଅଂଶଗ୍ରହଣକୁ ଆମନ୍ତ୍ରଣ କରେ ।

ଉପନ୍ୟାସର ଅନ୍ୟତମ ବିଶେଷତା ହେଉଛି ଏହାର ଖୋଲା ଉପସଂହାର । ଉପନ୍ୟାସରେ କୌଣସି ସରଳ ନୈତିକ ଶିକ୍ଷା କିମ୍ବା ନାଟକୀୟ ଶାସନ ନାହିଁ, ସବୁକଥା ପାଠକଙ୍କୁ ନିଜେ ଭାବିବାକୁ ଛାଡ଼ି ଦିଆଯାଇଛି । ସାହିତ୍ୟିକ ଦୃଷ୍ଟିକୋଣରୁ ଦେଖିଲେ, ମାମୁର ଭାଷା ଓ ଶୈଳୀ ବି ଗୁରୁତ୍ୱପୂର୍ଣ୍ଣ । ବ୍ୟାସକବି ସାଧାରଣ ଓଡ଼ିଆ କଥିତ ଭାଷା ସହିତ ସଂସ୍କୃତ, ପାରସୀ, ଆରବିକ ଓ ଇଂରାଜୀ ଶବ୍ଦମାନଙ୍କୁ ମିଶାଇ ଏକ ସଜୀବ ଓ ପ୍ରାଣବନ୍ତ ଶୈଳୀ ସୃଷ୍ଟି କରିଛନ୍ତି । ଏହି ମିଶ୍ରିତ ଭାଷା ହିଁ ଉପନ୍ୟାସର ସାମାଜିକ ପରିବର୍ତ୍ତନକୁ ଅଧିକ ସ୍ୱଷ୍ଟ କରୁଛି ।

ସମାଲୋଚକମାନେ ଏହି ଉପନ୍ୟାସକୁ ଏକ ସାମାଜିକ ଇତିହାସ ଭାବେ ମଧ୍ୟ ଦେଖିଥାନ୍ତି । ଏକ ପରିବାରର କାହାଣୀ ମାଧ୍ୟମରେ ସମଗ୍ର ସମାଜର ପରିବର୍ତ୍ତନ-ଗ୍ରାମୀଣ ଜୀବନରୁ ନଗରମୁଖୀ ଜୀବନ, ସମୁଦାୟମୁଖୀ ମୂଲ୍ୟରୁ ବ୍ୟକ୍ତିଗତ ସ୍ୱାର୍ଥ-ସ୍ୱଷ୍ଟ । ନୈତିକ ଓ ମାନସିକ ଦୃଷ୍ଟିକୋଣରୁ ମଧ୍ୟ ଏହା ଖୁବ ଗଭୀର ମନେ ହୁଏ । ଚରିତ୍ରମାନେ କେବଳ ଭଲ କିମ୍ବା ଖରାପ ନୁହନ୍ତି ସେମାନେ ପରିସ୍ଥିତି ଓ ସ୍ୱାର୍ଥର ଶିକାର ହୋଇଥିବା ମଣିଷ । ଏହି ଜଟିଳତା ହିଁ ଉପନ୍ୟାସକୁ ବାସ୍ତବ ଓ ମାନବବାଦୀ କରିଥାଏ ।

ଓଡ଼ିଆ ସାହିତ୍ୟରେ ମାମୁକୁ ଫକୀରମୋହନଙ୍କ ଯଥାର୍ଥବାଦୀ ସାହିତ୍ୟ ରଚନା ଯଥା- 'ଛ ମାଣ ଆଠ ଗୁଣ୍ଠ' ଓ 'ପ୍ରାୟଶ୍ଚିତ୍ତ' ଭଳି କୃତି ସହ ତୁଳନା କରନ୍ତି, ତାହାର ବୃହତ୍ତର ଅଂଶ ଭାବରେ ପରିଗଣିତ ମଧ୍ୟ କରନ୍ତି । ଏହି କୃତିଗୁଡ଼ିକ ସାଧାରଣ ଲୋକଙ୍କ ଜୀବନ, ଆର୍ଥିକ ପରିବର୍ତ୍ତନ ଓ ସାମାଜିକ ସମସ୍ୟାକୁ ଖୁବ୍ ନିକଟରୁ ଅନୁସନ୍ଧାନ କରିଥାନ୍ତି ।

ମାମୁ ଏକ ସମୟସାପେକ୍ଷ ଉପନ୍ୟାସ, ଯାହା ଦେଖାଇଛି ଯେ ସମାଜ ଯେତେ ବଦଳୁଥାଏ, ମନୁଷ୍ୟର ଲୋଭ, ଦୁର୍ବଳତା ଓ ନୈତିକ ସଂଘର୍ଷ ସେତେ ଅପରିବର୍ତ୍ତିତ ରହେ । ଏହା ଆମକୁ ସ୍ମରଣ କରାଏ ଯେ, ପ୍ରଗତିର ମାର୍ଗ ସରଳ ନୁହେଁ, ଏବଂ ତାହାର ମୂଲ୍ୟ ବି ସବୁବେଳେ ସମାନ ନୁହେଁ ।


୧୯୧୩ ଠାରୁ ଏ ଯାଏଁ ମାମୁ ଉପନ୍ୟାସକୁ କଟକ, ଭୁବନେଶ୍ୱର ଓ ବାଲେଶ୍ୱରର ଅଧିକାଂଶ ପ୍ରକାଶକ ପ୍ରକାଶ କରିଛନ୍ତି ଓ ଏହାର ଅନେକ ସଂସ୍କରଣ ବି ବାହାରିଛି । ଆମ ଓଡ଼ିଶା ପକ୍ଷରୁ ଏହାର ଏକ ସଂକ୍ଷିପ୍ତ ରୂପ ପ୍ରକାଶିତ ହୋଇଛି । ମାମୁର ଇଂରାଜୀ ଅନୁବାଦ ପ୍ରଥମେ ରୂପାନ୍ତର ତରଫରୁ The Maternal Uncle ଓ ପରେ ଓଡିଶା ସାହିତ୍ୟ ଏକାଡେମି ପକ୍ଷରୁ The Uncle ଶୀର୍ଷକରେ ପ୍ରକାଶିତ ହୋଇଛି, ଯାହା ଫଳରେ ଅଣଓଡ଼ିଆ ପାଠକ ଏହାର ସ୍ୱାଦ ନେଇ ପାରିଛନ୍ତି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

## ଏ ସପ୍ତାହର ତିନୋଟି ମନଛୁଆଁ କବିତା...



### ନିଜ ଜୀବନ ଉପରେ



ଅମରେନ୍ଦ୍ର ଖଟୁଆ

କେତେ ସହଜରେ ଅନ୍ୟର ଦୁଃଖକୁ
କଳଗାଭଣା ପରି ବୁଝେଇବାର
ଅଭିନୟ ନଥାଏ ଆମ ସମସ୍ତଙ୍କ ପାଖରେ !
ଭଙ୍ଗା ହୃଦୟକୁ, ମୃତ ସମ୍ପର୍କୀୟକୁ, ପଳାୟନ
କରିଥିବା ଧୈର୍ଯ୍ୟକୁ-ଆମେ କେମିତି
କାରଣ ଦବାରେ କାହାଣୀ ନବନାଉ
ସମସ୍ତଙ୍କ ପାଖରେ !
ତା ପରେ ପୁଣି ଫେରିଆସୁ ସମୟ କାଟିବାର
ବିଚଳିତ ବିଛଣା ଉପରକୁ, ଠିକଣାଟିଏ
ସଂଗ୍ରହ କରିଥିବାର ଖଟ ଉପରକୁ' ନିଦ
ଜମା ନିଜର ନଥାଏ, ସ୍ୱପ୍ନ ସବୁ ବି ଏମିତି
ଧାରକରା ରୁଟିନର ପାଣ୍ଡୁଲିପି ପୃଷ୍ଠା ।
ନିଜକୁ କଣ ଗ୍ରହଣ କରି ବୁଝି ପାରିବାର
ଅମୋଘ ମନ୍ତ୍ରକୁ କଣ ଘୋଷି ପାରିଥାଏ
ନିଜ ଅପେକ୍ଷା, ସବୁ କିଛି ମାଗୁଥିବାରେ !
ଆମ ସମସ୍ତଙ୍କର ପ୍ରାର୍ଥନା ଭର୍ତ୍ତି ଶୂନ୍ୟସ୍ଥାନସବୁ
ହାତ ପତାଉଥିବା ପ୍ରେମିକର, ଆଣ୍ଠେଇ ପଡି
ନିଜ ଛାଇରେ ସୁଖ ଓ ଆବେଗ ଆଙ୍କୁଥିବାର
ମଣିଷର ଓ ଜନ୍ମମୃତ୍ୟୁର ଖଣ୍ଡିଆଖାବରା ମାନଚିତ୍ରରେ
ବନ୍ଧୁତା ଓ ପାରିବାରିକତାର ଭରସା ଯୋଗାଡ଼
କରୁଥିବାର ଅନ୍ୟ ଏକ ପ୍ରାଣୀର ।
କେମିତି କେଜାଣି ! ପାରି ହୁଏନା ଜାଣି,
ଏମିତି ଏଇ ଏକଇ ଜୀବନଯାପନର ସବୁ କାହାଣୀ

***(ଏବର ଓଡ଼ିଆ କବିତା କ୍ଷେତ୍ରରେ ଜଣେ ସ୍ୱନାମଧନ୍ୟ କବି)***
**୧୯୪, ଗ୍ରେଟର କୈଲାଶ-୧,**
**ନୂଆଦିଲ୍ଲୀ**
**ପିନ୍-୧୧୦୦୪୮**

### ଦୁଇଟି ପାଦ



ସନ୍ତୋଷ କୁମାର ସେଠୀ

ଅଭିମାନରେ ଝରି ପଡିଲା
କେଇ ଟୋପା ଲୁହ ତାଙ୍କ ପାଦ ପଦ୍ମରେ
ସେ ପାଦ ଥିଲା ସ୍ଥିର,ଅବିଚଳିତ
କିନ୍ତୁ ସେ କୋଳେଇ ନେଲେ ।
ମାତୃ ଗର୍ଭରୁ ଚୁକ୍ତି ହୋଇଥିଲା
ମୋ ସହ ସେ ସଦା ରହିଥିବେ
ଜନ୍ମ ପରେ ମୁଁ ଭୁଲି ଯାଇଥିଲି
ଜୀବନ ଜଞ୍ଜାଳ ତାଡନାରେ
ଲୋଭ,ମୋହ,ମାୟା ବନ୍ଧନରେ
ଶେଷ ଅବସ୍ଥାରେ ପଛକୁ ଚାହିଁ ଦେଖିଲି
ସବୁ ସୁଖ,ଆନନ୍ଦ,ଖୁସି ସମୟରେ
ଚାରୋଟି ପଦ ଚିହ୍ନ ଜୀବନ ରାସ୍ତାରେ
ଗୋଟିଏ ମୋର ଗୋଟିଏ ତାଙ୍କର ।
କୋହ ଢୋକି
ବାଷ୍ପରୁଦ୍ଧ କଣ୍ଠରେ କହିଲି
ମତେ ଠକି ଦେଲ ମଣିମା'
କହିଥିଲ ପରା
ଦୁଃଖ ସୁଖ ହସ ଲୁହ
ଆନନ୍ଦ ବିଷାଦ
ସବୁଥିରେ ମୋ ସାଥିରେ ଥିବ ??
ମନ୍ଦ ମନ୍ଦ ହସି ସେ ଉତ୍ତର ଦେଲେ
ହେ ମୋର ପ୍ରିୟ ସନ୍ତାନ,
ଚୁକ୍ତି ବଳବତ୍ତର ରହିଛି
ସେବେ ଠାରୁ ଏବେ ଯାଏଁ
ତୁମ ସୁଖ, ଆନନ୍ଦ, ଖୁସି ସମୟରେ
ତୁମ ପାଦ ସହ ପାଦ ମିଳାଇ
ଆମେ ଚାଲିଛନ୍ତି
କିନ୍ତୁ ତୁମ ଦୁଖ, ବିଷାଦ, କଷ୍ଟ
ଯନ୍ତ୍ରଣା ଓ ବ୍ୟଥା ସମୟରେ
ମୁଁ ତୁମକୁ କୋଳେଇ ନେଇଛି ମାତ୍ର
ତୁମେ ଦେଖୁଥିବା ମୋର ଦୁଇଟି ପାଦ ହିଁ
ଆମ ଚୁକ୍ତିର ସର୍ବଶ୍ରେଷ୍ଠ ପ୍ରମାଣ ପୁତ୍ର !!

***(ଜଣେ ସୁପରିଚିତ କବି)***
**ପୁରୀ, ମୋ-୯୪୩୭୩୦୨୬୧୮**



### ପ୍ରେମ ବନ୍ଦନା



ଅଖିଳ କୁମାର ମିଶ୍ର

ଭଲ ପାଇବାଟା ଏକ ସମ୍ମୋହନର ବନ୍ଦନା,
କାହିଁକି? ପ୍ରେମ ହେଉ କି ନ ହେଉ -
ପ୍ରେମର ଗୀତ ଗାଇ ଚାଲିବା ଧର୍ମ ମୋର,
ଗ୍ରହଣ କରିବ କି ନକରିବ, ଜାଣେନା ମୁଁ ।
ପ୍ରତି ମୁହୂର୍ତ୍ତରେ ପ୍ରତୀକ୍ଷା,
ଅଭିଯୋଗର ଲମ୍ବା ଫର୍ଦ ନାହିଁ,
ସନ୍ଦେହର ଛିଟାଭଳି କାଇଁ,
ସ୍ମୃତିର ଝାଉଁବଣ ସନ୍ଧ୍ୟାରେ,
ମିଶୁଥିବି ତୋ ସାଥିରେ, ସମୁଦ୍ରର ବେଳାଭୂମିରେ ।
ତୋ ଛାତିରେ ମୋ ଘର/ ଭାବିଥିଲି,
ରହିକି ପାରିଲି ନା ବାହାରି ଆସିଲି,
ସେ ପ୍ରଶ୍ନ ତୋ ମୁହଁରେ କେବେ ପଚାରିଲିନି,
ମୁଁ ତୋ ପାଇଁ କଳଙ୍କଟିଏ ଅବା
ଗଭୀର ନଦୀର କାତଟିଏ,
ସେଇଟା କେବେ ବୁଝି ପାରିଲିନି ।
ପ୍ରେମ ଏକ ଅନୁମତି,
ପ୍ରେମ ଏକ ସାହାରା,
ପ୍ରେମ ପ୍ରତାରଣାର ସାୟା,
ଖୋଜା ଯାଉଥିବା ଅଭିଧାନ ମାନି,
ପ୍ରେମକୁ ମୁଁ ଖୋଜୁଛି ତୋ ଦେହର ପୃଷ୍ଠାରେ ।
ତୋ ମୋ ଭିତରେ ରହିଥିବା ବ୍ୟବଧାନ ସବୁ ପ୍ରେମ,
ଉତ୍ତେଜନାର ଅଣ୍ଟରେ ପ୍ରେମ ଅଜରା ସ୍ୱପ୍ନ,
ଯେବେ ଯେବେ ପ୍ରେମକୁ ଆବିଷ୍କାର କରେ ତୋ'ଠାରେ,
ସେ ଧରିରଖେ ମତେ ତାର ଅବାକ୍ ଚାହାଣୀରେ,
ଏ ପ୍ରେମ ବେଶ୍ ଅନ୍ତରାଳ,
ଓ ତୀବ୍ରତାରେ ଝୁଲୁଥିବା ପ୍ରହର ।

***(ଓଡ଼ିଆ କବିତା କ୍ଷେତ୍ରରେ ଜଣେ ବିଶିଷ୍ଟ କବି)***
**ଆଡିସନାଲ ଡି.ଜି.**
**ପିଆଇବି, ଭୁବନେଶ୍ୱର**



# ବିସ୍ମୃତ ଲୋକକବି ଜଗନ୍ନାଥ ପାଣି



କାଳନ୍ଦୀ ମଲ୍ଲିକ

ପ୍ରଚଣ୍ଡ ପ୍ରତିଭାସମ୍ପନ୍ନ ଥିଲେ ଲୋକକବି ଜଗନ୍ନାଥ ପାଣି । ସେ ଲୋକ ହୃଦୟର କବି । ଏହି ଲୋକ କହିଲେ ତତ୍କାଳୀନ ସମାଜର ସାଧାରଣ ମଣିଷ । ଯେତେବେଳେ ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରସିଦ୍ଧ ଗୀତିନାଟ୍ୟକାର ଲୋକକବି ଜଗନ୍ନାଥ ପାଣି ଥିଲେ ସାବଲୀଳ କାହାଣୀରେ ମଣିଷ ହୃଦୟର ଭାଷାକୁ ବାସ୍ତବଧର୍ମୀ ନାଟକୀୟତାରେ ପରିଣତ କରିଥିବା ଏକ ଅଦ୍ୱିତୀୟ ସ୍ରଷ୍ଟା ।

ପୁରାଣ ଇତିହାସର କାହାଣୀ କିମ୍ବଦନ୍ତୀକୁ ନେଇ ସେ ସୃଷ୍ଟି କଲେ ଗୀତାଭିନୟ, ତାମସା, ପ୍ରହସନ ଓ ଲାଳିକା । ସେଥିରେ ସମକାଳୀନ ସମାଜର ସୁଖଦୁଃଖ, ସଂଘର୍ଷ, ସଂଘାତ, ଆଶା, ସଂସ୍କାର ବାସ୍ତବ ଭାବେ ସ୍ଥାନ ପାଇଲା । ପୁରାଣ ପୃଷ୍ଠାର ଅନୁପମ ଚରିତ୍ର କେତୋଟି ମାଟିର ବୈକୁଣ୍ଠକୁ ଓହ୍ଲାଇ ଆସିଲେ । ପାଣି କବି ସର୍ବପ୍ରଥମେ ନିଜର ମୌଳିକ ଶୈଳୀର ଉପସ୍ଥାପନା କଲେ, ଯାହା ଏକ ସମୃଦ୍ଧ ପରମ୍ପରାର ଆଦର୍ଶ ରୂପେ ପରବର୍ତ୍ତୀ ସମୟକୁ ଉଦ୍‌ବୁଦ୍ଧ କଲା। ତାଙ୍କ ସୃଷ୍ଟିଧାରା ହେଲା ଉତ୍କଳୀୟ ସାରସ୍ୱତ ଜଗତର ଅମୂଲ୍ୟ ମଣି ମାଣିକ୍ୟ । ତାହାରି ଭିତରୁ ଗୁଞ୍ଜରିତ ହେଲା ଓଡ଼ିଆ ଜାତିର ଅମଳିନ ଚରିତ୍ର ବତ୍ତା, ଉକୁଟି ଉଠିଲା ଅବିସ୍ମରଣୀୟ ପ୍ରଜ୍ଞା, ସୂଚିତ ହେଲା ଐତିହାସିକ ଦିନଚର୍ଯ୍ୟା, ନିରୂପିତ ହେଲା ଧର୍ମ, କର୍ମ, ପୁଣ୍ୟ, ପ୍ରତିଷ୍ଠା । ତାଙ୍କର 'ଗୀତାଭିନୟ' ହେଲା ଜୀବନ୍ତ, ସେ ହୋଇଗଲେ ବହୁ କିମ୍ବଦନ୍ତୀର କେନ୍ଦ୍ରବିନ୍ଦୁ । ପାଣିକବିଙ୍କ ଗୀତିନାଟ୍ୟ କେବଳ ନିମ୍ନବର୍ଗର ମନୋରଞ୍ଜନ ପାଇଁ ଯେ ଉଦ୍ଦିଷ୍ଟ ଥିଲା ତାହା ନୁହେଁ, ବୌଦ୍ଧିକ ସମାଜକୁ ବିମୁଗ୍ଧ କରିବାରେ ସମସ୍ତ ପ୍ରକାର ଉପାଦାନରେ ମଧ୍ୟ ଭରପୂର ଥିଲା। କବି ଜୟଦେବଙ୍କର ଭକ୍ତିଭାବନା, ଦୀନକୃଷ୍ଣଙ୍କର କାନ୍ତକୋମଳ ପଦବିନ୍ୟାସ, ଭଞ୍ଜକବିଙ୍କ ବର୍ଣ୍ଣନା ଚାତୁରୀ, ଅଭିମନ୍ୟୁଙ୍କ ବିଦଗ୍ଧ ପ୍ରେମାନୁଭୂତିର ଅପୂର୍ବ ସମନ୍ୱୟରେ ତାଙ୍କ ସୃଷ୍ଟି ବିମଣ୍ଡିତ ହୋଇଥିଲା । ଆଜିର ପଣ୍ଡିତମାନେ ପାଣିକବିଙ୍କ ଗୀତାଭିନୟକୁ ଛାନ୍ଦ ନାଟକ ରୂପେ ପରିଗଣିତ କରନ୍ତି । ନାଟକୀୟତା ଅପେକ୍ଷା ସେଥିରେ କାବ୍ୟଗୁଣ ଅଧିକ ଥିଲେ ମଧ୍ୟ, ନିଜେ ସେ ଜଣେ ସୁଅଭିନେତା ଓ ନିର୍ଦ୍ଦେଶକ ହୋଇଥିବାରୁ ଆକର୍ଷଣୀୟ ଉପସ୍ଥାପନା ଶୈଳୀରେ ଏହାକୁ ସେ ଅତ୍ୟନ୍ତ ଉପଭୋଗ୍ୟ କରାଇ ପାରିଥିଲେ ।

୧୮୩୬ ମସିହା ପବିତ୍ର ମହାବିଷୁବ ସଂକ୍ରାନ୍ତିରେ ଲୋକକବି ଇତିହାସ ପ୍ରସିଦ୍ଧ ଭଦ୍ରକ ସହର ସନ୍ନିକଟ ନଳାଙ୍ଗ ଗ୍ରାମରେ ଏକ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଭୂମିଷ୍ଠ ହୋଇଥିଲେ। ପ୍ରାଚୁର୍ଯ୍ୟପୂର୍ଣ୍ଣ ପରିବେଶରେ ତାଙ୍କର ଜନ୍ମ ହୋଇଥିଲେ ମଧ୍ୟ ସାଧାରଣ ମଣିଷମାନଙ୍କର ସୁଖଦୁଃଖ ରହସ୍ୟ ରୋମାଞ୍ଚ ଭିତରେ ବଞ୍ଚିବାକୁ ତାଙ୍କର ରୁଚି ଥିଲା। ତତ୍କାଳୀନ ବ୍ରାହ୍ମଣ ପରିବାରର ପ୍ରଚଣ୍ଡ ରକ୍ଷଣଶୀଳତାକୁ ଭୃକ୍ଷେପ ନକରି ସେ ଓହ୍ଲାଇ ଆସିଥିଲେ ସମାଜର ଦଳିତ ନିଷ୍ପେସିତ ଜନତାଙ୍କ ମଧ୍ୟକୁ । ସେହିଠାରୁ ଆତ୍ମପ୍ରକାଶ କଲା ତାଙ୍କ କବି ଓ କଳାକାର ଜୀବନ ।

ଗଣକବି ବୈଷ୍ଣବ ପାଣିଙ୍କର ବହୁ ପୂର୍ବରୁ ସେ ଗୀତିନାଟ୍ୟ ରଚନା କରିଥିଲେ । ତାଙ୍କ ରଚିତ ଛାନ୍ଦ ନାଟକର ଲୋକପ୍ରିୟତା ସଂପର୍କରେ ଗଣକବି ବୈଷ୍ଣବ ପାଣି ତାଙ୍କ ଜୀବନୀରେ ଲେଖିଯାଇଛନ୍ତି, ସେତେବେଳେ ଓଡ଼ିଶାର ନାଟ୍ୟଦଳ (ଯାତ୍ରା) ଅତି ବିରଳ । କେବଳ ତାଙ୍କର ଦଳଟି କଟକ, ପୁରୀ, ବାଲେଶ୍ୱର ଅଞ୍ଚଳ ଯାଇଥାଏ । ଭଦ୍ରକସ୍ଥ ନଳାଙ୍ଗ ନିବାସୀ କବି ଜଗନ୍ନାଥ ପାଣିଙ୍କ **ଲୀଳା ସମାଜ, ଅଶ୍ୱମେଧ ଯଜ୍ଞ, ମହୀରାବଣ ବଧ, ଦକ୍ଷଯଜ୍ଞ, ପାରିଜାତହରଣ, ବଭ୍ରୁବାହନ** ପ୍ରଭୃତି ଖୁବ୍ ଲୋକପ୍ରିୟ । ବୈଷ୍ଣବ ପାଣି ମଧ୍ୟ ଜଗନ୍ନାଥ ପାଣିଙ୍କଠାରୁ ପ୍ରେରଣା ସଂଗ୍ରହ କରିବା କଥା ସ୍ୱୀକାର କରିଛନ୍ତି ।

ସେଦିନ ଥିଲା ଓଡ଼ିଆ ଜାତିର ଏକ ସଂକଟପୂର୍ଣ୍ଣ ସମୟ । ସାମନ୍ତବାଦୀ ବଙ୍ଗୀୟ ଅଧିକାରୀମାନେ ଓଡ଼ିଆ ଭାଷା ବିରୁଦ୍ଧରେ ଷଡ଼ଯନ୍ତ୍ର ଆରମ୍ଭ କରିଦେଇଥିଲେ । ପ୍ରଚଳିତ ରାମଲୀଳା, କୃଷ୍ଣଲୀଳା, ଭାରତଲୀଳାର ରାଜାରାଣୀ ପାତ୍ରପାତ୍ରୀମାନେ ନଅଙ୍କ ଦୁର୍ଭିକ୍ଷର କରାଳ ଛାୟାରେ ଶ୍ରୀହୀନ ହୋଇଗଲେ । ଅସ୍ତିତ୍ୱ ବଞ୍ଚାଇ ରଖିବା ପାଇଁ ଓଡ଼ିଆ ଭାଷା ସଂଗ୍ରାମର ସମ୍ମୁଖୀନ ହେଲା। ଯାତ୍ରାମଞ୍ଚ ଜରିଆରେ ମ୍ରିୟମାଣ ଓଡ଼ିଆ ଜାତୀୟତାକୁ ପୁନର୍ଜୀବିତ କରିପାରିଥିଲେ ।

**ଗୀତାଭିନୟ, ଲୀଳା, ସୁଆଙ୍ଗ, ତାମସା, ପ୍ରହସନ, ଫାର୍ସ ସୃଷ୍ଟି ଓ ପ୍ରଦର୍ଶନରେ ଲୋକକବି ଜଗନ୍ନାଥ ପ୍ରଚଣ୍ଡ ସୂର୍ଯ୍ୟ ପରି ଅକ୍ଷୟ ପ୍ରତିଭାର ଅଧିକାରୀ - କାନ୍ତକୋମଳ ଲଳିତଛନ୍ଦ, ସୁମଧୁର ଭାଷା, ଆବେଗମୟ ଦୃଶ୍ୟ ସଂରଚନା, ପାତ୍ରପାତ୍ରୀମାନଙ୍କୁ ଉଚିତ୍ ମାର୍ଗ ପ୍ରଦର୍ଶନ ସହିତ ଗୀତାଭିନୟ ଜରିଆରେ ଜନମାନସରେ ସେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇ ପାରିଥିଲେ ।**

ଗୀତାଭିନୟ, ଲୀଳା, ସୁଆଙ୍ଗ, ତାମସା, ପ୍ରହସନ, ଫାର୍ସ ସୃଷ୍ଟି ଓ ପ୍ରଦର୍ଶନରେ ଲୋକକବି ଜଗନ୍ନାଥ ପ୍ରଚଣ୍ଡ ସୂର୍ଯ୍ୟ ପରି ଅକ୍ଷୟ ପ୍ରତିଭାର ଅଧିକାରୀ - କାନ୍ତକୋମଳ ଲଳିତଛନ୍ଦ, ସୁମଧୁର ଭାଷା, ଆବେଗମୟ ଦୃଶ୍ୟ ସଂରଚନା, ପାତ୍ରପାତ୍ରୀମାନଙ୍କୁ ଉଚିତ୍ ମାର୍ଗ ପ୍ରଦର୍ଶନ ସହିତ ଗୀତାଭିନୟ ଜରିଆରେ ଜନମାନସରେ ସେ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇ ପାରିଥିଲେ । ପାଣିକବିଙ୍କ ଠାରୁ ଯାତ୍ରା ପରମ୍ପରାର ନୂତନ ସେତୁ ପ୍ରତିଷ୍ଠା ହୋଇ କାନ୍ତକବି ଲକ୍ଷ୍ମୀକାନ୍ତ, ଗଣକବି ବୈଷ୍ଣବ ପାଣି, କବିଚନ୍ଦ୍ର କାଳୀଚରଣ, କବିମଞ୍ଜୁଳ କୃଷ୍ଣପ୍ରସାଦ ପର୍ଯ୍ୟନ୍ତ ସଂଯୋଗୀକରଣ ହୋଇଥିବାରୁ ପିଢ଼ି ପରେ ପିଢ଼ି ଅତିକ୍ରମ କରି ଆଜିର ଆଧୁନିକ ନାଟ୍ୟଜଗତ ବଞ୍ଚି ରହିଛି । ପ୍ରାୟତଃ ଗଣନାଟ୍ୟକାର ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡାଙ୍କ ଭାଷାରେ

*ପାଣିକବିଙ୍କର ପର କଲମରୁ*
*ଝରୁଥିଲା ଯେବେ ଗୀତାଭିନୟ,*
*ଲଳିତଛନ୍ଦ ମଧୁର ସୁରେ,*
*ଶିଳ୍ପୀ ଜିଣିଲେ ଲୋକ ହୃଦୟ ।*
*ଜଗନ୍ନାଥ ପାଣି ଓଡ଼ିଶାବାସୀଙ୍କ*
*ମୁକୁଟ ବିହୀନ ମଉଡ଼ମଣୀ,*
*ତାମସା ଲାଳିକା ଲୀଳା ପ୍ରହସନେ*
*ବିଦ୍‌ଗଧ ଦର୍ଶକ ହୃଦୟ ଜିଣି ।*
*ବଙ୍ଗଳା ଆସାମ ଆନ୍ଧ୍ର କୋଶଳ*
*କଳା ରାଇଜର ବିପଣି କରି,*
*କଳିଙ୍ଗର ଟେକ ରଖିଥିଲେ ସେତ*
*ଉଜାଣି ଜୁଆରେ ଚଳାଇ ତରୀ ।'*

**(ମହା ବିଷୁବ ସଂକ୍ରାନ୍ତୀ ଏପ୍ରିଲ୍ ୧୪ ତାରିଖ ୧୯୦ ତମ ଜନ୍ମଜୟନ୍ତୀ ଉପଲକ୍ଷେ )**

**(ମଞ୍ଚ କଳାକାର)ସଦସ୍ୟ- ଜିଲ୍ଲା ସରକାରୀ କଳା ସଂସ୍କୃତି ସଂଘ, (ZKSS) ଭଦ୍ରକ**
**କଳାତୀର୍ଥ, ଆନନ୍ଦବଜାର, ଭଦ୍ରକ-୧୬**
**ମୋ- ୯୩୩୭୬୭୬୯୫୭**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇସ୍‌ଲାମାବାଦ୍‌ରେ...

ଉପରେ କୌଣସି ନିଷ୍ପତ୍ତି ହୋଇନାହିଁ । ପାକିସ୍ତାନ ପ୍ରଧାନମନ୍ତ୍ରୀ ସେହେବାଜ୍ ସରିଫ ଆମେରିକା ଉପରାଷ୍ଟ୍ରପତି ଜେଡି ଭାନ୍ସଙ୍କୁ ସାକ୍ଷାତ କରିଛନ୍ତି । ଇରାନ ପକ୍ଷରୁ ଏକ ଯୁଗ୍ମ ତ୍ରିପାକ୍ଷିକ କଥାବାର୍ତ୍ତା ପାଇଁ ସର୍ତ୍ତ ରଖାଯାଇଛି । ଇସ୍ରାଏଲକୁ ଏଥିରେ ସାମିଲ କରିବାକୁ କୁହାଯାଉଛି । ଇସ୍ରାଏଲ ଏବେବି ଲେବାନନ ଉପରେ ଆକ୍ରମଣ ଜାରି ରଖିଛି ।

### ଆତଙ୍କୀ...

ଟିମ ସହ ଯାଇଥିବା କ୍ୟାପିଟାଲ ଥାନା ପୋଲିସ ଘଟଣା ସମ୍ପର୍କରେ କହିଥିଲା । ପୁଅକୁ ଡାକ ବୋଲି କହିବାରୁ ସେ ପୁଅକୁ ଡାକିଥିଲେ । ଏହାପରେ ପୋଲିସ ଇମ୍ରାନଙ୍କୁ ସାଙ୍ଗରେ ନେବେ ବୋଲି କହିବାରୁ ବାପା ସହମତି କରିଥିଲେ । ଦିଲ୍ଲୀ ପୋଲିସ ଇମ୍ରାନଙ୍କୁ ଆତଙ୍କୀ ଲିଙ୍କ ସନ୍ଦେହରେ ଗିରଫ କରିଥିବା ବେଳେ ପୁଅ ନିର୍ଦ୍ଦୋଶ ବୋଲି ବାପା କହିଛନ୍ତି । କାରଣ ଇମ୍ରାନଙ୍କ ବୟସ ମାତ୍ର ୨୨ ବର୍ଷ । ମୋବାଇଲ ପୁଅକୁ ଖରାପ କରିଦେଲା ବୋଲି ସେ ଗଣମାଧମକୁ ମତ ଦେଇଛନ୍ତି ।

କ୍ୟାପିଟାଲ ଥାନା ପୋଲିସ ଦେଇଥିବା ସୂଚନା ଅନୁଯାୟୀ ଇମ୍ରାନ ସୋସିଆଲ ମିଡିଆରେ ଦେଶ ବିରୋଧୀ ଉତ୍ତେଜିତ ମନ୍ତବ୍ୟ ଉପସ୍ଥାପନ କରୁଥିବାରୁ ଦିଲ୍ଲୀ ପୋଲିସ ତାକୁ ଗିରଫ କରିଛି । ଆତଙ୍କୀ ଲିଙ୍କ ସମ୍ପର୍କରେ କ୍ୟାପିଟାଲ ଥାନା ପୋଲିସ ଗଣମାଧମକୁ କିଛି ସୂଚନା ଦେଇନାହିଁ । ନିର୍ଭରଯୋଗ୍ୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ ସୋସିଆଲ ମିଡିଆ ମାଧ୍ୟମରେ ଇମ୍ରାନ ପାକିସ୍ତାନର କେତେକ ଆତଙ୍କୀଙ୍କ ଲିଙ୍କରେ ଅଛନ୍ତି । ଦିଲ୍ଲୀ ପୋଲିସ ଇମ୍ରାନଙ୍କୁ ନେଇ ଛାନଭିନ କରିବା ପରେ ପ୍ରକୃତ ରହସ୍ୟ ଜଣାପଡିବ । ଇମ୍ରାନର ଆତଙ୍କୀ ଲିଙ୍କ ଅଛି କି ନାହିଁ, ତଦନ୍ତ ଆଗକୁ ବଢିଲେ ଜଣାପଡିବ ବୋଲି ପୋଲିସ କହିଛି । ଅନ୍ୟ ଜଣେ ପୋଲିସ ଅଫିସର କହିବା ଅନୁଯାୟୀ ସୋସିଆଲ ମିଡିଆରେ ସେ ଆପତ୍ତିଜନକ ମନ୍ତବ୍ୟ ଦେଇ ଅଡୁଆରେ ପଡିଛି ।

ଭୁବନେଶ୍ୱରରୁ କେବଳ ଇମ୍ରାନ ନୁହେଁ ପୂର୍ବରୁ କଟକ, ବାଲେଶ୍ୱର, ରାଉରକେଲା ପ୍ରଭୃତିରୁ ଆତଙ୍କୀ ଲିଙ୍କ ଥିବା ବହୁ ସନ୍ଦିଗ୍ଧ ଗିରଫ ହୋଇଛନ୍ତି । କଟକରୁ ଗିରଫ ହୋଇଥିବା ଅବଦୁଲ ରେହମାନର ଆତଙ୍କୀ ଲିଙ୍କ ଥିବା ସ୍ପଷ୍ଟ ହୋଇଥିଲା । ରାଉରକେଲାରୁ ଗିରଫ ହୋଇଥିବା ୫ ଜଣ ସନ୍ଦିଗ୍ଧଙ୍କ ସିମି ଆତଙ୍କୀବାଦଙ୍କ ସହିତ ସମ୍ପର୍କ ଥିବା ଜଣାପଡିବା ପରେ ତାଙ୍କୁ ଗିରଫ କରାଯାଇଥିଲା । ଭୁବନେଶ୍ୱରରୁ ଶୁକ୍ରବାର ରାତିରେ ଗିରଫ ହୋଇଥିବା ଇମ୍ରାନର ମୋବାଇଲ, ଲାପ୍‌ଟପରେ ଥିବା ତଥ୍ୟକୁ ଦିଲ୍ଲୀ ପୋଲିସ ଆନାଲିସିସ୍ କଲେ ଆତଙ୍କୀ ଲିଙ୍କ ଅଛି କି ନାହିଁ ସ୍ପଷ୍ଟ ହେବ ।

### କେନ୍ଦୁଝର...

ମୁଖ୍ୟ ଧାରା ସାଜିଛି । କେନ୍ଦୁଝର ଗସ୍ତରେ ଯାଇ ମୁଖ୍ୟମନ୍ତ୍ରୀ ଏହି ପୋଲକୁ ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ କରି କହିଛନ୍ତି ଯେ ବୋଦାପାଳସା ଗ୍ରାମପଂଚାୟତ ଏବଂ ଏହାର ଆଖପାଖ ଗ୍ରାମର ଲୋକଙ୍କୁ ଆଉ ଯିବା ଆସିବାରେ କୌଣସି ଅସୁବିଧା ରହିବ ନାହିଁ । ୧୦୦ ମିଟରରୁ ଉର୍ଦ୍ଧ୍ୱ ଲମ୍ବ ବିଶିଷ୍ଟ ଏହି ପୋଲ କେନ୍ଦୁଝର ସଦର ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ଆଣିବ ।

ଉକ୍ତ ଉଦଘାଟନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଡଃ ଫକୀର ମୋହନ ନାଏକ, ପାଟଣା ବିଧାୟକ ଅଖିଳ ନାଏକ ଓ ଜିଲ୍ଲାପାଳ ବିଶାଳ ସିଂହ ପ୍ରମୁଖ ଉପସ୍ଥିତ ଥିଲେ ।

### ବିଶିଷ୍ଟ...

ସଙ୍ଗୀତ ଦୁନିଆରେ ଜଣେ ଜଣାଶୁଣା ଗାୟିକା । ଆଓ ହଜୁର ତୁମ୍‌କୋ, ଚୁରାଲିୟା ହେ ତୁମ୍‌ନେ ଜୋ ଦିଲ୍‌କୋ ଆଦି ଲୋକପ୍ରିୟ ଗୀତରେ ସେ କଣ୍ଠଦାନ କରିଛନ୍ତି । ବହୁ ହିନ୍ଦୀ ଚଳଚ୍ଚିତ୍ରରେ ମଧ୍ୟ ସେ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ ମଧ୍ୟ ନିଜର କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିଛନ୍ତି । ୧୯୫୦ ମସିହାରୁ ବଲିଉଡ୍ ଫିଲ୍ମରେ ପ୍ରଚ୍ଛଦପଟ୍ଟ ଗାୟିକା ଭାବେ କଣ୍ଠଦାନ କରି ଆସୁଛନ୍ତି । ତାଙ୍କୁ ୨୦୦୦ ମସିହାରେ ଦାଦାସାହେବ ଫାଲକେ ପୁରସ୍କାରରେ ସମ୍ମାନୀତ କରାଯାଇଥିବାବେଳେ ୨୦୦୮ ରେ ପଦ୍ମବିଭୂଷଣ ଉପାଧି ପ୍ରଦାନ କରାଯାଇଥିଲା । ସେ ମଧ୍ୟ ଦୁଇଟି ଜାତୀୟ ଫିଲ୍ମ ପୁରସ୍କାର ପାଇଛନ୍ତି । ମ୍ୟୁଜିକ୍ କଂପୋଜର ସଜାଗ ହୁସେନ୍‌ଙ୍କ ଆଲ୍‌ବମ୍ ଆଶାଙ୍କୁ ପ୍ରସିଦ୍ଧି ଦେଇଥିଲା । ୧୯୫୭ ରେ ମୁକ୍ତିଲାଭ କରିଥିବା ବିଆର୍ ଚୋପ୍ରାଙ୍କ ନୟାଦୋର ଫିଲ୍ମରେ କଣ୍ଠଦାନ କରି ଆଶା ସଫଳତାର ଅସଲ ସ୍ୱାଦ ଚାଖିଥିଲେ । ମହମ୍ମଦ ରଫିଙ୍କ ସହ ଆଶାଙ୍କ ଯୋଡ଼ି ସେ ସମୟରେ ସୁପରହିଟ୍ ଥିଲା ।

### ୪୨ ମାଓବାଦୀଙ୍କ...

ଚପା ନାରାୟଣ ଓରଫ ଗଜେନ୍ଦ୍ର ଅଛନ୍ତି । ଅନ୍ୟମାନେ ହେଲେ ଡିଭିସିଏମ୍ ସଦସ୍ୟ ମାଡବୀ, କାଡତି ସୋନୁ, ମଡିୟମ ମୁନ୍ନି, ପୁନେମ, ହେମଲା ଲଛି, ଏସିଏମ୍ ସୋଡୀ ଭୀମା, ତାଟି ରାଜୁ, କୋବାସୀ ରାଜୁ, ମଡିୟମ ଭୀମା, ମାଡକମ ଭୀମା, ପୋଡିୟମ ଗାଙ୍ଗି, ସୋଡି ଭୀମା, କୁଡାମ ଦେବୀ । ଏମାନଙ୍କ ନାମରେ ସରକାର ୧ କୋଟି ୯୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେଛ ଏମାନେ ପୁଲିସ ନିକଟରେ ୫ଟି ଏକେ-୪୭, ୪ ଏସ୍‌ଏଲ୍‌ଆର ରାଇଫଲ, ୩ଟି ଇନସାସ, ୬ଟି ୩୦୩ ରାଇଫଲ, ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୨ଟି ରିଭଲଭର, ଗୋଟିଏ ବିଜିଏଲ ବନ୍ଧୁକ, ଗୋଟିଏ ଏୟାର ଗନ୍ ସମେତ ୧୦୦୭ଟି ଜୀବନ୍ତ ଗୁଳି ଏବଂ ୮୦୦ ଗ୍ରାମ ସୁନା ମଧ୍ୟ ହସ୍ତାନ୍ତର କରିଛନ୍ତିଛ ଏଥିସହ ଏକେ-୪୭ ବନ୍ଧୁକ ପାଇଁ ୪ ଲକ୍ଷ, ଇନ୍ସାସ୍ ବନ୍ଧୁକ ପାଇଁ ୨ ଲକ୍ଷ, ଏସ୍‌ଏଲ୍‌ଆର ବନ୍ଧୁକ ପାଇଁ ୨ ଲକ୍ଷ ଟଙ୍କା, ୩୦୩ ପାଇଁ ଏକ ଲକ୍ଷ ଟଙ୍କା, ୧୨ ବୋର ବନ୍ଧୁକ ପାଇଁ ୩୦ ହଜାର ଟଙ୍କା, ୯ ଏମ୍‌ଏମ୍ ବନ୍ଧୁକ ପାଇଁ ୨୫ ହଜାର ଟଙ୍କା ପୁରସ୍କାର ରହିଛି ।

### ମହାପ୍ରଭୁଙ୍କ...

ଗଣତି ମଣତି କରାଯାଇଛି । ୧୪ ତାରିଖ ମହାବିଷୁବ ସଂକ୍ରାନ୍ତି ଥିବାରୁ ଗଣତି ମଣତି ବନ୍ଦ ରହିବ । ଏହାପରେ ୧୬ ରୁ ୧୮ ଯାଏଁ ପୁଣିଥରେ ଗଣତି ମଣତି କରାଯିବ ବୋଲି କହିଛନ୍ତି ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ର । ତେବେ ବାହାର ରତ୍ନଭଣ୍ଡାରର କିଛି ଅଳଙ୍କାର ଜେମୋଲୋଜିଷ୍ଟ ବା ରତ୍ନ ବିଶାରଦ ମାନେ ଚିହ୍ନଟ କରିପାରିନାହାନ୍ତି । ବାହାର ରତ୍ନଭଣ୍ଡାରରେ ଆଉ ୧୮ ପ୍ରକାର ଅଳଙ୍କାର ବୃଦ୍ଧି ହୋଇଥିବା ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ମହାପାତ୍ରଙ୍କ ସୂଚନା ।

୧୯୭୮ ମସିହା ତାଲିକା ଅନୁସାରେ ବାହାର ରତ୍ନଭଣ୍ଡାରରେ ଦୁଇଟି ଅଳଙ୍କାର ନାହିଁ । ହୁଏତ ଏହା ଭିତର ରତ୍ନଭଣ୍ଡାରରେ ରହିଥାଇପାରେ । ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସୂଚନା । ଆଜି ଗଣତି ମଣତି ପ୍ରକ୍ରିୟାରେ ରତ୍ନଭଣ୍ଡାର ତଦାରଖ କମିଟିର ଜଷ୍ଟିସ ବିଶ୍ୱନାଥ ରଥ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀଙ୍କ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହିତ ପ୍ରାଧିକୃତ ସେବାୟତ ଉପସ୍ଥିତ ଥିଲେ ।

# ୧ କ୍ୱିଣ୍ଟାଲରୁ ଅଧିକ ଗଞ୍ଜେଇ ଜବତ, ୩ ଗିରଫ

ନିରାକାରପୁର, (ସବ୍ୟୁ): ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗକୁ ଶୁକ୍ରବାର ଦିନ ଦୁଇଟି ପୃଥକ ଚଢ଼ାଉରେ ଏକ ବଡ଼ ସଫଳତା ମିଳିଛି । ଟାଙ୍ଗୀ ଏବଂ ଖୋର୍ଦ୍ଧା ଅବକାରୀ ରେଞ୍ଜ ପକ୍ଷରୁ କରାଯାଇଥିବା ଏହି କାର୍ଯ୍ୟାନୁଷ୍ଠାନରେ ପ୍ରାୟ ୧ କୋଟି ୨୨ ଲକ୍ଷ ଟଙ୍କାର ଗଞ୍ଜେଇ ସମେତ ଦୁଇଟି ଗାଡ଼ି ଜବତ କରାଯାଇଥିବା ବେଳେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଟାଙ୍ଗୀ ଅବକାରୀ ରେଞ୍ଜ ଅଧୀନସ୍ଥ ଜଙ୍କିଆ ଥାନା ଅନ୍ତର୍ଗତ ଛଣଗିରି ରୋଡ ଫୁଟବଲ ପଡ଼ିଆ ସମ୍ମୁଖରେ ବିଭାଗ ପକ୍ଷରୁ ଏକ ବଡ଼ ଧରଣର ଚଢ଼ାଉ କରାଯାଇଥିଲା । ଏକ ଟାଟା ଏସି ମାଲବାହୀ ଗାଡ଼ିରେ (ଓଡ଼-୦୨-ଇଔ-୮୭୪୩) ନୟାଗଡ଼ରୁ ଜଙ୍କିଆ ଆଡ଼କୁ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଅବକାରୀ ଟିମ ଚଢ଼ାଉ କରିଥିଲେ । ଏହି ଗାଡ଼ିରୁ ୯୬୦ କିଲୋଗ୍ରାମ ଗଞ୍ଜେଇ, ଟାଟା ଏସି ଗାଡ଼ି ଏବଂ ଏକ ରେଡମି ସ୍ମାର୍ଟଫୋନ ଜବତ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧,୦୧,୦୦,୦୦୦ ଟଙ୍କା ଓ ଗିରଫ ହୋଇଥିବା ବ୍ୟକ୍ତି ହେଲେ କାଳୁ ଚରଣ ଦାସ (୪୫), ପିତା- ସୁବଳ ଦାସ, ଜଟଣୀ ଗଜପତି ନଗର । ଏହି ଚଢ଼ାଉରେ ଟାଙ୍ଗୀ ରେଞ୍ଜ ପରିଦର୍ଶକ ଅଜିତ ପାତ୍ର, ଓଆଇସି ରମେଶ ଚନ୍ଦ୍ର ବାରିକ, ଏଏସଆଇ ରାମଚନ୍ଦ୍ର ଜେନା, ସମ୍ଭୁନାଥ ପାତ୍ର ଏବଂ କନଷ୍ଟେବଳ ଅଶେଷ ପ୍ରଧାନ, ମନୋଜ ଜୟସିଂହ ଓ ସସ୍ମିତା ସେଠୀ ସାମିଲ ଥିଲେ । ସେହିପରି ଅନ୍ୟ ଏକ ଘଟଣାରେ, ଆଜି ଭୋର ପ୍ରାୟ ୬ଟା ସମୟରେ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ମେଡିକାଲ ଛକ ନିକଟରେ ଅବକାରୀ ବିଭାଗ ଏକ ସୁଜୁକି ନେକ୍ସା ଗ୍ରାଣ୍ଡ ଭିଟାରା (ଓଡ଼-୦୨-ଡM-୦୯୭୦) କାରକୁ ଅଟକାଇ ଯାଞ୍ଚ କରିଥିଲା । ସେଥିରୁ ୧୦୦ କିଲୋଗ୍ରାମ ଗଞ୍ଜେଇ ଏବଂ ବ୍ୟବହୃତ ଦାମୀ କା ।ର୍ ଜବ୍ଦ ହୋଇଛି । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୧,୦୦,୦୦୦ ଟଙ୍କା ହେବ ବୋଲି ଜଣାପଡ଼ିଛି । ଗିରଫ ବ୍ୟକ୍ତି ହେଲେ କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନା ଅଞ୍ଚଳର ମହେଶ ମଲ୍ଲିକ (୨୧) ଏବଂ ପ୍ରକାଶ ପ୍ରଧାନ (୩୮) । ଖୋର୍ଦ୍ଧା ରେଞ୍ଜ ପରିଦର୍ଶକ ରାଧାକାନ୍ତ ଭୋଇଙ୍କ ନେତୃତ୍ୱରେ ଓଆଇସି ସୁଜିତ କୁମାର ମୁଦୁଲି, ଏଏସଆଇ ସମରେନ୍ଦ୍ର ସାମନ୍ତସିଂହାର ଏବଂ କନଷ୍ଟେବଳ ଟିଟୁ ସାହୁ, ଚିନ୍ମୟୀ ସେଠୀ, ସାନନ୍ଦ କୁଆଁର ଓ ପ୍ରଣବ ବେହେରା ଏହି ଚଢ଼ାଉ କରିଥିଲେ । ଅବକାରୀ ବିଭାଗ ପକ୍ଷରୁ ଉଭୟ ଘଟଣାରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି । ଏହି ଚୋରା କାରବାର ପଛରେ ଆଉ କାହାର ହାତ ଅଛି ସେ ନେଇ ପଚରାଉଚରା କରାଯାଉଛି ।

## ଦାଦନ ଶ୍ରମିକଙ୍କ ସନ୍ଦେହଳ ଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି ,(ସବ୍ୟୁ): ଦାଦନ ଶ୍ରମକି ଭାବେ କାମ କରିବାକୁ ଯାଇଥିବା ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ଗ୍ରାମର ଜଣେ ଯୁବକଙ୍କର ସୁଦୂର ହାଇଦ୍ରାବାଦ ଠାରେ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଛି । ଏହି ଘଟଣାକୁ ନେଇଗ୍ରାମରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ନତକାଇ ଗ୍ରାମର ଗୋପିନାଥ ବେହେରାଙ୍କ ପୁତ୍ର ପ୍ରଦୀପ୍ତ ବେହେରା(୩୫) ୪ବର୍ଷ ତଳେ ବିବାହ କରିଥିଲେ । ଗାଁରେ କାମ ନପାଇବା କାରଣରୁ ସେ ସୁଦୂର ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ । ପ୍ରଦୀପ୍ତ ଗତ କିଛି ମାସ ତଳେ ତାଙ୍କର ପନିଙ୍କୁ ମଧ୍ୟ ସାଙ୍ଗରେ ନେଇ ହାଇଦ୍ରାବାଦରେ ରହି ଆସୁଥିଲେ । ତେବେ ଗତକାଲି ରାତ୍ରରେ ପତିପନୀ ଖାଇପିଇ ଘରେ ଶୋଇଥିଲେ । ତେବେ ଗତକାଲି ରାତ୍ରରେ ପ୍ରଦୀପ୍ତ ରଶି ଲଗାଇ ଆତ୍ମହତ୍ୟା କରିଥିବାର ତାଙ୍କ ପନୀ ସଫେଇ ଦେଇଛନ୍ତି ।

# ଧରାପଡ଼ିଲା ଗଞ୍ଜେଇ ଚୋରା ଚାଲାଣକାରୀ

ବେତନଟୀ ,(ସବ୍ୟୁ): ଗଞ୍ଜେଇ ଚୋରା ଚାଲାଣକରୀଙ୍କୁ ଗୋଡାଇ ଗୋଡାଇ ମାଡିବସି ଧରିଛି ବେତନଟୀ ପୁଲିସ । ମୟୂରଭଞ୍ଜ ଜିଲ୍ଲା ୧୮ ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ ସମୟରେ ଦୁଇଜଣ ଯୁବକ ବାଇକ ପଛପଟେ ପ୍ଲାଷ୍ଟିକ ବୁରାରେ କିଛିବାନ୍ଧି ନେଇ ଯାଉଥିବା ପୁଲିସ ଦେଖିବାକୁ ପାଇଥିଲେ । ତେଣୁ ସନ୍ଦେହ କରି ସେମାନଙ୍କୁ ପିଛା କରିବାରୁ ପୁଲିସ ଟିମକୁ ଚକମା ଦେଇ ସେମାନେ ଖସି ପଳାଇବାକୁ ଚେଷ୍ଟା କରିଥିଲେ । କିନ୍ତୁ ପୁଲିସ ଟିମ ବାଇକକୁ ପିଛା କରି ଗୋଡାଇ ଗୋଡାଇ ବଙ୍ଗଳା ଛକ ଉପକ= ପୁରୁଣା ଦମକଳ କେନ୍ଦ୍ର ନିକଟରେ ମୁଖ୍ୟ ଅଭିଯୁକ୍ତ ସହ ବାଇକକୁ ଧରିବାରେ ସଫଳ ହୋଇଥିଲେ ବି ଅନ୍ୟଜଣେ ସହଯୋଗୀ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ପରେ ବାଇକ ସମେତ ଜୈନିକ ଯୁବକଙ୍କୁ କାବୁ କରିବା ସହିତ ବିପୁଳ ପରିମାଣର ଗଞ୍ଜେଇ ଜବି ମାମଲାରେ ଆଜି ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଗଞ୍ଜେଇ ଜବି ପୂର୍ବକ ନମୁନା ସଂଗ୍ରହ କରାଯାଇଛି । ସୂଚନା ମୁତାବକ ବେତନଟୀ ଥାନା ଆଇଆଇସି କ୍ରୀଷ୍ଣା ପିଙ୍ଗୁଆଙ୍କ ନିର୍ଦ୍ଦେଶ କ୍ରମେ ବେତନଟୀ ଥାନା ସବ ଇନିସପେକଫର ମଦନମୋହନ ପରିଡା ୧୮ ନଂ ଜାତୀୟ ରାଜପଥରେ ପେଟ୍ରୋଲିଂ କରୁଥିବା ବେଳେ ସନ୍ଦେହ ହେବାରୁ ଓଡR ୦୧ଘ ୦୪୫୬ ନମ୍ବର ବିଶିଷ୍ଟ ମଟର ସାଇକେଲକୁ ପିଛା କରିଥିଲେ । ତେବେ ବେତନଟୀ ପୁଲିସ ଟିମ ପିଛା କରୁଥିବାର ଦେଖି ପୁଲିସ ଟିମକୁ ଚକମା ଦେଖାଇ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପେଟ୍ରୋଲିଂ ଟିମ ପିଛା କରି ପୁରୁଣା ଦମକଳ କେନ୍ଦ୍ର ଛକରେ କାବୁ କରିବାରେ ସଫଳ ହୋଇଥିଲେ । ତେବେ ଘଟଣା ସ୍ଥଳରୁ ସହଯୋଗୀ ଜଣକ ଫେରାର ହେବାରେ ସକ୍ଷମ ହୋଇଥିବା ବେଳେ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି ବେତନଟୀ ପୁଲିସ । ଗିରଫ ଅଭିଯୁକ୍ତ ଜଣକ ହେଉଛି ବୈଶିଙ୍ଗା ଥାନା ଅଧିନ ଶାଳଗାଁ ଉପକ= ସରିଷକୋଠା ଗ୍ରାମର ମହେଶ୍ୱର ମହାଳିକଙ୍କ ପୁଅ ଶିବଶମ୍ଭୁ ମହାଳିକ । ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଇଶ୍ୱର ଚନ୍ଦ୍ର ରଣାଙ୍କ ଉପସ୍ଥିତରେ ଗଞ୍ଜେଇ ପ୍ୟାକେଟ ଖୋଲାଯାଇ ଓଜନ କରିବା ପରେ ସେଥିରେ ସର୍ବମୋଟ ୧୯ କିଲ ୫୦୦ ଗ୍ରାମରୁ ଉର୍ଦ୍ଧ୍ୱ ପରିମାଣର ଗଞ୍ଜେଇ ଥିବାର ଜଣାପଡିଛି । ତେବେ ଜବି ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବାନେଇ ଆକଳନ କରାଯାଇଛି । ତେବେ ଅଭିଯୁକ୍ତ ଶିବଶମ୍ଭୁ କେଉଁଠାରୁ ଏବଂ କାହା ପାଖରୁ ଏତେ ପରିମାଣର ଗଞ୍ଜେଇ ନେଇ କାହାକୁ ଦେବାକୁ ଯାଉଥିଲା ନା ନିଜେ ଚୋରା ବ୍ୟବସାୟରେ ଲିପ୍ତ ରହିଛି ସେନେଇ ଅଧିକ ତଦନ୍ତ ଜାରି ରଖିଛି ବେତନଟୀ ପୁଲିସ ।

**AFFIDAVIT**

I, Minakshi Bala Chand, Wife of Army No. Jc-479880N Nb Sub Satyajit Sinha (Retd.) residing at At-Anandapur (Bada Danda, Near Jagannath Temple) P.O & P.S- Anandapur, Dist-Keonjhar, Odisha, have changed my name and DOB from Minakshi Bala Chand, DOB-13.08.1962 to Minakhibala Chand, DOB-03.04.1959 vide affidavit dated. 07.04.2026 before the court of Executive Magistrate, Anandapur, Keonjhar (Odisha). Hence, both name Minakshi Bala Chand, DOB-13.08.1962 and Minakhibala Chand, DOB-03.04.1959 are same and one person. Henceforth, I will be known as Minakhibala Chand, DOB-03/04/1959 for all purpose.

# ଟାଙ୍ଗୀସାହି ୭ ଦଣ୍ଡ ମେଳଣ

ବୋଲଗଡ଼ ,(ସବ୍ୟୁ): ବୋଲଗଡ଼ ବ୍ଲକ ଫାସିଓଦା ପଞ୍ଚାୟତ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମର ବୁଧିବାମନ ସ୍ୱାଇଁଙ୍କ ମାନସିକ ପୁରଣ ହେବାରୁ ବୁଧିବାମନ ସ୍ୱାଁଇଙ୍କ ନିମନ୍ତ୍ରଣରେ ୭ ଦଣ୍ଡ ଠାକୁରଙ୍କ ମହା ମିଳନ ଟାଙ୍ଗୀସାହି ଗ୍ରାମରେ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ଦିବ୍ୟସିଂହପୁର, ସଂପୁର, ମାଣକାଗୋଡ଼ଝର କୁମୁଟି ସାହି, ହାଟସାହି, ଫିରିଫିରା ପାଟଣା, କଳାଙ୍ଗ, ଗୋ ଓ ଟାଙ୍ଗୀସାହି ପ୍ରମୁଖ ଗ୍ରାମ ଗୁଡ଼ିକରୁ ୭ଦଣ୍ଡଙ୍କ ମେଳଣ ବୁଧବାରଦିନ ମହାଡମ୍ବର ସହକାରେ ନିଷ୍ଠାର ସହିତ ପବିତ୍ର ମନରେ ବିଭିନ୍ନ କୋଠିରୁ ଆସିଥିବା ମା'ଦଣ୍ଡ କାଳୀମାନଙ୍କୁ ବରିଷ୍ଠ ପୂଜକ ବିରଞ୍ଚି କୁମାର ପଣ୍ଡା ବୈଦିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ । ଶ୍ରୀ ସ୍ୱାଇଁଙ୍କ ପରିବାର ବର୍ଗମାନେ ମା' ଦଣ୍ଡ କାଳୀଙ୍କୁ ଦୁବ, ବରକୋଳି ପତ୍ର, ଅରୁଆ ଚାଉଳ, ଫୁଲ ଓ ଧୂପ ଦୀପ ଦେଇ ବନ୍ଦାପନା କରିଥିଲେ । ପାଟ ଦଣ୍ଡୁଆଙ୍କ ସମେତ ସମସ୍ତ ଦଣ୍ଡୁଆମାନେ ମା' ଦଣ୍ଡ କାଳୀଙ୍କ ସମ୍ମୁଖରେ ଝୁଣା ଖେଳ ଖେଳି ପରଭା ନଚେଇ ମାନସିକ ଧାରୀଙ୍କ ପରବାର ଓ ଗ୍ରାମର ମଙ୍ଗଳ କାମନା କରିଥିଲେ । ତା' ପରେ ସମସ୍ତ ଦଣ୍ଡୁଆମାନେ ମା' ଦଣ୍ଡ କାଳୀଙ୍କୁ ସଙ୍ଗରେ ଧରି ଟାଙ୍ଗୀସାହି ମା, କାଳିକା କୋଠିକୁ ଫେରି ପଣା ସାରିଥିଲେ । ଏହି ୭ ଦଣ୍ଡ ମହା ମେଳଣରେ ଶତାଧିକ ଦଣ୍ଡୁଆମାନେ ସାମିଲି ହୋଇଥିବା ବେଳେ ବହୁ ଶ୍ରଦ୍ଧାଳୁମାନଙ୍କର ସମାଗମ ହୋଇଥିଲା । ସମସ୍ତ ଦଣ୍ଡୁଆମାନେ ପଣା ସାରିବା ପରେ ମା' ଦଣ୍ଡକାଳୀଙ୍କୁ ନେଇ ନିଜ ନିଜ ଗ୍ରାମର ମା' ଦଣ୍ଡ କାଳୀଙ୍କ କୋଠିକୁ ନେଇ ଫରିଥିଲେ । ପ୍ରତ୍ୟକ ଦଣ୍ଡୁଆ ଓ ନାଟ୍ୟ କଳାକାରମାନେ ମା' ଦଣ୍ଡ କାଳୀଙ୍କୁ ସଙ୍ଗରେ ଧରି ପ୍ରତ୍ୟେକ ଗ୍ରାମକୁ ଯାଇ ଦୁଆର ଦୁଆର ବୁଲି ଲୋକମାନଙ୍କର ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାର ପୌରାଣିକ ନୃତ୍ୟ ପରିବେଷଣ କରିଥାନ୍ତି ।

**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANGUL**

32001/51/2627 **GOVERNMENT OF ODISHA**

E-mail ID:semidivisionangul@gmail.com

e- Procurement Notice

1st Corrigendum to Bid Identification No.- S.E,M.I.D.,ANGUL No.17

Letter No. 933 /Date.08.04.2026

It is notified that, due to some error BID Identification No. 17 of 2026-27 is hereby cancelled.

Sd/-
Superintending Engineer
M.I. Division, Angul

OIPR: 32001/32284/1/26-27/0003

# ଲୋକକଳା ପାଇଁ ଦିନଟିଏ : ସମ୍ବର୍ଦ୍ଧିତ ହେଲେ ୮ କଳାକାର

ଦଶପଲ୍ଲା, (ସବ୍ୟୁ): ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏପ୍ରିଲ ୧ ତାରିଖରୁ ଓଡ଼ିଆ ପକ୍ଷ ପାଳନ କରାଯାଇ ଆସୁଅଛି । ଏହି ପକ୍ଷ ପାଳନର ୧୦ମ ଦିନରେ ଲାକକଳା ପାଇଁ ଦିନଟିଏ କାର୍ଯ୍ୟକ୍ରମ ପାଳିତ ହୋଇଛି । ଦଶପଲ୍ଲା ପଞ୍ଚାୟତ ସମିତି ଓ ଦଶପଲ୍ଲା ଏନ ଏ ସି ର ମିଳିତ ଆନୁକୂଲ୍ୟରେ ଏବଂ ଦଶପଲ୍ଲା ପଂଚାୟତ ସମିତି ଆୟୋଜନ କ୍ରମେ , ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ବିଡ଼ିଓ ଶରତ ଚନ୍ଦ୍ର ମଲ୍ଲିକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁନନ୍ଦା ସାହୁ ଯୋଗ ଦେଇଥିବା ବେଳେ, ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ମୁଖ୍ୟବକ୍ତା, ଏନ ଏ ସି ଅଧ୍ୟକ୍ଷା ଙ୍କ ପୁନମ ପ୍ରିୟଦର୍ଶିନୀ, ପୂର୍ବତନ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ନାଏକ, ଏନ ଏ ସି କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିନାଶ ମହାନ୍ତି ,ଉପାଧକ୍ଷ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇ ନୟାଗଡ଼ ଜିଲ୍ଲାର ଦଶପଲ୍ଲା ବ୍ଲକକୁ କୁଞ୍ଜବନଗଡ ଲୋକକଳା ଗ୍ରାମର ମାନ୍ୟତା, ଦଶପଲ୍ଲାର ଲୋକକଳା ଐତିହାସିକ ଲଙ୍କାପୋଡିଯାତ୍ରା ଓ ରାମଲୀଳା ନାଟକ ସହ ବିଭିନ୍ନ ଲୋକକଳା ସମ୍ପର୍କରେ ବକ୍ତବ୍ୟ ରଖିଥିବା ବେଳେ ବର୍ତ୍ତମାନ ଯୁବପିଢି ପାଶ୍ଚାତ୍ୟ ସଭ୍ୟତାକୁ ଅନୁସରଣ ନ କରି ନିଜର ପରମ୍ପରା , କଳା ସଂସ୍କୃତି କୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମୁଖ୍ୟ ଅତିଥି ମତ ପ୍ରକାଶ କରିଥିଲେ । ସେହିପରି ଆମ ମାଟିର ଲୋକକଳା ଓ ସଂସ୍କୃତି ଆମର ପରିଚୟ ବୋଲି ମୁଖ୍ୟବକ୍ତା ଶ୍ରୀ ଶତପଥୀ ମତପ୍ରକାଶ କରିଥିଲେ । ଏ ଅବସରରେ କୁନି କଳାକାର ସୃତି ସୁଲଗ୍ନା ଓ ପ୍ରୀତି ସୁଲଗ୍ନାଙ୍କ ସହ ବିଶିଷ୍ଟ କଳାକାର ଶରତ ଚନ୍ଦ୍ର ସାହୁ, ପୂର୍ଣ୍ଣ ଚନ୍ଦ୍ର ହୋତା, କିଶୋର ଚନ୍ଦ୍ର ରଥ, ପୂର୍ଣ୍ଣ ଚନ୍ଦ୍ର ରାଉଳ, ବିଜୟ ଚନ୍ଦ୍ର ରଥ, ସଯନି ବେହେରା, ନିର୍ମଳ ଦାସ, ପ୍ରଦୀପ କୁମାର ସିଂ ସାମନ୍ତ, ନଆରାୟଣ ନାଏକ ଙ୍କୁ ଶ୍ରେଷ୍ଠ କଳାକାର ଭାବେ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମ କୁ ସାହିତ୍ୟିକ ହାଡ଼ିବନ୍ଧୁ ମହାଖୁଡ଼ ପରିଚାଳନା କରିଥିବା ବେଳେ ଶେଷରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା ।

**OFFICE OF THE MUNICIPAL COUNCIL: KEONJHARGARH**

13001/154/2627

**email- keonjharm.hud@rediffmail.com**

**Invrtation for Bids (IFB) ' e' Procurement NOTICE**

**Bid Identification No. ODULB_KGM-01 /2026-27**

**Letter No. 5889/ KGM/ Date. 10.04.2026**

on behalf of the Municipal council, Keonjhargarh, Executive officer, Keonjhargarh Municipality invites online Bid in Double cover system, through e-Procurement.

1- Nature of work- Civil Work
2- No of Work- 02 Nos
3- Value of works. Rs. 1,69,89,400 /- to 3,00,00,000/'
4- Date & Time of availability of Bid document in the portal' From. 13.04.2026 at 11.00 A.M upto 24.04.2026 at 5 00 P M.
5- Date of Opening of bid in portal 27.04.2026 at 11 00 A M
6- Name & address of the officer in Inviting Bid- EO, Keonjhargarh Municipality.

Further details can be seen from website: **www.tendersorissa.gov.in**

Sd/- Executive Officer
Keonjhargarh Municipality

OIPR: 13001/13115/1/26-27/0004

# ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଅତ୍ୟାଧୁନିକ ଫେକୋ ମେସିନ



ଭୁବନେଶ୍ୱର (ସବ୍ୟୁ) : ଭୁବନେଶ୍ୱର ଲାୟନ୍ସ ହସ୍ପିଟାଲ ଫାଉଣ୍ଡେସନ ଆଣ୍ଡ ରିସର୍ଚ୍ଚ ଟ୍ରଷ୍ଟ ଅଧିନରେ ପରିଚାଳିତ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟରେ ଆଜି କାଟ୍ରାକ୍ଟ ସର୍ଜରୀ ପାଇଁ ଏକ ଆଧୁନିକ ଫେକୋ ମେସିନର ଉଦଘାଟନ କରାଯାଇଛି । ଏହି ମେସିନଟି ଏଲଆଇସି ଗୋଲଡେନ ଜୁବୁଲି ଫାଉଣ୍ଡେସନ ଦ୍ୱାରା ସହୃଦୟତା ଭାବେ ଦାନ କରାଯାଇଛି । ଏହା ସମାଜସେବା ଓ ସ୍ୱାସ୍ଥ୍ୟ ସେବା ପ୍ରତି ଏଲଆଇସିର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି ।

ଉଦଘାଟନୀ ଉତ୍ସବରେ ଏଲଆଇସିର ବରିଷ୍ଠ ଆଞ୍ଚଳିକ ପ୍ରବନ୍ଧକ ଶ୍ୟାମଳକାନ୍ତି ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏଲଆଇସିର ଆଞ୍ଚଳିକ ପ୍ରବନ୍ଧକ ମନୋରଞ୍ଜନ ଦାସ ଓ ମାର୍କେଟିଂ ମ୍ୟାନଜର ପ୍ରମୋଦ କୁମାର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଲଆଇସିର ଅନ୍ୟ ଅଧିକାରୀଙ୍କ ସମେତ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ଲାୟନ ଅଶୋକ ଅଗ୍ରଓ୍ୱାଲା ଓ ଲାୟନ୍ସ ଚକ୍ଷୁ ଚିକିତ୍ସାଳୟ ଅଧ୍ୟକ୍ଷ ଲାୟନ ଧୀରେନ ଧଳ, ଲାୟନ୍ସ କ୍ଲବର ଅନ୍ୟ ସଦସ୍ୟ ଓ ଡାକ୍ତରମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

ଏହି ଅବସରରେ ଲାୟନ ଅଶୋକ ଅଗ୍ରବାଲା ଏଲଆଇସି ଗୋଲ୍ଡେନ ଜୁବୁଲି ଫାଉଣ୍ଡେସନକୁ ତାଙ୍କର ଉଦାର ସହୟତା ପାଇଁ ଅନ୍ୟବାଦ ଜଣାଇଥିଲେ । କାଟ୍ରାକ୍ଟ ଦେଶରେ ଅନ୍ଧତ୍ୱର ଅନ୍ୟତମ ପ୍ରମୁଖ କାରଣ । ଏହି ଅତ୍ୟାଧୁନିକ ମେସିନ ଦ୍ୱାରା ବହୁ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଉପକୃତ ହେବା ସହ ହସ୍ପିଟାଲର କ୍ଷମତା ବୃଦ୍ଧି ପାଇବ । ଏହାଦ୍ୱାରା ବହୁ ଗରିବଗୁରୁବା ରୋଗୀ ଦୃଷ୍ଟିଶକ୍ତି ଫେରିପାଇବେ ବୋଲି ସେ କହିଛନ୍ତି ।

# ଆଜିଙ୍କ୍ୟ ବାବୁରାଓ ପାରାଦୀପର ନୂତନ ଏଏସ୍‌ପି

ପାରାଦୀପ, (ଜିପ୍ର) :ପାରାଦୀପକୁ ନୂତନ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ଜଣେ ଯୁବ ଆଇପିଏସଙ୍କର ନିଯୁକ୍ତି ହୋଇଛି ସେ ହେଉଛନ୍ତି ମାନେ ଆଜିଙ୍କ୍ୟ ବାବୁରାଓ । ସେ ଜଗତସିଂହପୁର ଉପଖଣ୍ଡ ପୋଲିସ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ । ଗତ କିଛିଦିନ ଭିତରେ ସେ ନିଜର ଦକ୍ଷତା ଜିଲ୍ଲାରେ ରହି ପ୍ରତିପାଦନ କରିବାରେ ବେଶ ସିଦ୍ଧହସ୍ତ ହୋଇଛନ୍ତି । ସେ ଜଣେ ଯୁବ ଆଇପିଏସ ଭାବେ ଜିଲ୍ଲାକୁ ଆସିବା ପରେ ତାଙ୍କର କାର୍ଯ୍ୟକରିବାର ଶୈଳୀ ବେଶ ଲୋକାଦୃତ ହୋଇଥିବା କୁହାଯାଉଛି । ସେ ୨୦୨୨ ମସିହାର ଆଇପିଏସ ହୋଇଥିବା ବେଳେ ତାଙ୍କୁ ପାରାଦୀପର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ନିଯୁକ୍ତି ମିଳିଛି । ପାରାଦୀପରେ କୁମାରମଣୀ ମେହେର , ରାଜେଶ କୁମାର ଓ ଅସିତ କୁମାର ପାଣିଗ୍ରାହୀଙ୍କ ଭଳି ଆଇପିଏସ ଅଧିକାରୀମାନେ ଏଠାରେ କାର୍ଯ୍ୟ କରିଥିବା ବେଳେ ଜଣେ ଯୁବ ଆଇପିଏସ ଭାବେ ଆଜିଙ୍କ୍ୟମାନେ ଏଠାରେ କାର୍ଯ୍ୟ କରିବେ ଏଠାରେ କାର୍ଯ୍ୟକରୁଥିବା ସ୍ମୃତି ରଞ୍ଜନ କରଙ୍କର କଟକ ସଂଚାର ବିଭାଗ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଭାବେ ବଦଳି ହୋଇଛି ।

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗିର**

ବିଜ୍ଞାପନ ସଂଖ୍ୟା : ୦୦୧ ତାରିଖ : ୧୩.୦୪.୨୦୨୬

**ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗିରର ଛାତ୍ରାବାସ ନିମନ୍ତେ ଚୁକ୍ତିଭିତ୍ତିକ ନିଯୁକ୍ତି ବିଜ୍ଞପ୍ତି**

27001/12/2627 : ଓଡ଼ିଶା ସରକାରଙ୍କ ଅଧୀନରେ ପରିଚାଳିତ ବଲାଙ୍ଗିର ଜିଲ୍ଲାର ବଲାଙ୍ଗିର ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା ର ଛାତ୍ରବାସ (Non-KGBV) ନିମନ୍ତେ Warden, Head Cook, Assistant Cook, Chowkidar-cum-Sweeper ଚୁକ୍ତିଭିତ୍ତିକ ନିୟୋଜନ ନିମନ୍ତେ ଯୋଗ୍ୟ ପ୍ରାର୍ଥୀଙ୍କ ଠାରୁ ନିର୍ଦ୍ଧାରିତ ଫର୍ମରେ ଦରଖାସ୍ତ ଆହ୍ୱାନ କରାଯାଇଅଛି । ଛାତ୍ରାବାସ ପାଇଁ ଆବେଦନ କରୁଥିବା ପ୍ରାର୍ଥୀମାନେ ପୁରୁଷ ହେବା ଆବଶ୍ୟକ । ସମସ୍ତ ପଦବୀ ସମ୍ପୂର୍ଣ୍ଣ ଭାବରେ ଅସ୍ଥାୟୀ ଓ ଚୁକ୍ତିଭିତ୍ତିକ ଅଟେ । ଆବେଦନ ଫର୍ମରେ ଆବାଶ୍ୟକ ପ୍ରମାଣପତ୍ର ସଂଲଗ୍ନ କରି ତା. ୧୫.୦୪.୨୦୨୬ ରୁ ୩୦.୦୪.୨୦୨୬ ରିଖ ସୁଦ୍ଧା ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ପଥରଚେପା, ବଲାଙ୍ଗିର ର ଠିକଣାରେ ରେଜିଷ୍ଟ୍ରିପୋଷ୍ଟ/ସ୍ପିଡ ପୋଷ୍ଟ କରି ଏବଂ ବିଦ୍ୟାଳୟରେ କେବଳ କାର୍ଯ୍ୟଦିବସରେ ସମୟ ସକାଳ ଘ.୦୬.୩୦ ମି. ରୁ ଘ. ୧୦.୩୦ ମି. ମଧ୍ୟରେ ଆବେଦନ କରିବା ଆବଶ୍ୟକ । ବିଜ୍ଞାପନର ସମ୍ପୂର୍ଣ୍ଣ ବିବରଣୀ ଏବଂ ଆବେଦନ ଫର୍ମ https://balangir.odisha.gov.in ଏବଂ https://oav.edu.in/OAVPAT ରେ ଉପଲବ୍ଧ ଅଟେ ।

ସ୍ୱା/- ଅଧ୍ୟକ୍ଷ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ,
ପଥରଚେପା, ବଲାଙ୍ଗିର

OIPR : 27001/27187/1/26-27/0001

# ଦୋକାନରୁ ମୋବାଇଲ ଚୋରି

ପାଣିକୋଇଲି, (ସବ୍ୟୁ): ପାଣିକୋଇଲିସ୍ଥିତ ଗଣେଷ ବଜାରରେ ଥିବା ଏକ ଘଂଟା ଦୋକାନରୁ ଅଭିନବ ଉପାୟରେ ମୋବାଇଲ ଚୋରି ହୋଇଛି। ଏନେଇ ଦେକାନୀ ପାଣିକୋଇଲି ଥାନାରେ ଅଭିଯୋଗ କରିଛନ୍ତି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ତଣ୍ଡରା ଗ୍ରାମର ନୀଳମଣି ରାଉତ ନାମକ ବ୍ୟକ୍ତି ପାଣିକୋଇଲି ଗଣେଷ ବଜାରରେ ଏକ ଘଣ୍ଟା ମରାମତି ଦେକାନ କରିଛନ୍ତି। ଗୁରୁବାର ମଧ୍ୟାହ୍ନ ସେ ଦେକାନର ଅଧା ସଟର୍‌ର ଟାଣି ବିଶ୍ରାମ ନେଉଥିବା ବେଳେ ଜଣ ବ୍ୟକ୍ତି ଘଣ୍ଟା ମରାମତି କରିବାକୁ ଡାକିଥିଲେ। ସେ ଉଠି ଉକ୍ତ ଘଣ୍ଟାକୁ ମରାମତି କରିବାକୁ ରଖି ମୋର ମୋବାଇଲ ନମ୍ବର ନେଇ ପଳାଇଥିଲା। କିନ୍ତୁ ବିଶ୍ରାମ ସାରି ଦେଖିବା ବେଳକୁ ମୋବାଇଲ ନଥିଲା। ଘଣ୍ଟା ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କ ମୋବାଇଲ ଚୋରି କରିନେଇଥିବା ସମନ୍ଦେ କରି ଏତଲା ଦେଇଛନ୍ତି।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଇଫ୍‌କୋ ଦ୍ୱାରା ଦେଶବ୍ୟାପୀ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ : ଦିଲୀପ ସଂଘାଣୀ

ପାରାଦୀପ, (ଜିପ୍ର) : ଭାରତର ସର୍ବବୃହତ ସାର ସହକାରୀ ସଂସ୍ଥା ଇଫକୋ ଶନିବାର ଦିନ ଆଧିକାରିକ ଭାବେ ନାନୋ ସାର ସଚେତନତା ମେଗା ଅଭିଯାନ ଆରମ୍ଭ କରିଛି । ଅଧ୍ୟକ୍ଷ ଦିଲୀପ ସଂଘାଣୀ କହିଛନ୍ତି ଯେ, ଏହା ଭାରତୀୟ କୃଷକମାନଙ୍କ ମଧ୍ୟରେ ନାନୋ ସାର ବ୍ୟବହାରକୁ ପ୍ରୋତ୍ସାହନ ଦେବାକୁ ଏକ ସମଗ୍ର ଜାତୀୟ ଅଭିଯାନ । ଏହି ଅଭିଯାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ଗୃହ ଓ ସହକାର ମନ୍ତ୍ରୀ ଅମିତ ଶାହଙ୍କ ପ୍ରେରଣାରେ ଆତ୍ମନିର୍ଭର ଭାରତ ଓ ସହକାର ସେ ସମୃଦ୍ଧି ଭଳି ଜାତୀୟ ଅଭିଯାନ ସହ ସମନ୍ୱୟରେ ଆରମ୍ଭ ହୋଇଛି । ନାନୋ ଏନପିକେ ଲିକ୍ୱିଡ (୮-୮-୧୦) ଓ ନାନୋ ଏନପିକେ ଗ୍ରାନ୍ୟୁଲାର (୨୦-୧୦-୧୦)କୁ ସାର ନିୟନ୍ତ୍ରଣ ଆଦେଶ (ଏଫସିଓ ) ଭିତରେ ସମ୍ମିଳିତ କରାଯିବାକୁ ଭାରତର କୃଷି ନବୀନତା ଯାତ୍ରାରେ ଏକ ମହତ୍ୱପୂର୍ଣ୍ଣ ମାଇଲ୍‌ଷ୍ଟୋନ ବୋଲି ସେ କହିଛନ୍ତି । କୋୟମ୍ବାତୁରରେ ଅବସ୍ଥିତ ଇଫକୋ-ନାନୋଭେନ୍ଚର୍ସ ନବୀନତା କେନ୍ଦ୍ର ଓ ବ୍ରାଜିଲରେ ଆସନ୍ତା ଜୁନ ୨୦୨୬ ମଧ୍ୟରେ ଚାଲୁ ହେବାକୁ ଥିବା ନାନୋ ସାର କାରଖାନା ଭାରତର କୃଷି ନାନୋ ପ୍ରଯୁକ୍ତିର ବିଶ୍ୱସ୍ତରୀୟ ଶକ୍ତିକୁ ପ୍ରକାଶ କରୁଛି । ଶ୍ରୀ ସଂଘାଣୀ କହିଛନ୍ତି ଯେ, ଭାରତ ଏକ ଐତିହାସିକ ସମୟରେ



ଅଛି, ଯେଉଁଠାରେ ପାରମ୍ପରିକତା ଓ ପ୍ରଯୁକ୍ତି ମିଶି କୃଷିକୁ ନୂତନ ଦିଗ ଦେଉଛି । ଏହି ଅଭିଯାନ ସହକାର ସେ ସମୃଦ୍ଧି ଦୃଷ୍ଟିକୋଣକୁ ପ୍ରତିଫଳିତ କରି ଆତ୍ମନିର୍ଭର କୃଷିକୁ ସମର୍ଥନ କରୁଛି । ସେ ନାନୋ ସାର ବିପ୍ଳବକୁ ଭାରତୀୟ କୃଷି ପାଇଁ ଏକ ପରିବର୍ତ୍ତନଶୀଳ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି । ଅଭିଯାନର ଚାରିଟି ମୁଖ୍ୟ ଉଦ୍ଦେଶ୍ୟ ଯଥା ନାନୋୟୁରିଆ ପ୍ଲସ, ନାନୋ ଡିଏପି, ନାନୋ ଏନପିକେ, ନାନୋ ଜିଙ୍କ ଓ ନାନୋ କପରର ପ୍ରଚାର ଓ ଫୋଲିଆର୍ ସ୍ପ୍ରେ ମାଧ୍ୟମରେ କୃଷକମାନଙ୍କୁ ସଠିକ ବ୍ୟବହାର ଶିକ୍ଷା , ପାରମ୍ପରିକ ସାର ଉପରେ ନିର୍ଭରତା କମାଇବା , ସହକାରୀ ନେଟଓ୍ୱର୍କ ମାଧ୍ୟମରେ ଶେଷ ସୀମା ପର୍ଯ୍ୟନ୍ତ ପହଞ୍ଚ ସୁନିଶ୍ଚିତ କରିବା ସେ ଜୋର ଦେଇ କହିଛନ୍ତି ଯେ, ପ୍ରାଥମିକ କୃଷି ସହକାରୀ ସମିତି (ପିଏସିଏସ) ଓ କ୍ଷେତ୍ର ଦେଖାଣି ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହା ଫଳରେ କୃଷକମାନେ ପ୍ରତ୍ୟକ୍ଷ ଫଳାଫଳ ଦେଖି ବିଶ୍ୱାସ ଗଢ଼ିପାରିବେ । ଶେଷରେ ସେ ଏହି ଅଭିଯାନକୁ ଜନଆନ୍ଦୋଳନର ରୂପ ଦେବାକୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି ଯେ, ନାନୋ ସାର କେବଳ ଉତ୍ପାଦନ ନୁହେଁ, ବରଂ ମାଟି ସୁରକ୍ଷା, ପରିବେଶ ସୁଧାର ଓ କୃଷକଙ୍କ ଆୟ ବୃଦ୍ଧିର ଏକ ମହତ୍ୱପୂର୍ଣ୍ଣ ଉପାୟ । ଇଫକୋ ଦ୍ୱାରା ୨୧.୮ ମିଲିୟନ ବୋତଲ ନାନୋୟୁରିଆ ପ୍ଲସ ଲିକ୍ୱିଡ ଓ ୬.୪୨୬ ମିଲିୟନ ବୋତଲ ନାନୋ ଡିଏପି ଲିକ୍ୱିଡ ବିକ୍ରି ହୋଇଛି । ନାନୋ ଜିଙ୍କ ଓ ନାନୋ କପର ମଧ୍ୟ ପ୍ରଥମ ବର୍ଷରେ ଉଲ୍ଲେଖନୀୟ ବିକ୍ରି ହାସଲ କରିଛି । ୨୦.୮୨୬ ମିଲିୟନ ବୋତଲ ନାନୋୟୁରିଆ ପ୍ଲସ ପାରମ୍ପରିକୟୁରିଆର ୦.୯୩୭ ମିଲିୟନ ମେଟ୍ରିକ ଟନ ସମାନ, ଯେତେବେଳେ ୫.୭୮୯ ମିଲିୟନ ବୋତଲ ନାନୋ ଡିଏପି ପାରମ୍ପରିକ ଡିଏପି ର ୦.୨୮୯ ମିଲିୟନ ମେଟ୍ରିକ ଟନ ସମାନ, ଯାହା ଲଜିଷ୍ଟିକ୍ସ, ଶକ୍ତି ଓ ଆମଦାନି ଖର୍ଚ୍ଚରେ ବିଶେଷ ସଞ୍ଚୟ ଆଣିଛି । ଇଫକୋର ନାନୋ ପ୍ରୋଡକଫ ଶ୍ରେଣୀରେ ନାନୋୟୁରିଆ ପ୍ଲସ, ନାନୋ ଡିଏପି , ନାନୋ ଏନପିକେ (ଲିକ୍ୱିଡ ଓ ଗ୍ରାନ୍ୟୁଲାର), ନାନୋ ଜିଙ୍କ, ନାନୋ କପର ଓ ଧରାଅମୃତ ବାୟୋ-ଷ୍ଟିମ୍ୟୁଲାଣ୍ଟ ଅନ୍ତର୍ଭୁକ୍ତ ଅଛି, ଯାହା କୃଷକମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି । ୨୦୨୫-୨୬ ଅର୍ଥବର୍ଷ ପାଇଁ ଇଫକୋର କର ପୂର୍ବ ଲାଭ ୪,୨୦୦ କୋଟିରୁ ଅଧିକ ହେବାକୁ ଅନୁମାନ କରାଯାଇଛି । ନାନୋ ପ୍ରଯୁକ୍ତି, ଡ୍ରୋନ ପ୍ରଯୁକ୍ତି, ଏଆଇ ଓ ଡାଟା ଆନାଲିଟିକ୍ସ ମାଧ୍ୟମରେ ଇଫକୋ ଭାରତର କୃଷି କ୍ଷେତ୍ରକୁ ପରିବର୍ତ୍ତନ କରୁଛି । ଏହି କାର୍ଯ୍ୟକ୍ରମ ନୂଆଦିଲ୍ଲୀର ଇଫକୋ ସଦନରେ ଆୟୋଜିତ ହୋଇଥିଲା । ଯେଉଁଠାରେ ପ୍ରବନ୍ଧ ନିର୍ଦ୍ଦେଶକ କେ. ଜେ. ପଟେଲ, ବୋର୍ଡ ସଦସ୍ୟ, ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ ।

# ଦ୍ରୁତଗତିରୁ ଦୁର୍ଘଟଣା : ବିଲକୁ ପଶିଗଲା ୨ ବସ , ୭ ଆହତ

ସାଲେପୁର, (ସବ୍ୟୁ) : ସାଲେପୁର ଥାନା ଅଧୀନ କଟକ - ଚାନ୍ଦବାଲି ରାସ୍ତାର ଭାତପଡ଼ା ନିକଟରେ ଶନିବାର ସକାଳେ ଦୁଇଟି ଘରୋଇ ବସ ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି । ଦୁର୍ଘଟଣାଗ୍ରସ୍ତ ଉଭୟ ବସରେ ପ୍ରାୟ ୫୦ରୁ ଅଧିକ ଯାତ୍ରୀ ଥିଲେ । ଦୁର୍ଘଟଣାରେ ୭ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି ।ସ୍ଥାନୀୟ ଲୋକ ଆହତଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ଜଣାଯାଇଛି । ପପୁ ନାମକ ଘରୋଇ ବସ ନମ୍ବର ( ଓ ଡି ୦୫ବି କ୍ୟୁ ୯୬୧୯ ଓ ମହାଲକ୍ଷ୍ମୀ ନାମକ ବସ ନମ୍ବର (ଓ ଆର ୦୫ ଏ ଏସ ୩୦୬୬) ଦୁଇଟି ବସ କେନ୍ଦ୍ରାପଡ଼ାରୁ କଟକ ଅଭିମୁଖେ ଯାଉଥିଲେ । ହେଲେ କୁହାଯାଉଛି ଗୋଟେ ବସ ରାସ୍ତାର ବାମ ପାର୍ଶ୍ୱରେ ଥିବା ଏକ ପେଟ୍ରୋଲ ପମ୍ପକୁ ତେଲ ପକାଇବା ପାଇଁ ଯାଉଥିଲା ।ତେବେ ପଛରୁ ଦ୍ରୁତଗତିରେ ଆସୁଥିବା ଅନ୍ୟ ଏକ ବସ ତେଲ ପକାଇବାକୁ ଯାଉଥିବା ବସ କୁ ଧକ୍କା ଦେଇଥିଲା ।ଫଳରେ ଉଭୟ ବସ ରାସ୍ତାର ବାମ ପାଶ୍ୱର୍ ରେ ଥିବା ବିଲ ମଧ୍ୟକୁ ଲଗାଲଗି ହୋଇ ପଶି ଯାଇଥିଲା ।ଘଟଣା ସ୍ଥଳରୁ ଉଭୟ ବସର ଡ୍ରାଇଭର ଫେରାର ହୋଇଯାଇଥିଲେ ।ଉଭୟ ଗାଡ଼ିର ପ୍ରାୟ ୭ ଜଣ ଯାତ୍ରୀ ଆହତ ହୋଇଥିବା ଜଣାପଡ଼ିଛି ।ଚାନ୍ଦୋଳ




ବାଲିଆ ଅଞ୍ଚଳର ବ୍ରଜ ଭୂଷଣ ସାମଲ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି ।ଅପରପକ୍ଷେ ବସ ବସ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଯୋଗୁ ଏହିଭଳି ଅବସ୍ଥା ଉପୁଜିଥିବା ଜଣାପଡ଼ିଛି । ଦ୍ରୁତ ଗତି ହିଁ ବିପଦର କାରଣ ସାଜିଥିଲା । ଅପରପକ୍ଷେ ବଡ଼ ଦୁର୍ଘଟଣାରୁ ସୌଭାଗ୍ୟ ବଶତ ଉଭୟ ବସର ଯାତ୍ରୀ ମାନେ ବର୍ତ୍ତି ଯାଇଛନ୍ତି । ବସରୁଟ ଟାଇମିଙ୍ଗ,ଅଧିକ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ଏବଂ ପ୍ରତିଯୋଗିତା ମନୋଭାବ ହିଁ ଏହି ଭଳି ଦୁର୍ଘଟଣାର କାରଣ ବୋଲି ଆହତ ଯାତ୍ରୀ କୁହନ୍ତି ।ଦୁର୍ଘଟଣା ସ୍ଥଳରେ ସାଲେପୁର ପୋଲିସ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ଉଭୟ ଗାଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି ।ଅପରପକ୍ଷେ ପେଟ୍ରୋଲ ପମ୍ପ ନିକଟରେ ଥିବା ସି ସି ଟି ଭି ଯାଞ୍ଚ,ଉଭୟ ଗାଡ଼ିର ନମ୍ବର, ରୁଟ ଟାଇମିଙ୍ଗ ସହିତ ନିରପେକ୍ଷ ତଦନ୍ତ କରାଗଲେ ଦୁର୍ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି ।

# ଆଦିବାସୀଙ୍କ ଉପରେ ଆକ୍ରମଣ ଅମାନବୀୟ : ବିଜେଡ଼ି

ଭୁବନେଶ୍ୱର, (ସବ୍ୟୁ): ରାୟଗଡା ଜିଲ୍ଲାର ସିଜିମାଳି ଅଞ୍ଚଳରେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ପ୍ରଶାସନର ଯେଉଁ ବର୍ବରୋଚିତ କାଣ୍ଡ ଘଟଣାକୁ ବିଜୁ ଜନତା ଦଳ ତୀବ୍ର ନିନ୍ଦା କରିଛି । ଏହି ଘଟଣା ସମ୍ପୂର୍ଣ୍ଣ ଅମାନବୀୟ ବୋଲି ବର୍ଣ୍ଣନା କରିବା ସହିତ ଆଦିବାସୀ ମାନଙ୍କୁ ଉଚିତ ନ୍ୟାୟ ପ୍ରଦାନ ପାଇଁ ଦେଶର ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡିଛି ବିଜେଡି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାୟଗଡା ଜିଲ୍ଲା ସଭାପତି ଜଗନ୍ନାଥ ସାରକା, କୋରାପୁଟ ଜିଲ୍ଲା ସଭାପତି ଝିନ୍ନ ହିକକା ଓ ଗଣମାଧ୍ୟମ ସଂଯୋଜକ ଡ଼ ପ୍ରିୟବ୍ରତ ମାଝୀ ସିଜିମାଳି ଅଞ୍ଚଳରେ ଆଦିବାସୀ ମାନଙ୍କ ଉପରେ ପ୍ରଶାସନ ଦ୍ୱାରା କରାଯାଇଥିବା ଅମାନବୀୟ ଓ ବର୍ବରୋଚିତ କାଣ୍ଡ ରାଜ୍ୟ ବିଜେପି ସରକାରଙ୍କ ଆଦିବାସୀ ବିରୋଧୀ ନୀତିକୁ ପ୍ରଦର୍ଶିତ କରୁଛି ବୋଲି ଅଭିଯୋଗ କରିଥିଲେ । ଜଗନ୍ନାଥ ସାରକା କହିଥିଲେ, ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ଘଟିଥିବା ଅତ୍ୟାଚାର ଓ ଜୁଲୁମ ବିଷୟରେ ଜାଣିବା ପରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ଏଥିରେ ପ୍ରଭାବିତ ହୋଇଥିବା ଲୋକ ମାନଙ୍କ ସହିତ ଆଲୋଚନା କରିଥିଲେ । ସଭାପତିଙ୍କ ନିର୍ଦ୍ଦେଶକ୍ରମେ, ଦଳର ଏକ ପ୍ରତିନିଧି ମଣ୍ଡଳୀ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାନୀୟ ବାସିନ୍ଦାଙ୍କ ଠାରୁ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ । ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମକୁ ଆମେ ତୀବ୍ର ନିନ୍ଦା କରୁଛୁ । ଝିନ୍ନ ହିକକା କହିଥିଲେ, ସିଜିମାଳିରେ ଆଦିବାସୀ ଭାଇ ଭଉଣୀ ମାନଙ୍କ ଉପରେ ଯେଉଁଭଳି ଭାବେ ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ବର୍ବର କାଣ୍ଡ ଘଟାଯାଇଛି, ତାହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଦେଶର ରାଷ୍ଟ୍ରପତି ଦାୟିତ୍ୱରେ ଆମ ରାଜ୍ୟର ଜଣେ ଆଦିବାସୀ ଭଉଣୀ ଅଛନ୍ତି । ସିଜିମାଳିରେ ଆଦିବାସୀ ମାନଙ୍କ ଉପରେ ହୋଇଥିବା ଅତ୍ୟାଚାର ଓ ଜୁଲୁମ ଉପରେ ନ୍ୟାୟ ପ୍ରଦାନ ପାଇଁ ଆମେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ୁଛୁ ।

# ଫେରାର ଅଭିଯୁକ୍ତ ଗିରଫ

ଆନନ୍ଦପୁର,(ସବ୍ୟୁ): କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅଧିନ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଦୁଷ୍କର୍ମ କରି ଫେରାର ଘଟଣାରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି । ମୁର୍ଗାଗୋଠ ଗ୍ରାମର ସଂଖ୍ୟାଲଘୁ ସମ୍ପ୍ରଦାର ଏହି ଯୁବକକୁ ବାହାର ରାଜ୍ୟରୁ ବାନ୍ଧିଛି ପୁଲିସ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସଡିପିଓ କମଳ କୁମାର ପଣ୍ଡାଙ୍କ ନେତୃତ୍ୱରେ ପୁଲିସର ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଶେଷରେଅଭିଯୁକ୍ତବଳରାମହୋ ଓରଫ କାବୁ (୨୮ )କୁ ପୁଲିସ ବାହାର ରାଜ୍ୟରୁ ଗୁରୁବାର ଦିନ ଗିରଫ କରିଥିବା ଜଣାପଡ଼ିଛି । ଅଭିଯୁକ୍ତ କିଛି ମାସ ପୂର୍ବରୁ ତାମିଲନାଡୁ ପଳାଇ ଥିଲା । ପୁଲିସ ଟିମ ବାହାର ରାଜ୍ୟକୁ ଯାଇ ଅଭିଯୁକ୍ତକୁ ଗିରଫ କରିଛି । ଭିନ୍ନକ୍ଷମ ନାବାଳିକାଙ୍କୁ ୪ମାସ ତଳେ ଦୁଷ୍କର୍ମ କରି ଫେରାର ହୋଇଯାଇଥିଲା ଗାଁର ଏହି ଅଭିଯୁକ୍ତ ସଂଖ୍ୟାଲଘୁ ସମ୍ପ୍ରଦାୟର ଜଣେ ଯୁବକ । ଘଟଣା ପ୍ରଘଟ ହେବାପରେ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ଉତ୍ୟକ୍ତ ଗ୍ରାମବାସୀ ଏକତ୍ରିତ ହୋଇ ଗାଁ ରେ ଥିବା ସଂଖ୍ୟଲଘୁ ସମ୍ପ୍ରଦାୟର ଧର୍ମପୀଠ ଠାରେ ବ୍ୟାପକ ଭଙ୍ଗାରୁଜା ଓ ପୋ କରିଥିଲେ । ଆନନ୍ଦପୁର ଥାନା ମୁର୍ଗାଗୋଠ ଗାଁରେ ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଥିଲା । ଖବରପାଇ ଜିଲ୍ଲା ଏସପି, ଆନନ୍ଦପୁର ଏସଡପିଓ , ସମସ୍ତ ଥାନା ଅଧିକାରୀ ପୁଲିସ ଫୋର୍ସ ସହ ଆସି ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ ।

# ଗଞ୍ଜେଇ ସହ ମଦ ଜବତ ୯ କୋର୍ଟ ଚାଲାଣ

କେନ୍ଦ୍ରପଡ଼ା ,(ସବ୍ୟୁ):କେନ୍ଦ୍ରାପଡ଼ାର ମାର୍ଶାଘାଇ, ରାଜକନିକା, କେନ୍ଦ୍ରାପ ଟାଉନ, ପାଟକୁରା ଓ ଜମ୍ବୁ ମେରେଇନଥାନା ଅଧିନିସ୍ଥ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉକରାଯାଇ ଗଞ୍ଜେଇ ସହ ମଦ ଜବତକରି ୯ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଅଭିଯୁକ୍ତମାନେ ହେଲେ କଷଟି ବାଲି ଗ୍ରାମର ହାପି ବେହେରା,ଓଳାଭର ଗ୍ରାମର ରମେଶ ଚନ୍ଦ୍ର ସାହୁ , ବୃନ୍ଦଧିଆ ଗ୍ରାମର ରଶ୍ମିରାଣୀ ବେହେରା ,ଗଜରାଜପୁର ଗ୍ରାମର ଉପେନ୍ଦ୍ର ମଲିକ, ସାନ୍ତଶାହି ଗ୍ରାମର ସଂଦୀପ ସୁବ୍ରମନୀୟମ , ମଣିକପୁର ଗ୍ରାମର ସୀମା ଜେନା, ନୂଆପ ଗ୍ରାମର ଶରତ ବେହେରା , ପ୍ରଭାକରପୁର ଗ୍ରାମର ନାଥ ଖିଲର ଏବଂ ରବି ଖିଲର । ।ଏମାନଙ୍କ ଠାରୁ ମୁଦାୟ ୯୦୦ ଗ୍ରାମ ସମେତ ୧୬୭୦ ଲିଟର ବିଦେଶୀ, ଦେଶୀ, ଗୁଡ ପୋଚ, ଦେଶୀ ରନ୍ଧା ଓ ୩୫ ବୋତଲ କଫ ସିରଫ ଜବତ କରାଯାଇଛି ।

# ସ୍ତ୍ରୀ, ପୁଅ ଓ ଶାଶୂଙ୍କୁ ପେଟ୍ରୋଲ ଢାଳି ଜାଳିବାକୁ ଉଦ୍ୟମ

ବାଲେଶ୍ୱର,(ସବ୍ୟୁ): : ଶଶୁର ଘରେ ଜ୍ୱାଇଁର ଉନ୍ମତ୍ତ କାଣ୍ଡ । ସ୍ତ୍ରୀ, ପୁଅ ଓ ଶାଶୂଙ୍କୁ ପେଟ୍ରୋଲ ଢାଳି ଜିଅନ୍ତାଜାଳିବାକୁ ଉଦ୍ୟମ କରିଛି ଜ୍ୱାଇଁ ।ଭାଗ୍ୟ ଭଲ ବୋଲି ତିନି ଜଣ ଗ୍ରାମବାସୀଙ୍କ ସହଯୋଗରେ ବଞ୍ଚିଯାଇଛନ୍ତି । ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନାରେ ଏଭଳି ଅଭିଯୋଗ ହୋଇଛି ।ନୀଳଗିରି ଥାନା ଅଧୀନ ସନ୍ତରାଗଡିଆ ଗ୍ରାମର ଭାସ୍କର ସ୍ୱାଇଁଙ୍କ ଘରେ । ନୀଳଗିରି ଏନଏସି ତଳ କାହାଳିଆ ଗ୍ରାମର ଭାସ୍କର ପାତ୍ରଙ୍କ ପୁଅ ମହେଶ୍ୱର ପାତ୍ର ସନ୍ତରାଗଡିଆ ନିକଟସ୍ଥ କାନପୁର ଗ୍ରାମର ଭାସ୍କର ସ୍ୱାଇଁଙ୍କ ଝିଅ ଜ୍ୟୋତିରାଣୀ ସ୍ୱାଇଁଙ୍କୁ ଦେଢ ବର୍ଷ ପୂର୍ବରୁ ବିବାହ କରିଥିଲେ । ହେଲେ ରୀତିମତ ଯୌତୁକ ପାଇଁ ମହେଶ୍ୱର ଜ୍ୟୋତିଙ୍କୁ ନିର୍ଯାତନା ଦେଇ ଆସୁଥିଲେ । ଜ୍ୟୋତି ଗର୍ଭବତୀ ହେବା ପରଠାରୁ ବାପ ଘରେ ରହିଆସୁଥିଲେ । ସ୍ୱାମୀ ମଧ୍ୟ ଶଶୁର ଘରେ ରହୁଥିଲେ ।ପାରିବାରିକ ସମସ୍ୟା ନେଇ ଶନିବାର ଦିନ ସ୍ୱାମୀ ଉତ୍ୟକ୍ତ ହୋଇ ଶାଶୂ, ସ୍ତ୍ରୀ ଓ ପୁଅ ଉପରେ ପେଟ୍ରୋଲ ଢାଳିବା ସହ ଘରର ଗ୍ୟାସ ଅନ କରି କବାଟ ବନ୍ଦ କରିଦେଇଥିଲା । ନିଆଁ ଲଗାଇବାକୁ ଉଦ୍ୟମ କରିବା ସମୟରେ ଚିତ୍କାର ଶୁଣି ପଡୋଶୀମାନେ ଦେ ଆସିଥିଲେ । ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ପରେ ସେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଛନ୍ତି । ନୀଳଗିରି ପୁଲିସ ତତ୍ପରତା ଦେଖାଇ ଅଭିଯୁକ୍ତ ମହେଶ୍ୱରକୁ ଅଟକ ରଖି ପଚରାଉଚୁରା ଜାରି ରଖିଛି । ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଯାଇଥିଲା ।

# କଂଗ୍ରେସକୁ ଫେରିଲେ ପୂର୍ବତନ ବିଧାୟକ ସାଧୁ ନେପାକ

ଭୁବନେଶ୍ୱର, (ସବ୍ୟୁ) : ପୂର୍ବତନ ବରଗଡ଼ କଂଗ୍ରେସ ବିଧାୟକ ସାଧୁ ନେପାକ ଶନିବାର ତାଙ୍କ ଶତାଧିକ ସମର୍ଥକଙ୍କ ସହିତ କଂଗ୍ରେସ ଭବନଠାରେ ପିସିସି



ସଭାପତି ଭକ୍ତ ଚରଣ ଦାସ, ଓଡିଶା ସହ-ପ୍ରଭାରୀ ଜେଟ୍ଟୀ କୁସୁମ କୁମାର ତଥା ଅନ୍ୟ ତୁଙ୍ଗ କଂଗ୍ରେସ ନେତାଙ୍କ ଉପସ୍ଥିତିରେ ବିଜେଡି ପରିତ୍ୟାଗକରି କଂଗ୍ରେସ ଦଳରେ ପୁନର୍ବାର ଯୋଗଦାନ କରିଛନ୍ତି । ଆୟୋଜିତ ମିଶ୍ରଣ ସଭାକୁ ମିଡ଼ିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ ପରିଚାଳନା କରି ସମବେତ ବରିଷ୍ଠ ନେତୃବୃନ୍ଦ, ଗଣମାଧ୍ୟମ, ବରଗଡ଼ରୁ ଆସିଥିବା ସମର୍ଥକ ଏବଂ ଉପସ୍ଥିତ କଂଗ୍ରେସ କର୍ମକର୍ତ୍ତାଙ୍କୁ ଶ୍ରୀ ନେପାକଙ୍କ ବିଷୟରେ ସୂଚନା ପ୍ରଦାନ କରିବା ସହ କଂଗ୍ରେସ ପ୍ରତି ବରଗଡ଼ ଭୂମିର ଅବଦାନ ବିଷୟରେ ମଧ୍ୟ ପ୍ରକାଶ କରିଥିଲେ । ମିଶ୍ରଣ ସଭାରେ ନିଜ ବ୍ୟକ୍ତବ୍ୟ ରଖି ପିସିସି ସଭାପତି ଭକ୍ତ ଚରଣ ଦାସ କହିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ହେମାନନ୍ଦ ବିଶ୍ୱାଳଙ୍କ ସମୟରେ ସାଧୁ ବାବୁ ଏବଂ ମୁଁ ମିଶିକି ଅନେକ ଗୁଡିଏ ସାଙ୍ଗଠନିକ କାର୍ଯ୍ୟ କରିଛୁ । ସାଧୁ ବାବୁ ଅବହେଳିତ ଜନତା ଏବଂ ବିଶେଷକରି କୃଷକ ମାନଙ୍କ ଅଧିକାର ଆନ୍ଦୋଳନର ଜଣେ ଆଗଧାଡିର ପୁରୋଧା ୍ୱ ବରଗଡ଼ରେ କଂଗ୍ରେସ ପାଇଁ ତାଙ୍କ ଗୁରୁତ୍ୱପୂର୍ଣ୍ଣ ଅବଦାନ ଅଛି ।ସାଧୁ ବାବୁଙ୍କ କଂଗ୍ରେସକୁ ଘରବାହୁଡା ସୂଚାଉଛି ଭବିଷ୍ୟତରେ କଂଗ୍ରେସ ଆସୁଛି । ସେ ଯୋଗଦେବା ଫଳରେ ପଶ୍ଚିମାଞ୍ଚଳରେ କଂଗ୍ରେସ ଶକ୍ତିଶାଳୀ ହେବା ସହ କଂଗ୍ରେସ ଦଳପ୍ରତି ସମର୍ଥନ ନିଶ୍ଚୟ ବୃଦ୍ଧି ପାଇବ ବୋଲି ଆଶା କରୁଛି ବୋଲି ଶ୍ରୀ ଦାସ ପ୍ରକାଶ କରିଥିଲେ । ପୂର୍ବତନ ବରଗଡ଼ ବିଧାୟକ ସାଧୁ ନେପାକ କହିଲେ, ପିସିସି ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ସହିତ ମୋର ସମ୍ପର୍କ ପୁରୁଣା, ତାଙ୍କ କାର୍ଯ୍ୟଶୈଳୀ ଏବଂ ଚିନ୍ତାଧାରାର ମୁଁ ଜଣେ ପ୍ରଶଂସକ । ତାଙ୍କ ସଂଗ୍ରାମୀ ନେତୃତ୍ୱ ଯୋଗୁଁ ମୁଁ ଦଳକୁ ଫେରି ସଂଗଠନ କରିବାକୁ ମନସ୍ଥ କରିଥିଲି । ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ଜାତୀୟ ପ୍ରବକ୍ତା ହମିଦ ହୁସେନ, ଡଃ ଲଲାଟେନ୍ଦୁ ବିଦ୍ୟାଧର ମହାପାତ୍ର, କୋଷାଧ୍ୟକ୍ଷ ସିଦ୍ଧାର୍ଥ ସ୍ୱରୂପ ଦାଶ, କଂଗ୍ରେସ ନେତ୍ରୀ ସୁନିତା ବିଶ୍ୱାଳ ପ୍ରମୁଖ ମଞ୍ଚାସିନ ଥିଲେ ।

# କେନ୍ଦୁଝରରେ ଖରିଫ ଧାନ ସଂଗ୍ରହରେ ରେକର୍ଡ ସଫଳତା

କେନ୍ଦୁଝର,(ଜିପ୍ର) : କେନ୍ଦୁଝର ଜିଲାରେ ଚଳିତ ବର୍ଷ ଖରିଫ ଧାନ ସଂଗ୍ରହରେ ଐତିହାସିକ ରେକର୍ଡ ସୃଷ୍ଟି ହୋଇଛି । ଭାଜପା ରାଜ୍ୟ ସ୍ୱତନ୍ତ୍ର ନିମନ୍ତ୍ରିତ କାର୍ଯ୍ୟକାରିଣୀ ସଦସ୍ୟ ତଥା କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁ ଏହି ସଫଳତା ସମ୍ପର୍କରେ ପ୍ରେସ ରିପୋର୍ଟରେ ସୂଚନା ଦେଇ କହିଛନ୍ତି ଯେ, ଏହା ରାଜ୍ୟର କୃଷି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ରଚନା କରିଛି ।ସେ କହିଥିଲେ ଯେ, ଓଡ଼ିଶାର ଲୋକପ୍ରିୟ ଓ ଚାଷୀ-ହିତେଷୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଦୃଢ଼ ନେତୃତ୍ୱ ଏବଂ କୃଷକ କଲ୍ୟାଣକାରୀ ଯୋଜନା ମାନଙ୍କ ପରିଣାମରେ ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଛି । ଏହି ସଫଳତା ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସିଜିମାଳି ଘଟଣା : ପିସିସି କମିଟିର ଜିଲ୍ଲାପାଳ ଏବଂ ଏସ୍‌ପିଙ୍କୁ ରିପୋର୍ଟ ପ୍ରଦାନ

ରାୟଗଡା,(ସବ୍ୟୁ): ସିଜିମାଳି ପାହାଡ଼ରେ ହୋଇଥିବା ଖଣ୍ଡ ଯୁଦ୍ଧ ଘଟଣାର ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି ଅନୁଧ୍ୟାନ କରିବାପରେ ଅଧ୍ୟକ୍ଷ ତଥା ସାଂସଦ ସପ୍ତଗିରୀ ଶଙ୍କର ଉଲ୍ଲାକା ଅଧ୍ୟକ୍ଷତାରେ ଶନିବାର ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ଏବଂ ଏସପି ସ୍ୱାତୀ ଏସ କୁମାରଙ୍କୁ ସାକ୍ଷାତ କରି ୪ଟି ପ୍ରମୁଖ ଦାବି ଉଲ୍ଲେଖ କରିବା ସହିତ ଦୁଇ ଫର୍ଦର ଚିଠା ପ୍ରଦାନ କରିଛନ୍ତି ।

କୋରାପୁଟ ସାଂସଦ ଉଲାକାଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ଦ୍ୱାରା ଗଠିତ ତଥ୍ୟ ଅନୁସନ୍ଧାନକାରୀ ଦଳ ସିଜିମାଳି ଅଞ୍ଚଳର କଣ୍ଟାମାଲ, ସାଗବାରୀ ଏବଂ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିଥିଲେ । ଏନେଇ ଜିଲ୍ଲାପାଳ ଏବଂ ଏସପିଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି । ସମ୍ବିଧାନ ଏବଂ ପ୍ରାସଙ୍ଗିକ ଆଇନ ସମ୍ମତି ବିନା ଆଗକୁ ବଢ଼ିବାକୁ ଦିଆଯିବନାହିଁ । ଜିଲ୍ଲା ପ୍ରଶାସନ



ଦ୍ୱାରା ବେନିୟମ ଭାବେ ହୋଇଥିବା କାର୍ଯ୍ୟ ନିନ୍ଦା କରିବା ସହ ପ୍ରମୁଖ ୪ଟି ଦାବି ଉଲ୍ଲେଖ କରିଛନ୍ତି । ଯାହା ନିୟମଗିରି ଗ୍ରାମସଭା ପ୍ରକ୍ରିୟା ପରି, ନ୍ୟାୟିକ ତଦାରଖରେ ଏକ ନିରପେକ୍ଷ ଓ ସ୍ୱଚ୍ଛ ଗ୍ରାମସଭା ପ୍ରକ୍ରିୟା ସିଜିମାଳିରେ କରାଯିବା ଉଚିତ । ନିରୀହ ଗ୍ରାମବାସୀଙ୍କ ବିରୁଦ୍ଧରେ ଥିବା ସମସ୍ତ ମିଥ୍ୟା ମାମଲା ପ୍ରତ୍ୟାହାର କରାଯିବା ଉଚିତ ଏବଂ ହିଂସାରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ । ସ୍ଥାନୀୟ ପ୍ରତିନିଧି, ସାଂସଦ, ବିଧାୟକ ଇତ୍ୟାଦିଙ୍କୁ ନେଇ ଏକ ମିଳିତ କମିଟି ଗଠନ କରାଯିବା ଉଚିତ । ଯାହା ମାଧ୍ୟମରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସହ ଆଲୋଚନା ଆରମ୍ଭ କରି ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରାଯାଇପାରିବ ଏବଂ ସମସ୍ତ ନିଷ୍ପତ୍ତି ସାମ୍ବିଧାନିକ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଅନୁପାଳନରେ ନିଶ୍ଚିତ କରାଯିବ ବୋଲି ଦାବି ରହିଛି । ହିଂସାରେ ଜଡିତ ନଥିବା ବ୍ୟକ୍ତିମାନଙ୍କୁ ଅଟକ ରଖି ଗିରଫ କରିବା । ଚଳିତ ମାସ ୬ତାରିଖରେ ହୋଇଥିବା ଘଟଣା ଯାହା ୩ଟା ରାତି ପୋଲିସ ଗାଁର ବିଦ୍ୟୁ ବନ୍ଦ କରି କବାଟ ଭାଙ୍ଗିବା ଘଟଣା ନିନ୍ଦା କରିବା ସହ ଏହା ଗୁରୁତର ଅପବ୍ୟବହାରକୁ ସୂଚାଉଛି । ଏହି ଆଲୋଚନା ଏବଂ ଦାବିପତ୍ର ଦେବା ସମୟରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, କାଡ୍ରାକା ଆପାଲାସ୍ୱାମୀ, ନୀଳମାଧବ ହିକକା, ସତ୍ୟଜିତ ଗମାଙ୍ଗ, ରାଜ୍ୟ କଂଗ୍ରେସ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ବରିଷ୍ଠ ନେତା ଶଙ୍କର୍ଷଣ ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ ।

# ଆର୍‌ଆଇଟିରେ କ୍ୟାମ୍ପସ ପ୍ଲେସମେଣ୍ଟ: ୫୩ ଛାତ୍ର ଚୟନ

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସ୍ଥିତ ରାମାରାଣୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି (ଆର.ଆଇ.ଟି) ରେ



୮ ଏପ୍ରିଲ ୨୦୨୬ ତାରିଖରେ ଗଣେଶ ଗ୍ରୀନ ଭାରତ ଲିମିଟେଡ୍, ଅହମଦାବାଦ, ଗୁଜୁରାଟ ପକ୍ଷରୁ ଏକ କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭର ସଫଳତାର ସହ ଆୟୋଜିତ ହୋଇଥିଲା । ଏହି ପ୍ଲେସମେଣ୍ଟ ଡ୍ରାଇଭ୍ରେ ସଂସ୍ଥାର ଅଟୋମୋବାଇଲ ଓ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ୫୩ ଜଣ ଛାତ୍ର ଚୟନ ହୋଇଥିବା ଜଣାପଡ଼ିଛି । ଏହି ନିଯୁକ୍ତି ପ୍ରକ୍ରିୟାରେ କମ୍ପାନୀ ତରଫରୁ ତୁଷାର ଜୟସଓ୍ୱାଲ (ମାନବ ସମ୍ବଳ ମୁଖ୍ୟ ଅଧିକାରୀ), ସୁଶ୍ରୀ ଅନିତା ଗୋଉଦେର (ସହାୟକ ପରିଚାଳକ-ମାନବ ସମ୍ବଳ) ଓ ବୀରେନ୍ଦ୍ର ରାଉତ (ପ୍ରକଳ୍ପ ଉପ-ମହାପ୍ରବନ୍ଧକ) ଆଦି ପ୍ରତିନିଧିଗଣ ଉପସ୍ଥିତ ରହି ଛାତ୍ରମାନଙ୍କର ସାକ୍ଷାକାର ଓ ଚୟନ ପ୍ରକ୍ରିୟା ସମ୍ପନ୍ନ କରିଥିଲେ । ଏହି କ୍ୟାମ୍ପସ ପ୍ଲେସମେଣ୍ଟ ଡ୍ରାଇଭ୍ ଇଂ. ସଞ୍ଜୟ କୁମାର ମିଶ୍ର, ସହକାରୀ ପ୍ରଫେସର- ଅଟୋମୋବାଇଲ ଇଞ୍ଜିନିଅରିଂ ଓ ନିଯୁକ୍ତି ଅଧିକାରୀଙ୍କ ନେତୃତ୍ୱରେ ସଫଳତାର ସହ ପରିଚାଳିତ ହୋଇଥିଲା ଏବଂ ଇଂ. ଶୁଭାଶିଷ ନାୟକ, ସହକାରୀ ପ୍ରଫେସର- ମେକାନିକାଲ ଇଞ୍ଜିନିଅରିଂଏହି ଡ୍ରାଇଭର ସମନ୍ୱୟ ରକ୍ଷା ତଥା ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମଟି ଶ୍ରୀ ଧୀରେନ୍ଦ୍ର ପ୍ରସାଦ ଦାସ, ଅଧ୍ୟକ୍ଷ, ରାମାରାଣୀ ଏଡ୍ୟୁକେସନାଲ ଟ୍ରଷ୍ଟ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଥିଲା । ଏହି ପ୍ଲେସମେଣ୍ଟ ଡ୍ରାଇଭର ସଫଳତା ପାଇଁ ଆର.ଆଇ.ଟି ର ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀମାନେ ମଧ୍ୟ ସମ୍ପୂର୍ଣ୍ଣ ହୃଦୟରୁ ସହଯୋଗ କରିଥିଲେ । ସଂସ୍ଥା ପକ୍ଷରୁ ଚୟନିତ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଯାଇଛି ।

# ଅବସରପ୍ରାପ୍ତ ଶିକ୍ଷକ , ଶିକ୍ଷା କର୍ମଚାରୀଙ୍କ ଜିଲ୍ଲାସ୍ତରୀୟ ସମ୍ମିଳନୀ

କେନ୍ଦୁଝର, (ସବ୍ୟୁ): ଓଡିଶା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘ, କେନ୍ଦୁଝରର ଜିଲ୍ଲାସ୍ତରୀୟ ସମ୍ମିଳନୀ ସଂଘର ସଭାପତି ସଞ୍ଜୟ ବସନ୍ତ ଚକ୍ରଙ୍କ ଅଧ୍ୟକ୍ଷତାରେ ଏନଏସ ପୋଲିସ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସଂଘର ସଂପାଦକ ରବିନ୍ଦ୍ର କୁମାର ପଣ୍ଡା ପ୍ରଥମେ ଅତିଥି ପରିଚୟ ପ୍ରଦାନ କରିବା ସଂଗେ ସଂଗେ ସଭାର ଉଦ୍ଦେଶ୍ୟ ତଥା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଉପରେ ବିଶେଷ ଆଲୋକପାତ କରିଥିଲେ । ସଂଘର ରାଜ୍ୟ ସଭାପତି ନିକୁଞ୍ଜ ବିହାରୀ ବେହେରା ମୁଖ୍ୟ ଅତିଥି ଏବଂ ରାଜ୍ୟ ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବସରପ୍ରାପ୍ତ ନୂତନ ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମସ୍ୟା ସହ ନୂତନ ଅର୍ଥ ଆଇନ-୨୦୨୫(ପେନସନ ଆକଟ) ସଂପର୍କରେ ବିଶଦ ସୂଚନା ପ୍ରଦାନ କରିବା ସହ ପରବର୍ତ୍ତୀ ସମୟରେ ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହଓ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ କହ୍ନେଇ ଚରଣ ମହାନ୍ତି,ଚିନ୍ତାମଣି ଜେନା,ମଦନ ମୋହନ ଦ୍ୱିବେଦୀ,ଶରତ ଚନ୍ଦ୍ର ମିଶ୍ର ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ନିରାକରଣ ସମ୍ବନ୍ଧରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଏନଏସ ପୋଲିସ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ବୃନ୍ଦ ସ୍ୱାଗତ ସଂଗୀତ ଗାନ କରିଥିଲେ । ଜିଲ୍ଲା ସଂଯୋଜକ କ୍ଷୀରୋଦ କୁମାର ରାଉତ,ଭିକାରୀ ଚରଣ ସାହୁ ମଂଚ ପରିଚାଳନା କରିଥିଲେ ଏବଂ ଏନଏସ ପୋଲିସ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଜୟ କୁମାର ବେହେରା,ସଞ୍ଜୟ କୁମାର ସାମଲ ପ୍ରମୁଖ କାର୍ଯ୍ୟକ୍ରମର ସଫଳତାରେ ସଂପୂର୍ଣ୍ଣ ସହଯୋଗ କରିଥିଲେ । ଉକ୍ତ ସମ୍ମିଳନୀରେ ଶତାଧିକ ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଯୋଗଦାନ କରିଥିଲେ । ପରିଶେଷରେ ସଂଘର ବରିଷ୍ଠ ସଦସ୍ୟ ସୁଶିଲ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ସଡକ ଦୁର୍ଘଟଣାରେ ଫାଇନାନ୍ସ କର୍ମଚାରୀଙ୍କ ମୃତ୍ୟୁ

ସୋର,(ସବ୍ୟୁ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ପାଇକାଳି ନିକଟସ୍ଥ ବଳିଆ ହୋଟେଲ ସମ୍ମୁଖରେ ଶନିବାର ମଧ୍ୟାହ୍ନରେ ବ୍ୟାଙ୍କରୁ କାମ ସାରି ଘରକୁ ଫେରୁଥିବା ବେଳେ ସଡକ ଦୁର୍ଘଟଣାରେ ଜଣେ ଫାଇନାନ୍ସ କର୍ମଚାରୀଙ୍କର ମୃତ୍ୟୁ ହୋଇଯାଇଛି ।ଖଇରା ଥାନା ସାରକଣା ଗ୍ରାମର ହିମାଂଶୁ ସାହୁ ବାଲେଶ୍ୱର ସ୍ଥିତ ଆଇଡିଏଫସି ବ୍ୟାଙ୍କରେ ଫାଇନାନ୍ସ କର୍ମଚାରୀ ଭାବେ କାମ କରନ୍ତି । ଶନିବାର ମଧ୍ୟାହ୍ନରେ ସେ ବ୍ୟାଙ୍କରୁ କାମ ସାରି ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଳିଆ ହୋଟେଲ ସାମ୍ନାରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକା ଦେଇ ଫେରାର ହୋଇଯାଇଥିଲା ।ଫଳରେ ସ୍ଥାନୀୟ ଲୋକେ ହିମାଂଶୁଙ୍କୁ ଗୁରୁତର ଭାବେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ପୁଲିସ ଓ ସୋର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡିକୁ ଜବତ କରି ଥାନାରେ ରଖିଥିଲେ । ଏ ବାବଦରେ ହିମାଂଶୁଙ୍କ ପରିବାର ଲୋକେ ସୋର ଥାନାରେ ଅଭିଯୋଗ କରିବା ପରେ ପୁଲିସ ୩୪୦/୨୬ ରେ ଏକ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ଅଧିକ ତୀବ୍ର ହୋଇପାରେ ଯୁଦ୍ଧ

## ଇରାନକୁ ଅସ୍ତ୍ରଶସ୍ତ୍ର ପଠାଉଛି ଚୀନ !

ନୂଆଦିଲ୍ଲୀ: ଆମେରିକା ଓ ଇରାନ ମଧ୍ୟରେ ଦୁଇ ସପ୍ତାହ ପାଇଁ ଯୁଦ୍ଧବିରତି ହୋଇଥିଲେ ମଧ୍ୟ, ଯୁଦ୍ଧ ଶେଷ ହୋଇନଥିବା ଓ ଆଗକୁ ହାଅଧିକ ତୀବ୍ର ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ଆମେରିକାର ସାମରିକ ବାହିନୀ ଓ ଯୁଦ୍ଧଜାହାଜ ଏବେବି ଇରାନ ନିକଟରେ ମୁତୟନ ହୋଇଛି। ତେହେରାନ ମଧ୍ୟ ଚୁପ୍ ବସିନାହିଁ। ଆମେରିକା ଗୁଇନ୍ଦା ସୂଚନା ଅନୁଯାୟୀ ଇରାନ ଆସନ୍ତା କିଛି ସପ୍ତାହ ମଧ୍ୟରେ ଚୀନଠାରୁ ନୂଆ ବାୟୁ ପ୍ରତିରକ୍ଷା ସିଷ୍ଟମ ପାଇବାକୁ ଯାଉଛି ବୋଲି ସିଏନ୍‌ଏନ୍ ଏହାର ରିପୋର୍ଟରେ ପ୍ରକାଶ କରିଛି। ମାସେ ଧରି ଚାଲିଥିବା ଯୁଦ୍ଧ ସମୟରେ ଚୀନ୍ ପ୍ରାୟତଃ ନିରବ ରହିଥିଲା। ଯୁଦ୍ଧବିରତି ଚୁକ୍ତି ପାଇଁ ସହଯୋଗୀ ଇରାନକୁ ସାମିଲ କରିବା ପାଇଁ ଶେଷ ମୁହୂର୍ତ୍ତରେ ହସ୍ତକ୍ଷେପ କରିଥିଲା। ତେବେ ଚୀନର ଯେକୌଣସି ପଦକ୍ଷେପକୁ ଆମେରିକା ଉତ୍ତେଜନାମୂଳକ ଭାବରେ ଦେଖିବାର ସମ୍ଭାବନା ରହିଛି। ଆସନ୍ତା ମାସରେ ସି ଜିନପିଙ୍ଗଙ୍କ ସହ ଆଲୋଚନା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବହୁ ପ୍ରତୀକ୍ଷିତ ଚୀନ୍ ଗସ୍ତ ଉପରେ ମଧ୍ୟ ପ୍ରଭାବ ପକାଇବାର ସମ୍ଭାବନା ରହିଛି। ତେବେ ଚୀନ୍



ଆମେରିକାର ଗୁଇନ୍ଦା ତଥ୍ୟକୁ ଖଣ୍ଡନ କରିଛି। ଚୀନ କୌଣସି ଯୁଦ୍ଧରତ ପକ୍ଷକୁ ଅସ୍ତ୍ରଶସ୍ତ୍ର ଯୋଗାଇ ନଥାଏ ବୋଲି ବେଜିଂ କହିଛି। ଆମେରିକା ଏପରି ଭିତ୍ତିହୀନ ଅଭିଯୋଗ କରିବା, ମନ୍ଦ ଉଦ୍ଦେଶ୍ୟ ରଖି ସମ୍ପର୍କ ସ୍ଥାପନ କରିବା ଏବଂ ଚାଞ୍ଚଲ୍ୟକର କାର୍ଯ୍ୟରୁ ନିବୃତ୍ତ ରହିବାକୁ ଅନୁରୋଧ କରୁଛୁ ବୋଲି ଚୀନ୍ କହିଛି। ୱାସିଂଟନସ୍ଥିତ ଚୀନ ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ଆମେ ଆଶା କରୁଛୁ ଯେ ସମ୍ପୃକ୍ତ ପକ୍ଷମାନେ ଉତ୍ତେଜନା ହ୍ରାସ କରିବାରେ ସାହାଯ୍ୟ କରିବା ପାଇଁ ଅଧିକ ପଦକ୍ଷେପ ନେବେ। ଇରାନ ଉପରେ କଠୋର ପ୍ରତିବନ୍ଧକ ଲାଗିଥିବାବେଳେ ଚୀନ୍ ଓ ରୁଷ୍ ନିଜର ଗୁରୁତ୍ୱପୂର୍ଣ୍ଣ କୂଟନୈତିକ ଓ ସାମରିକ ସହଯୋଗୀକୁ ସହାୟତା ଯୋଗାଇ ଆସୁଛନ୍ତି। ପାଶ୍ଚାତ୍ୟ କଟକଣାକୁ ପ୍ରଭାବହୀନ କରିବାକୁ ଉଭୟ ଇରାନକୁ ଦୃଢ଼ ସହାୟତା କରିଥାନ୍ତି। ଗଲ୍ଫ ଦେଶରେ ଆମେରିକାର ସମ୍ପତ୍ତି ଉପରେ ଆକ୍ରମଣ କରିବାକୁ ରୁଷ୍ ଇରାନକୁ ଗୁଇନ୍ଦା ତଥ୍ୟ ପ୍ରଦାନ କରିଆସୁଛି। ତେବେ ଚୀନ୍ ନିଜକୁ ମଧ୍ୟ ପ୍ରାଚ୍ୟ ଯୁଦ୍ଧରେ ସାମିଲ କରିବାକୁ ଚାହୁନାହିଁ। କେବଳ ଏଥିରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନ ଚୀନ୍କୁ ସହାୟତା ମାଗିବା ପରେ ବେଜିଂ ଚର୍ଚ୍ଚାକୁ ଆସିଥିଲା। ଚୀନ୍ ଇରାନକୁ ଯୁଦ୍ଧବିରତି ପାଇଁ ରାଜି କରାଇଥିଲା। ଏପରିକି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଧ୍ୟ ଚୀନ୍ର ଭୂମିକାକୁ ସ୍ୱୀକାର କରିଥିଲେ।

ଆମେରିକା ଗୁଇନ୍ଦା ତଥ୍ୟ ଅନୁଯାୟୀ, ଚୀନ ଇରାନକୁ କାନ୍ଧରେ ରଖି ଗୁଳିଚାଳନା କରାଯାଉଥିବା ବାୟୁ ପ୍ରତିରୋଧ କ୍ଷେପଣାସ୍ତ୍ର ସିଷ୍ଟମ (ମ୍ୟାନପ୍ୟାଡ) ପ୍ରଦାନ କରିପାରେ। ଆମେରିକା ଓ ଇସ୍ରାଏଲ ଆକ୍ରମଣରେ ଇରାନ ଅନେକ ବାୟୁ ପ୍ରତିରୋଧ ସିଷ୍ଟମ ନଷ୍ଟ ହୋଇଯାଇଥିବାବେଳେ ଇରାନ ଏହାକୁ ନିମ୍ନ ଆକାଶରେ ଉଡ଼ୁଥିବା ଆମେରିକା ବିମାନ ନଷ୍ଟ କରିବାରେ ବ୍ୟବହାର କରିପାରିବ। ଏହି ପୋର୍ଟେବଲ ବାୟୁ ପ୍ରତିରୋଧ ବ୍ୟବସ୍ଥା ଦ୍ୱାରା ଚଳିତ ମାସ ପ୍ରାରମ୍ଭରେ ଇରାନ ଆମେରିକାର ଏଫ୍-୧୫ଇ ଲଢୁଆ ବିମାନ ଓ ବ୍ଲାକ ହକ୍ ହେଲିକପ୍ଟରକୁ ନଷ୍ଟ କରିପାରିଥିଲା। ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମ ଥର ଆମେରିକା ଯୁଦ୍ଧ ବିମାନକୁ ଶତ୍ରୁପକ୍ଷ ଖସାଇବାରେ ସଫଳ ହୋଇଥିଲା। ଇରାନ ଏ ସମ୍ପର୍କରେ ଅଧିକ ତଥ୍ୟ ପ୍ରଦାନ କରିନଥିଲେ ମଧ୍ୟ ଆଇଆରଜିସି ଏହାକୁ ଏକ ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥା ବୋଲି କହିଥିଲା। ଚୀନ ଇରାନରୁ ୮୦% ତୈଳ ଆମଦାନୀ କରୁଥିବାବେଳେ ଇରାନର ସୁରକ୍ଷା ପାଇଁ ସିଧାସଳଖ ଯୁଦ୍ଧକୁ ଓହ୍ଲାଇବାକୁ ଚାହୁନାହିଁ। ଅନ୍ୟପକ୍ଷରେ ଚୀନ ଇରାନକୁ ଅସନ୍ତୁଷ୍ଟ କରିବାକୁ ଚାହୁନାହିଁ, ତେଣୁ ପ୍ରତିରକ୍ଷା ପ୍ରଣାଳୀ ପ୍ରଦାନ କରି ତେହେରାନକୁ ନିଜ ହାତରେ ରଖିବାକୁ ଚାହୁଁଛି। ଇରାନ ରୁଷ୍ଠାରୁ ସ୍ୱଳ୍ପ ଦୂରଗାମୀ ଭର୍ବା ପୋର୍ଟେବଲ ଭୂପୃଷ୍ଠରୁ ଆକାଶକୁ ନିକ୍ଷେପିତ ହୋଇପାରୁଥିବା କ୍ଷେପଣାସ୍ତ୍ର ପାଇବାକୁ ଯାଉଛି। ଏଥିପାଇଁ ଚଳିତ ବର୍ଷ ପ୍ରାରମ୍ଭରେ ଦୁଇ ଦେଶ ମଧ୍ୟରେ ଚୁକ୍ତି ହୋଇଥିଲା। ଅନ୍ୟପକ୍ଷରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବାକୁ ଚୀନ ଇରାନକୁ ବୈଷୟିକ ସହାୟତା ବିକ୍ରି କରିଆସୁଛି।

## ଏବେ କେମିତି ଅଛନ୍ତି ଇରାନ ସୁପ୍ରିମ ଲିଡର୍ ?

ନୂଆଦିଲ୍ଲୀ: ଫେବୃଆରୀ ୨୮ରେ ଆମେରିକା ଓ ଇସ୍ରାଏଲ କରିଥିବା ଏୟାର ଷ୍ଟ୍ରାଇକରେ ଇରାନର ତତ୍କାଳୀନ ସୁପ୍ରିମ ଲିଡର ଅୟୋତୋଲ୍ଲା ଅଲୀ ଖାମେନେଇ ଓ ତାଙ୍କ ପରିବାରର ଅନେକ ସଦସ୍ୟ ଆହତ ହୋଇଥିଲେ। ଆଉ ଏହି ଆକ୍ରମଣରେ ଆହତ ହୋଇଥିଲେ ଅଲୀ ଖାମେନେଇଙ୍କ ପୁଅ ମୋଜତବା। ପରବର୍ତ୍ତୀ ଅବସ୍ଥାରେ ମୋଜତବା ଇରାନର ସୁପ୍ରିମ ଲିଡର ହୋଇଥିଲେ ହେଁ ଏଯାଏ ସାମ୍ନାକୁ ଆସି ନାହାନ୍ତି। ଏବେ ତାଙ୍କ ସମ୍ପର୍କରେ ବଡ଼ ଖବର ସାମ୍ନାକୁ ଆସିଛି। ଫେବୃଆରୀ ୨୮ ଏୟାର ଷ୍ଟ୍ରାଇକରେ ସାଂଘାତିକ ଭାବେ ଆହତ ହୋଇଥିଲେ ମୋଜତବା। ତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ମୁହଁ ଖିନ୍‌ଭିନ ହୋଇ ଯାଇଥିଲା। ତଥାପି ସେ ଜୀବିତ ରହିଥିଲେ। ସେବେଠାରୁ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ସେ ଧୀରେଧୀରେ ସୁସ୍ଥ ହେଉଥିବା ନ୍ୟୁଜ ଏଜେନ୍ସି ରୟଟର୍ସ ରିପୋର୍ଟ ପ୍ରକାଶ କରିଛି। ଇରାନୀୟ ସୂତ୍ରକୁ ଆଧାର କରି ରୟଟର୍ସ ରିପୋର୍ଟ ପ୍ରକାଶ କରିଛି ଯେ ଫେବୃଆରୀ ୨୮ରେ ସୁପ୍ରିମ ଲିଡରଙ୍କ କେନ୍ଦ୍ରୀୟ ତେହେରାନରେ ଥିବା ବାସଭବନ ଉପରେ ଏୟାର ଷ୍ଟ୍ରାଇକ ହୋଇଥିଲା। ଏଥିରେ ମୋଜତବା ଖାମେନେଇଙ୍କ ମୁହଁ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା। ତାଙ୍କର ଗୋଟିଏ କିମ୍ବା ୨ଟି ଯାକ ଗୋଡ଼ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହି ଆକ୍ରମଣରେ ସେ ନିଜର ପତ୍ନୀ, ଶାଳକ ପ୍ରମୁଖ ପରିବାର ସଦସ୍ୟଙ୍କୁ ହରାଇଛନ୍ତି।

ସେବେଠାରୁ ମୋଜତବାଙ୍କ ଚିକିତ୍ସା ଚାଲିଥିଲେ ହେଁ ସେ ମାନସିକ ସ୍ତରରେ ସୁସ୍ଥ ରହିଛନ୍ତି। ଏଥିସହ ସରକାରୀ ନୀତିକୁ ମଧ୍ୟ ପରିଚାଳନା କରୁଛନ୍ତି। ଦୁଇଟି ସୂତ୍ରରେ କୁହାଯାଇଛି ଯେ ମୋଜତବା ଇରାନର ବରିଷ୍ଠ ଅଧିକାରୀଙ୍କ ସହ ଅଡିଓ କନଫରେନ୍ସରେ ସାମିଲ ହେଉଛନ୍ତି। ଯୁଦ୍ଧ ଓ ଆମେରିକା ସହ ହେବାକୁ ଥିବା ଶାନ୍ତି ଆଲୋଚନା ଭଳି ପ୍ରମୁଖ ପ୍ରସଙ୍ଗରେ ସେ ନିଷ୍ପତ୍ତି ମଧ୍ୟ ନେଉଛନ୍ତି। ପାକିସ୍ତାନରେ ଆଜି ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ଆଲୋଚନା ଆରମ୍ଭ ହେବାକୁ ଥିବା ବେଳେ ମୋଜତବାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏପରି ଖବର ଆସିଛି। ହେଲେ ଏଯାଏ ଇରାନ ପକ୍ଷରୁ ବିଧିବଦ୍ଧ ଭାବେ ମୋଜତବାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କୌଣସି ବିବୃତି ଜାରି କରାଯାଇ ନାହିଁ।

## ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଭି ଉପରେ ଲାଗିବନି ରୋଡ୍ ଟ୍ୟାକ୍ସ

ନୂଆଦିଲ୍ଲୀ:ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଇଲେକ୍ଟ୍ରିକ ଗାଡ଼ି ପାଇଁ ପ୍ରୋତ୍ସାହିତ କରିବା, ଇଲେକ୍ଟ୍ରିକ କାର ଉପରୁ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଫି' ଛାଡ଼ ଭଳି ଯୋଜନା ସହ ଦିଲ୍ଲୀ ସରକାର ଇଭି ପଲିସି ୨୦୨୬-୨୦୩୦କୁ ଡ୍ରାଫ୍ଟ କରିଛନ୍ତି। ପ୍ରସ୍ତାବିତ ଇଭି ନୀତିରେ ଇଲେକ୍ଟ୍ରିକ ଗାଡ଼ିକୁ ପ୍ରୋତ୍ସାହନ ଦେବା ପାଇଁ ବଡ଼ ବ୍ୟବସ୍ଥା ରଖାଯାଇଥିବା ବେଳେ ଏହା ଲାଗୁ ହେଲେ ଦିଲ୍ଲୀ ବାୟୁମାନ ମଧ୍ୟ ଅନେକାଂଶରେ କମିବା ନେଇ ଆଶା ରଖାଯାଇଛି। ଡ୍ରାଫ୍ଟ ଅନୁସାରେ ୩୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଇଲେକ୍ଟ୍ରିକ କାର ଉପରେ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଫି' ରେ ୧୦୦ ପ୍ରତିଶତ ଛାଡ଼ ଦେବା ପ୍ରସ୍ତାବ ରହିଛି। ଏହି ଛାଡ଼ ୨୦୩୦ ପର୍ଯ୍ୟନ୍ତ ଲାଗୁ ରହିପାରେ। ସରକାରଙ୍କ ଉଦ୍ଦେଶ୍ୟ ମଧ୍ୟବିତ୍ତ ଏବଂ ଉଚ୍ଚ ମଧ୍ୟବିତ୍ତ ଲୋକଙ୍କୁ ଇଲେକ୍ଟ୍ରିକ ଗାଡ଼ି ପାଇଁ ପ୍ରୋତ୍ସାହିତ କରିବା ଏବଂ ପାସେଞ୍ଜର କାର୍ ସେଗମେଣ୍ଟରେ ଇଭି ଭାଗିଦାରୀ ବଢ଼ିବ। ଅବଶ୍ୟ ୩୦ ଲକ୍ଷ ଟଙ୍କାର ଅଧିକ ଦାମ୍ର ଇଲେକ୍ଟ୍ରିକ କାରକୁ ଏହି ଛାଡ଼ର ଲାଭ ମିଳିବ ନାହିଁ। ସେହିଭଳି ଷ୍ଟ୍ରଙ୍ଗ ହାଇବ୍ରିଡ୍ ଗାଡ଼ି ଉପରେ ରୋଡ ଟ୍ୟାକ୍ସ ଏବଂ ରେଜିଷ୍ଟ୍ରେସନ ଚାର୍ଜରେ ୫୦ ପ୍ରତିଶତ ଛାଡ଼ ଦେବାର ପ୍ରସ୍ତାବ ମଧ୍ୟ ଡ୍ରାଫ୍ଟରେ ସାମିଲ। ୨୦୨୭ରୁ ଥ୍ରି- ହ୍ୱିଲର ନିୟମରେ ପରିବର୍ତ୍ତନ ପାଇଁ ପ୍ରସ୍ତୁତି ଡ୍ରାଫ୍ଟ ନୀତି ଅନୁସାରେ ୨୦୨୭ ଜାନୁଆରୀ ୧ରୁ ଦିଲ୍ଲୀରେ କେବଳ ଇଲେକ୍ଟ୍ରିକ ଥ୍ରୀ-ହ୍ୱିଲର ହିଁ ରେଜିଷ୍ଟ୍ରେସନ ହେବ। ଯାହାର ସିଧା ପ୍ରଭାବ ଅଟୋ- ରିକ୍ସା ଏବଂ ଛୋଟ କମର୍ସିଆଲ ଗାଡ଼ି ଉପରେ ପଡ଼ିବ। କାରଣ ଏହି ଗାଡ଼ି ସବୁ ଶ୍ରେଣୀର ଲୋକଙ୍କୁ ଯୋଡ଼ିବାରେ ବଡ଼ ଭୂମିକା ନେଉଛନ୍ତି।

ଏହା ସହ ଏହି ନୀତିରେ ଦୁଇ ଚକିଆ ଯାନକୁ ମଧ୍ୟ ଧୀରେ ଧୀରେ ଇଲେକ୍ଟ୍ରିକ ମଡେଲ ଆଡ଼କୁ ନେବାର ସଙ୍କେତ ଦିଆଯାଇଛି। ଅବଶ୍ୟ ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ପେଟ୍ରୋଲ-ଡିଜେଲ ଗାଡ଼ି ଉପରେ ତୁରନ୍ତ ପ୍ରତିବନ୍ଧକ ଲଗାଯିବନି। ଏହାର ଉଦ୍ଦେଶ୍ୟ ପରିବର୍ତ୍ତନକୁ ଧୀରେ ଧୀରେ ବ୍ୟବସ୍ଥିତ ଢଙ୍ଗରେ ଲାଗୁ କରିବା। ଯାହାଦ୍ୱାରା ଲୋକଙ୍କ ସହ ବ୍ୟବସାୟ ଉଭୟ ଉପରେ ହଠାତ୍ ଚାପ ନପଡ଼ିବ।

ନୀତି ଅନୁସାରେ ସାର୍ବଜନୀନ ଏବଂ ଚାର୍ଜିଂ ନେଟୱର୍କକୁ ଦ୍ରୁତ ଭାବରେ ବୃଦ୍ଧି ଉପରେ ଜୋର ଦିଆଯାଇଛି। ଯେପରି ଇଭି ବ୍ୟବହାରକାରୀଙ୍କୁ ଚାର୍ଜିଂକୁ ନେଇ କୌଣସି ପ୍ରକାର ଅସୁବିଧାର ସାମନା କରିବାକୁ ନପଡ଼େ। ଏହା ସହ ଏକ ମଜଭୁତ ଇଭି ସପ୍ଲାଏ ଚେନ ବିକଶିତ କରିବା ଯୋଜନା ମଧ୍ୟ ସାମିଲ ରହିଛି । ଏଥିରେ ବ୍ୟାଟେରୀ ମରାମତି, ରିସାଇକେଲିଂ ଏଙ୍ଗ ପୁରୁଣା ପାର୍ଟସର ରିକଭରି ଭଳି ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉପାୟ ବିକଶିତ କରିବା ଉପରେ ଧ୍ୟାନ ଦିଆଯାଇଛି। ସରକାରଙ୍କ ଉଦ୍ଦେଶ୍ୟ ଇଭି ସେକ୍ଟର ପାଇଁ ସପୋର୍ଟିଂ ଇକୋସିଷ୍ଟମ ପ୍ରସ୍ତୁତ କରିବା। ଏହି ନୀତି ରାଜଧାନୀ ଏବଂ ରାଷ୍ଟ୍ରୀୟ ରାଜଧାନୀ କ୍ଷେତ୍ର (NCR)ରେ ବାୟୁ ଗୁଣବତ୍ତା ସୁଧାର ଦିଗରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି। ତେବେ ଏହି ପ୍ରସ୍ତାବ ଉପରେ ଲୋକଙ୍କୁ ଆଗାମୀ ୩୦ ଦିନ ପର୍ଯ୍ୟନ୍ତ ପରାମର୍ଶ ଏବଂ ଆପତ୍ତି ପଠାଇବାକୁ କୁହାଯାଇଛି। ଏହା ପରେ ସରକାର ମତ ଆଧାରରେ ବିଚାର କରି ଶେଷରେ ନୀତି ଲାଗୁ କରିବେ।

## ପୋକସୋ ଅଭିଯୁକ୍ତକୁ ମୁକ୍ତ କଲେ ହାଇକୋର୍ଟ

ନୂଆଦିଲ୍ଲୀ: ଡିସେମ୍ବର ୧୩, ୨୦୨୨ର ଏକ ମାମଲାରେ ଛତିଶଗଡ଼ ହାଇକୋର୍ଟ ଐତିହାସକ ରାୟ ଦେଇଛନ୍ତି । ପୋକ୍ସୋ ମାମଲାରେ ଫସିଥିବା ଅଭିଯୁକ୍ତକୁ ହାଇକୋର୍ଟ ମୁକ୍ତ କରିଛନ୍ତି । କୌଣସି ମାମଲାରେ ପୀଡ଼ିତାଙ୍କ ବୟସକୁ ଆଧାର କରି ଜଣେ ବ୍ୟକ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରାଯଇପାରିବ ନାହିଁ ବୋଲି କୋର୍ଟ କହିଛନ୍ତି । ପୁରା ଘଟଣାକ୍ରମ, ସାକ୍ଷି ଏବଂ ନିରପେକ୍ଷ ମୂଲ୍ୟାଙ୍କନ ଉପରେ ଗୁରୁତ୍ୱାରୋପ କରିଛନ୍ତି ବିଚାରପତି । ଏହା ସହ ଟ୍ରାଏଲ କୋର୍ଟଙ୍କ ରାୟକୁ ହାଇକୋର୍ଟ ଖାରଜ କରିବା ସହ ମାମଲାରେ ଫସିଥିବା ବ୍ୟକ୍ତିଙ୍କୁ ଆଶ୍ୱସ୍ତି ଦେଇଛନ୍ତି । ପୋକ୍ସୋ ମାମଲାରେ ଜେଲ ଥିବା ଅଭିଯୁକ୍ତ ଦୀପକ ବୈଷ୍ଣବଙ୍କୁ ମିଳିଛି ମୁକ୍ତି ।

ପୂରା ଘଟଣା କ'ଣ ? ଏହି ଘଟଣାଟି ସେପ୍ଟେମ୍ବର ୧୩, ୨୦୨୨ ରେ ଘଟିଥିଲା। ମୁଙ୍ଗେଲି ଜିଲ୍ଲାର ଜଣେ ନାବାଳିକା ଝିଅ ସ୍କୁଲ ଯିବା ପାଇଁ ଘରୁ ବାହାରିଥିଲା କିନ୍ତୁ ଆଉ ଫେରି ନଥିଲା। ବହୁତ ଖୋଜାଖୋଜି ପରେ, ସେ ନମିଳିବାରୁ ତାଙ୍କ ବାପା ଥାନରେ ଅଭିଯୋଗ କରିଥିଲେ । ଅଭିଯୋଗରେ ଉଲ୍ଲେଖ କରାଯାଇଥିଲା ଯେ, କୌଣସି ଅଜଣା ବ୍ୟକ୍ତି ତାଙ୍କ ଝିଅକୁ ପ୍ରଲୋଭିତ କରି ନେଇଯାଇଛି ।

**ଟ୍ରାଏଲ୍ କୋର୍ଟ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିଥିଲେ**

ମାମଲାର ଶୁଣାଣି କରି, ମୁଙ୍ଗେଲିର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଦୀପକ ବୈଷ୍ଣବଙ୍କୁ ଭାରତୀୟ ଦଣ୍ଡ ସଂହିତାର ଧାରା ୩୬୩, ୩୬୬ ଏବଂ ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ଦୋଷୀ ସାବ୍ୟସ୍ତ କରିଥିଲେ। ଟ୍ରାଏଲ୍ କୋର୍ଟ ଅଭିଯୁକ୍ତକୁ ଗୁରୁତର ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

**ହାଇକୋର୍ଟରେ ଦୀପକଙ୍କ ଓକିଲଙ୍କ ଯୁକ୍ତି**

ହାଇକୋର୍ଟରେ ଅଭିଯୁକ୍ତଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ ଯୁକ୍ତି ଦେଇଥିଲେ ଯେ, ପୀଡିତା ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ପୂର୍ବରୁ ସମ୍ପର୍କ ଥିଲା। ସେମାନେ ଫୋନ୍ ମାଧ୍ୟମରେ ଯୋଗାଯୋଗ କରିଥିଲେ ଏବଂ ଝିଅଟି ସ୍ୱେଚ୍ଛାକୃତ ଭାବରେ ତାଙ୍କ ସହିତ ଯିବାକୁ ନିଷ୍ପତ୍ତି ନେଇଥିଲା। ସେମାନେ ମୁଙ୍ଗେଲି, ରାୟପୁର, ହାଇଦ୍ରାବାଦ ଏବଂ ବିଜୟୱାଡା ଭଳି ସହରକୁ ଯାତ୍ରା କରିଥିଲେ ଏବଂ ପ୍ରାୟ ଗୋଟିଏ ମାସ ଧରି



ଏକାଠି ରହିଥିଲେ। ପ୍ରତିରକ୍ଷା ପକ୍ଷ ଯୁକ୍ତି ଦେଇଥିଲେ ଯେ, ସମଗ୍ର ମାମଲାରେ ବଳପ୍ରୟୋଗ, ଚାପ କିମ୍ବା ପ୍ରଲୋଭନର କୌଣସି ପ୍ରମାଣ ନାହିଁ।

**'ନାବାଳକଙ୍କ ସମ୍ମତି ଅମାନ୍ୟ'**

ରାଜ୍ୟ ସରକାର କୋର୍ଟରେ ଯୁକ୍ତି ଦର୍ଶାଇଥିଲେ ଯେ, ପୀଡିତା ଜଣେ ନାବାଳିକା । ତେଣୁ ତାଙ୍କ ସମ୍ମତିର କୌଣସି ଆଇନଗତ ଗୁରୁତ୍ୱ ନାହିଁ। ଅଭିଯୁକ୍ତ ତାଙ୍କୁ ତାଙ୍କ ପିତାମାତାଙ୍କ ପାଖରୁ ଦୂରେଇ ନେଇ ଅପରାଧ କରିଛନ୍ତି । ତେଣୁ ପୋକ୍ସୋ ଆଇନ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ ।

**'ନେଇଯିବା ଏବଂ ସାଥିରେ ଯିବା ଭିନ୍ନ କଥା'**

ଉଭୟ ପକ୍ଷର ଯୁକ୍ତି ଏବଂ ଉପଲବ୍ଧ ପ୍ରମାଣକୁ ଭଲଭାବେ ସମୀକ୍ଷା କରିବା ପରେ, ହାଇକୋର୍ଟ ସ୍ପଷ୍ଟ ଭାବରେ କହିଛନ୍ତି ଯେ, 'ନେବା ଏବଂ ସାଥିରେ ଯିବା' ଦୁଇଟି ଭିନ୍ନ କଥା । ଅଭିଯୁକ୍ତ ବଳପୂର୍ବକ କିମ୍ବା ପ୍ରତାରଣା କରି ପୀଡିତାଙ୍କୁ ନେଇଯାଇଥିବା ନେଇ ଅଭିଯୋଗକାରୀ କୌଣସି ପ୍ରମାଣ ଦେଇନାହାନ୍ତି । କୋର୍ଟଙ୍କ ଅନୁଯାୟୀ, ଯଦି ଜଣେ ଝିଅ ନିଜ ଇଚ୍ଛାରେ କାହା ସହିତ ଯାଏ, ତେବେ କେବଳ ଏହି ଆଧାରରେ ଅପହରଣ ଅପରାଧ ପ୍ରମାଣିତ ହୋଇପାରିବ ନାହିଁ।

**ପୋସ୍କୋ ଆଇନ ଉପରେ ହାଇକୋର୍ଟଙ୍କ ମନ୍ତବ୍ୟ**

କୋର୍ଟ ଜାଣିବାକୁ ପାଇଥିଲେ ଯେ, ଘଟଣା ସମୟରେ ପୀଡିତାଙ୍କ ବୟସ ପ୍ରାୟ ୧୫ ବର୍ଷ ଏବଂ ୧୦ ମାସ ଥିଲା । ସେ ନିଶ୍ଚିତ ଭାବରେ ଜଣେ ନାବାଳିକା ଥିଲେ । କିନ୍ତୁ କୋର୍ଟ ଏହା ମଧ୍ୟ କହିଛନ୍ତି ଯେ, ପ୍ରତ୍ୟେକ ମାମଲାରେ କେବଳ ବୟସ ଦୋଷ ନିର୍ଣ୍ଣୟ ପାଇଁ ଆଧାର ହୋଇପାରିବ ନାହିଁ। ପୂର୍ବରୁ ସୁପ୍ରିମକୋର୍ଟଙ୍କ ଏକ ନିଷ୍ପତ୍ତିକୁ ଉଦ୍ଧୃତ କରି ହାଇକୋର୍ଟ କହିଛନ୍ତି ଯେ, ଯେତେବେଳେ ପରିସ୍ଥିତି ଦର୍ଶାଏ ଯେ, ପୀଡିତା ସ୍ୱେଚ୍ଛାକୃତ ଭାବରେ ଯାଇଥିଲେ ଏବଂ କୌଣସି ଜୋରଜବରଦସ୍ତି ହୋଇନଥିଲା, ଏପରି କ୍ଷେତ୍ରରେ ବିଶେଷ ସତର୍କତା ଆବଶ୍ୟକ। ତେବେ ହାଇକୋର୍ଟ ଦୀପକ ବୈଷ୍ଣବଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ।

## ବଦଳୁଛି ପଶ୍ଚିମ ଏସିଆ ପରିସ୍ଥିତି

## ହର୍ମୁଜ ଦେଇ ଭାରତକୁ ଆସୁଛି ୨୦ ହଜାର ମେଟ୍ରିକ ଟନ୍ ଏଲପିଜି

ନୂଆଦିଲ୍ଲୀ: ପଶ୍ଚିମ ଏସିଆର ବଦଳୁଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ପକ୍ଷରୁ ବ୍ୟାପକ କୂଟନୀତିକ ଓ ବାଣିଜ୍ୟିକ ପଦକ୍ଷେପ ଜାରି ରହିଛି। ଭାରତ ଓ ଭାରତୀୟଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରମୁଖ କ୍ଷେତ୍ରଗୁଡ଼ିକରେ ପ୍ରସ୍ତୁତି ଏବଂ ନିରନ୍ତର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ପାଇଁ ସକ୍ରିୟ ରହିଛନ୍ତି ଭାରତ ସରକାର। ଶକ୍ତି ଯୋଗାଣକୁ ନିରନ୍ତର ରକ୍ଷା କରିବା ସହ ସାମୁଦ୍ରିକ କାର୍ଯ୍ୟ ଏବଂ ସେହି ଅଞ୍ଚଳରେ ଥିବା ଭାରତୀୟ ନାଗରିକମାନଙ୍କୁ ସହାୟତା କରିବା ପାଇଁ ଭାରତର ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି।

ଶକ୍ତି ଯୋଗାଣକୁ ନିରନ୍ତର କରିବା ସହ ଜାଳେଣିର ସହଜ ଉପଲବ୍ଧି ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ବ୍ୟାପକ ପଦକ୍ଷେପ ହାତକୁ ନେଇଛି। ହର୍ମୁଜ ପ୍ରଣାଳୀ ଦେଇ ଗ୍ୟାସ୍ ଓ ତୈଳ ବୋଝେଇ ଜାହାଜ କିପରି ଭାରତ ଆସିପାରିବ ସେଥିନେଇ କୂଟନୀତିକ ଆଲୋଚନା ସଫଳତା ହାସଲ କରୁଥିବା ସମୟରେ ଦେଶବାସୀଙ୍କୁ ଆତଙ୍କିତ ନ ହେବାକୁ ପରାମର୍ଶ ଦେଇଛନ୍ତି ସରକାର। ନାଗରିକମାନଙ୍କୁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ଆତଙ୍କିତ ହୋଇ ନ କିଣିବାକୁ କୁହାଯାଇଛି। ଏ କ୍ଷେତ୍ରରେ ବାହାର ବା ଅସମର୍ଥିତ ସୂଚନାକୁ ଆଧାର ନ କରି କେବଳ କେବଳ ସରକାରୀ ସୂତ୍ର ଉପରେ ନିର୍ଭର କରିବାକୁ ପରାମର୍ଶ ଦିଆଯାଇଛି।

ଏଲପିଜି ଗ୍ରାହକମାନଙ୍କୁ ଡିଜିଟାଲ୍ ବୁକିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଏବଂ ବିତରକଙ୍କ ପାଖକୁ ନଯିବାକୁ ଅନୁରୋଧ କରାଯାଇଛି। ନାଗରିକମାନଙ୍କୁ ପିଏନ୍ଜି ଏବଂ ଇଲେକ୍ଟ୍ରିକ୍ କିମ୍ବା ଇଣ୍ଡକ୍ସନ କୁକ୍-ଟପ୍ ଭଳି ବିକଳ୍ପ ଜାଳେଣି ବ୍ୟବହାର କରିବାକୁ ଉତ୍ସାହିତ କରାଯାଉଛି। ବର୍ତ୍ତମାନର ସ୍ଥିତିରେ ଦୈନନ୍ଦିନ ବ୍ୟବହାରରେ ଶକ୍ତି ସଞ୍ଚୟ କରିବାକୁ ସମସ୍ତ ନାଗରିକଙ୍କୁ ଅନୁରୋଧ କରାଯାଇଛି। ଚାଲିଥିବା ଭୂ-ରାଜନୈତିକ ସ୍ଥିତି ସତ୍ତ୍ୱେ, ସରକାର ଘରୋଇ ଏଲପିଜି ଏବଂ ପିଏନ୍ଜି ଯୋଗାଣ ସହିତ ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ପ୍ରାଥମିକତା ଦେଇଛନ୍ତି। ରିଫାଇନେରୀ ଉତ୍ପାଦନ ବୃଦ୍ଧି, ସହରାଞ୍ଚଳରେ ବୁକିଂ ବ୍ୟବଧାନ ୨୧ ରୁ ୨୫ ଦିନ ଏବଂ ଗ୍ରାମାଞ୍ଚଳରେ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରିବା ସହ ଯୋଗାଣ ପାଇଁ ପ୍ରାଥମିକତା କ୍ଷେତ୍ର ନିର୍ଦ୍ଧାରଣ କରାଯାଇଛି। ଏଲପିଜି ଚାହିଦା ଉପରେ ଚାପ କମାଇବା ପାଇଁ କିରୋସିନ ଏବଂ କୋଇଲା ଭଳି ବିକଳ୍ପ ଜାଳେଣି ଉପଲବ୍ଧ କରାଯାଇଛି। କ୍ଷୁଦ୍ର ଏବଂ ମଧ୍ୟମ ଉପଭୋକ୍ତାଙ୍କୁ ବିତରଣ ପାଇଁ ରାଜ୍ୟଗୁଡ଼ିକୁ ଅତିରିକ୍ତ କୋଇଲା ଯୋଗାଇବାକୁ କୋଇଲା ମନ୍ତ୍ରଣାଳୟ କୋଲ୍ ଇଣ୍ଡିଆ ଏବଂ ସିଙ୍ଗାରେନି କୋଲିୟରିଜକୁ ନିର୍ଦ୍ଦେଶ ଦେଇଛି।

କଳାବଜାରୀ ଏବଂ ମହଜୁଦକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରାଜ୍ୟ ସରକାରମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, ୧୯୫୫ ଅଧୀନରେ କ୍ଷମତା ଦିଆଯାଇଛି। ଜିଲ୍ଲା ପ୍ରଶାସନ ଦ୍ୱାରା ଦୈନନ୍ଦିନ ପ୍ରବର୍ତ୍ତନ ଅଭିଯାନକୁ ଜୋରଦାର କରିବା ଏବଂ ସୋସିଆଲ ମିଡିଆରେ ଗୁଜବକୁ ରୋକିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବର୍ତ୍ତମାନ ୨୪ଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ନିୟମିତ ଏ ବାବଦରେ ଗଣମାଧ୍ୟମକୁ ସୂଚିତ କରୁଛନ୍ତି।

ଏବେକାର ଏଲପିଜି ଯୋଗାଣ ସ୍ଥିତି ବିଷୟରେ ସୂଚନା ଦେଇ ପେଟ୍ରୋଲିୟମ ଓ ଗ୍ୟାସ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ଏଲପିଜି ବିତରକଙ୍କ ପାଖରେ କୌଣସି ଷ୍ଟକ୍ ଅଭାବ ହୋଇନାହିଁ। ଇଣ୍ଡଷ୍ଟ୍ରିରେ ଅନଲାଇନ ଏଲପିଜି ବୁକିଂ ପ୍ରାୟ ୯୮% କୁ ବୃଦ୍ଧି ପାଇଛି। ୧୦.୦୪.୨୦୨୬ ରେ, ୫୧.୫ ଲକ୍ଷରୁ ଅଧିକ ଘରୋଇ ଏଲପିଜି ସିଲିଣ୍ଡର ବିତରଣ କରାଯାଇଛି। ଛାତ୍ର ଏବଂ ପ୍ରବାସୀ ଶ୍ରମିକଙ୍କ ସମେତ ଅସହାୟ ସମ୍ପ୍ରଦାୟକୁ ୨୩ ମାର୍ଚ୍ଚ ୨୦୨୬ ରୁ ୧୨ ଲକ୍ଷରୁ ଅଧିକ ୫ କିଲୋଗ୍ରାମର ମୁକ୍ତ ବ୍ୟାପାର (ଏଫଟିଏଲ) ସିଲିଣ୍ଡର ବିକ୍ରି କରାଯାଇଛି। ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସାମୁଦ୍ରିକ ସୁରକ୍ଷା ଏବଂ ପରିବହନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି। ଭାରତୀୟ ପତାକାଧାରୀ ଏଲପିଜି ଜାହାଜ 'ଜଗ ବିକ୍ରମ' ପ୍ରାୟ ୨୦,୪୦୦ ମେଟ୍ରିକ ଟନ୍ ଏଲପିଜି କାର୍ଗୋ ଧରି ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରିଛି। ଏହା ୧୫ ଏପ୍ରିଲ ୨୦୨୬ ସୁଦ୍ଧା ମୁମ୍ବାଇରେ ପହଞ୍ଚିବାର ସମ୍ଭାବନା ଅଛି। ଶିପିଂ କଣ୍ଟ୍ରୋଲ ରୁମ୍ ୨୪x୭ କାର୍ଯ୍ୟ କରୁଛି। ବର୍ତ୍ତମାନ ସୁଦ୍ଧା ଉପସାଗରୀୟ ଅଞ୍ଚଳରୁ ୨,୦୦୯ ରୁ ଅଧିକ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଅଣାଯାଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ଭାରତୀୟ ମିଶନଗୁଡ଼ିକ ଚବିଶ ଘଣ୍ଟିଆ ହେଲ୍ପଲାଇନ ଚଳାଉଛନ୍ତି ଏବଂ ଭାରତୀୟ ନାଗରିକମାନଙ୍କୁ ସକ୍ରିୟ ସହାୟତା ପ୍ରଦାନ କରୁଛନ୍ତି। ୨୮ ଫେବୃଆରୀ ପରଠାରୁ ପ୍ରାୟ ୮,୭୧,୦୦୦ ଯାତ୍ରୀ ସେହି ଅଞ୍ଚଳରୁ ଭାରତ ଭ୍ରମଣ କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସକୁ ପ୍ରାୟ ୯୫ଟି ବିମାନ ଆଜି ଚଳାଚଳ କରିବାର ଆଶା ଅଛି।

## ପ୍ରାର୍ଥୀପତ୍ର ଖାରଜ କରିବାକୁ ଉଦ୍ୟମ କରିଛି ବିଜେପି: ମମତା

କୋଲକାତା : ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶନିବାର ବଡ଼ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ବିଜେପି ତାଙ୍କ ବିରୋଧରେ ଦୁଇଟି ମିଥ୍ୟା ମାମଲା ରୁଜୁ କରିବାକୁ ଉଦ୍ୟମ କରି ନିର୍ବାଚନ ଆୟୋଗ (ଇସି)ଙ୍କ ସହାୟତାରେ ଦକ୍ଷିଣ କୋଲକାତାର ଭବାନୀପୁର ସିଟରେ ତାଙ୍କ ପ୍ରାର୍ଥୀତ୍ୱ ରଦ୍ଦ କରିବାକୁ ଉଦ୍ୟମ କରିଛି। ହେଲେ ତୃଣମୂଳ କଂଗ୍ରେସ(ଟିଏମସି) ଓ ସାଧାରଣ ଲୋକେ ବିଜେପି ଓ ଇସିଙ୍କ ଯୋଜନାକୁ ପଣ୍ଡ କରିଦେଇଛନ୍ତି। ମମତା ବାନାର୍ଜୀ ଶନିବାର ପଶ୍ଚିମ ମେଦିନପୁର ଜିଲ୍ଲା କେସିୟାରୀରେ ଏକ ନିର୍ବାଚନୀ ସଭାକୁ ସମ୍ବୋଧିତ କରିବା ଅବସରରେ କହିଛନ୍ତି ଯେ ଭୋଟର ଲିଷ୍ଟ ଗହନ ପୁନରୀକ୍ଷଣ (ଏସଆଇଆର) କାଳରେ ବିଜେପି ଭୋଟର ଲିଷ୍ଟରୁ ୯୦ ଲକ୍ଷ ଭୋଟରଙ୍କ ନାମ 'ଜୋରଜବରଦସ୍ତ' ହଟାଇଛି। ଏବେ ଭବାନୀପୁର ସିଟ୍ ସୁରକ୍ଷିତ ରଖିବା ଲାଗି ମମତାଙ୍କ ବିପକ୍ଷରେ ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ ବଡ଼ ଚ୍ୟାଲେଞ୍ଜ ପାଲଟିଛନ୍ତି। ତେବେ ମମତା କହିଛନ୍ତି ଯେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚନ ଲଢି ଜିତିବାର ସାହାସ ବିଜେପିର ନାହିଁ, ଏଣୁ ଅନ୍ୟ ଉପାୟରେ ଭୋଟ ହାତେଇବାକୁ ଷଡ଼ଯନ୍ତ୍ର କରୁଛି। ନିର୍ବାଚନ ଆୟୋଗଙ୍କ ଜନୈକ ବରିଷ୍ଠ ଅଧିକାରୀଙ୍କୁ 'ବିଜେପିର ମୁଖ୍ୟ ୱାସିଂ ମେସିନ' ବୋଲି ମମତା କହିଛନ୍ତି। ଏହି ଅଧିକାରୀ ବିଜେପି ପ୍ରରୋଚନାରେ ଭୋଟର ଲିଷ୍ଟରୁ ଭୋଟରଙ୍କ ନାମ ହଟାଇଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏହା ଛଡା ଭୋଟ ପରିଣାମ ନିଜ ପକ୍ଷରେ କରିବା ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ (ଇଭିଏମ)ରେ କାରସାଦି କରିବାକୁ ସେମାନେ ଯୋଜନା କରୁଥିବା ମମତା ଅଭିଯୋଗ କରିଛନ୍ତି। ତେବେ ମମତା କହିଛନ୍ତି ଯେ ବିଧାନସଭା ନିର୍ବାଚନରେ ବିଜେପିର ଶୋଚନୀୟ ପରାଜୟ ଓ ଦିଲ୍ଲୀରୁ ବେଦଖଲ ହେବା ପରେ ନ୍ୟାୟ ବିଳମ୍ବରେ ହେଲେ ବି ନିଶ୍ଚୟ ମିଳିବ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଯୋଗୁ ୨୫୦ରୁ ଅଧିକ କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଏହା ବାଦେ ଭୋଟର ଲିଷ୍ଟରୁ ବାଦ ପଡିଥିବା ୯୦ ଲକ୍ଷ ଭୋଟରଙ୍କ ମଧ୍ୟରୁ ୬୦ ଲକ୍ଷ କେବଳ ହିନ୍ଦୁ। ଏଣୁ ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଛନ୍ତି ଯେ ଆମେ ବଙ୍ଗାଳି କହୁଥିବାରୁ କଣ ଦେଶର ନାଗରିକ ନୁହଁ ? ଆମକୁ କଣ ବାରମ୍ବାର ଆମର ନାଗରିକତା ପ୍ରମାଣ ଦେବାକୁ ପଡିବ?

## ହର୍ମୁଜରେ ବିଛାଇଥିବା ମାଇନ୍ସର ଠିକଣା ପାଉନି ଇରାନ

ନୂଆଦିଲ୍ଲୀ : ବିଶ୍ୱର ପ୍ରମୁଖ ଜଳ ପଥ ହର୍ମୁଜ ପ୍ରଣାଳୀକୁ ସଂପୂର୍ଣ୍ଣ ଭାବେ ଖୋଲିବାକୁ ଇରାନ କାହିଁକି ପଛ ଘୁଞ୍ଚା ଦେଉଛି, ତା'ର କାରଣ ସାମ୍ନାକୁ ଆସିଛି। କୌଣସି ଚାପ କିମ୍ବା ସର୍ତ୍ତ ପୂରଣ ପାଇଁ ଇରାନ ଏପରି କରୁନାହିଁ। ବାସ୍ତବରେ ମଧ୍ୟପ୍ରାଚ୍ୟ ଯୁଦ୍ଧ ବେଳେ ଶତ୍ରୁ ପକ୍ଷକୁ ଚକମା ଦେବା ପାଇଁ ଇରାନ ସେନା ହର୍ମୁଜ ପ୍ରଣାଳୀରେ ନାଭାଲ ମାଇନ୍ସ ବିଛାଇଥିଲା। ଦେଶ ପାଖରେ ଏହାକୁ ପୁଣି ସମୁଦ୍ର ଭିତରୁ ବାହାର କରିବା ପାଇଁ ବୈଷୟିକ ଦକ୍ଷତା ନଥିଲେ ମଧ୍ୟ ଇରାନ ମାଇନ୍ସ ବିଛାଇବାକୁ ପଛାଇ ନଥିଲା। ଏବେ ଆମେରିକା ସହ ଦୁଇ ସପ୍ତାହର ଯୁଦ୍ଧ ବିରତି ଲାଗୁ ହୋଇଥିବାରୁ ହର୍ମୁଜ ଖୋଲିବାକୁ ଇରାନ ଉପରେ ଚାପ ବଢ଼ିବାରେ ଲାଗିଛି। ଇରାନ



ବିଭିନ୍ନ ଆଳ ଦେଖାଇ ହର୍ମୁଜ ସଂପୂର୍ଣ୍ଣ ଖୋଲିବ ନାହିଁ ବୋଲି କହୁଛି। କିନ୍ତୁ ବାସ୍ତବରେ ହର୍ମୁଜର କେଉଁ ସବୁ ସ୍ଥାନରେ ମାଇନ୍ସ ବିଛା ଯାଇଥିଲା, ତା'କୁ ଟ୍ରାକ କରିବାରେ ଇରାନ ଏବେ ବିଫଳ ହୋଇଛି। ଯୁଦ୍ଧ ସମୟରେ ଛୋଟ ଛୋଟ ଡଙ୍ଗା ଦ୍ୱାରା ଗଭୀର ସମୁଦ୍ରରେ ଇରାନ ମାଇନ୍ସ ବିଛାଇଥିଲା। ହେଲେ ଏବେ ଏହାକୁ ଇରାନ ଠାବ କରି ପାରୁ ନଥିବାରୁ ହର୍ମୁଜକୁ ସଂପୂର୍ଣ୍ଣ ଖୋଲିବାକୁ ମନା କରୁଥିବା ରିପୋର୍ଟ ପ୍ରକାଶ ପାଇଛି। ହର୍ମୁଜରେ ମାଇନ୍ସ ବିଛାଇବା ପୂର୍ବରୁ ହିଁ ଜାହାଜ ଚଳାଚଳରେ ବିଭ୍ରାଟ ଆରମ୍ଭ ହୋଇଥିଲା। ମାର୍ଚ୍ଚ ୨ରେ ଆଇଆରଜିସିର ଜଣେ ବରିଷ୍ଠ ସଦସ୍ୟ ହର୍ମୁଜ ବନ୍ଦ ହେବା କଥା ଘୋଷଣା କରିଥିଲେ। ଯଦି କେହି ହର୍ମୁଜ ଅତିକ୍ରମ କରିବାକୁ ଚେଷ୍ଟା କରିବ, ତା'ହେଲେ ଜାହାଜଗୁଡ଼ିକୁ ଜାଳି ଦିଆଯିବ। ଜାହାଜ ଚଳାଚଳ ସ୍ଥଗିତ ହୋଇଥିଲା ଓ ପୂରା ବିଶ୍ୱରେ ତୈଳ ଦର ବୃଦ୍ଧି ପାଇଥିଲା।

ଏହା ସତ୍ତ୍ୱେ ଇରାନ ସାମୁଦ୍ରିକ ମାଇନ୍ସ ହର୍ମୁଜରେ ବିଛାଇଥିଲା। ଏଥିଯୋଗୁ ସ୍ଥିତି ଆହୁରି ଭୟଙ୍କର ହୋଇଥିଲେ। ଇରାନର ଆକ୍ରମଣ ଭୟରେ ଜାହାଜ ଚଳାଚଳ ଏହି ମାର୍ଗରେ ସଂପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏବେ ମାଇନ୍ସ ବିଛାଇବା ଇରାନକୁ ମହଙ୍ଗା ସାବ୍ୟସ୍ତ ହୋଇପାରେ। ଇରାନ ମାଇନ୍ସଗୁଡ଼ିକୁ ଠାବ କରି ପାରୁ ନଥିବାରୁ ଏହାର ବିକଳ୍ପ ମଧ୍ୟ ସଙ୍କୁଚିତ ହେବାର ଆଶଙ୍କା ରହିଛି। ଏହି ପ୍ରସଙ୍ଗକୁ ଆଧାର କରି ପୂରା ବିଶ୍ୱକୁ ଆମେରିକା ତେହରାନ ବିରୋଧରେ ଉସକାଇପାରେ। ଇରାନ ମଧ୍ୟ ମାଇନ୍ସ ଠାବ କରିବା ପାଇଁ ଅନ୍ୟ କୌଣସି ଦେଶର ବୈଷୟିକ ସହାୟତା ଲୋଡ଼ି ପାରେ।

# ପଞ୍ଜାବ ବିଜୟରେ ଶ୍ରେୟାସ ହିରୋ

ଚଣ୍ଡିଗଡ, ୧୧।୪(ଏଜେନ୍ସି) : ଆଇପିଏଲର ୧୭ ତମ ମ୍ୟାଚରେ ଶ୍ରେୟାସ ଆୟରଙ୍କ ବ୍ୟାଟ ଗର୍ଜିଛି। ସନରାଇଜର୍ସ ବିପକ୍ଷରେ ୩୩ ବଲରୁ ୬୯ ରନର ଇନିଂସ ଖେଳି ପଞ୍ଜାବକୁ ବିଜୟୀ କରିଛନ୍ତି। କେବଳ ଶ୍ରେୟାସ ନୁହଁନ୍ତି ପ୍ରିୟଂଶ ଆର୍ଯ୍ୟ (୫୭) ଓ ପ୍ରଭାସିମନରନ ସିଂ (୫୧) ଅର୍ଦ୍ଧଶତକୀୟ ଇନିଂସ ଦଳ ପାଇଁ ସଞ୍ଜିବନୀ ସାବ୍ୟସ୍ତ ହୋଇଛି। ଏ ଦୃଷ୍ଟିରୁ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୨୮ ବଲରୁ ୭୪ ରନର ଇନିଂସ ଖେଳିଥିବା ଅଭିଶେକ ଶର୍ମାଙ୍କ ପ୍ରୟାସ ବୃଥା ଯାଇଛି। ଏହି ମ୍ୟାଚରେ ସନରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୬ ୱିକେଟ୍ ହରାଇ ୨୧୯ ରନ କରିଥିଲା। ଜବାବରେ ପଞ୍ଜାବ କିଙ୍ଗସ୍ ୧୮.୫ ଓଭରରେ ୨୨୩/୪ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା। ୭ ବଲ ପୂର୍ବରୁ ୬ ୱିକେଟ ବ୍ୟବଧାନରେ ବିଜୟ ସହ ପଞ୍ଜାବ ୪ ମ୍ୟାଚରୁ ୭ ପଏଣ୍ଟ ହାସଲ କରି ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠିଛି। ସନରାଇଜର୍ସ ୪ ମ୍ୟାଚରୁ ୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି । ମ୍ୟାଚ ବିଜୟୀ ଇନିଂସ ପାଇଁ ଶ୍ରେୟାସ ଆୟରଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ବିବେଚିତ କରାଯାଇଥିଲା।




କ୍ରମାଗତ ବିଫଳ ହେଉଥିବା ଯୁବ ବ୍ୟାଟର ଅଭିଶେକ ଶର୍ମା ପଞ୍ଜାବ ବିପକ୍ଷ ମ୍ୟାଚରେ ଲୟକୁ ଫେରିଛନ୍ତି। ନ୍ୟୁ ଚଣ୍ଡିଗଡର ମୁଲାନପୁର ଷ୍ଟାଡିୟମରେ ଅଭିଶେକ ଶର୍ମାଙ୍କ ବ୍ୟାଟରୁ ଆତ୍ମବିଶ୍ୱାସ ଭରା ଇନିଂସ ଦେଖିବାକୁ ମିଳିଛି। ସେ ୨୮ ବଲରେ ୭୪ ରନରେ ବିସ୍ଫୋରକ ଇନିଂସ ଖେଳିଥିଲେ। ଏଥିରେ ୮ ଟି ଛକା ଓ ୫ ଟି ଚୌକା ରହିଛି। କେବଳ ଅଭିଶେକ ନୁହଁନ୍ତି ଟେଭିସ ହେଡ୍ ମଧ ପୁରୁଣା ଫର୍ମକୁ ଫେରିଛନ୍ତି। ଅଭିଶେକ ଓ ହେଡଙ୍କ ବିସ୍ଫୋରକ ବ୍ୟାଟିଂ ଯୋଗୁଁ ସନରାଇଜର୍ସ ହାଇଦ୍ରାବାଦ ଟି-୨୦ ବିଶ୍ୱକପରେ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛି। ଉଭୟ ପାୱାର ପ୍ଲେ ରେ ୧୦୫ ରନ ଯୋଡିବା ସହ ଅଷ୍ଟମ ଓଭର ସୁଦ୍ଧା ଦଳୀୟ ସ୍କୋରକୁ ୧୨୦ରେ ପହଞ୍ଚାଇଥିଲେ। କେବଳ ପାୱାର ପ୍ଲେରେ ଅଭିଶେକ ଶର୍ମାଙ୍କ ବ୍ୟାଟରୁ ୭ ଟି ଛକା ଦେଖିବାକୁ ମିଳିଥିଲା। ଚତୁର୍ଥ ଖେଳାଳି ଭାବେ ସେ ଏପରି କୀର୍ତ୍ତିମାନ ହାସଲ କରିଛନ୍ତି। ଟେଭିସ୍ ହେଡ୍ ୨୩ ବଲର ସମ୍ମୁଖୀନ ହୋଇ ୩୮ ରନ କରିଥିଲେ। ଅଧିନାୟକ ଇଶାସ କିଶାନ ୧୭ ବଲରୁ ୨୭, ହେନରିଚ କ୍ଲାସେନ୍ ୩୩ ବଲରୁ ୩୯, ଅନିକେତ ବର୍ମା ୯ ବଲରୁ ୧୮ ରନ କରିଥିଲେ। ଅତିରିକ୍ତ ୧୩ ରନ ସହ ସନରାଇଜର୍ସ ୨୦ ଓଭରରେ ୬ ୱିକେଟ ହରାଇ ୨୧୯ ରନ କରିଥିଲା। ଏଡେ ବଡ ସ୍କୋର ଯୋଗୁଁ ହାଇଦ୍ରାବାଦ ମ୍ୟାଚ ଜିତିଯିବ ବୋଲି ଆଶା କରାଯାଉଥିଲା। ପଞ୍ଜାବ ପକ୍ଷରୁ ବୋଲିଂ ଅର୍ଶଦୀପ ସିଂ ଦୁଇଟି ଓ ସଶାଙ୍କ ସିଂ ଦୁଇଟି ଲେଖାଏଁ ତଥା ଜାଭିୟର ବାର୍ଟଲେଟ୍ ଗୋଟିଏ ୱିକେଟ ସଫଳତା ହାସଲ କରିଥିଲେ।

୨୨୦ ରନର ବିଜୟ ଲକ୍ଷ୍ୟକୁ ପିଛାକୁ ପିଛା କରିଥିବା ପଞ୍ଜାବ ମଧ ମୁଲାନପୁରରେ ଜମାଣିଆ ଖେଳିଥିଲା। ୨ ଓପନର ପ୍ରିୟଂଶ ଆର୍ଯ୍ୟ ଓ ପ୍ରଭସିମରନ ସିଂ ପ୍ରଥମ ୱିକେଟ ପାଇଁ ୯୯ ରନ ସଂଗ୍ରହ କରିଥିଲେ। ପ୍ରିୟଂଶ ୨୦ ବଲରୁ ୫ ଟି ଲେଖାଏଁ ଚୌକା ଓ ଛକା ମାରି ୫୭ ରନ କରିଥିଲେ। ପ୍ରଭସିମରନ ୨୫ ବଲରୁ ୪ ଟି ଲେଖାଏଁ ଚୌକା ଓ ଛକା ମାରି ୫୧ ରନ କରିଥିଲେ। ପଞ୍ଜାବର ମୂଳଦୁଆ ଭଲ ପଡିଥିବାରୁ ପରବର୍ତ୍ତୀ ବ୍ୟାଟର ଏହି ସ୍କୋରକୁ ଆଗେଇ ନେଇଥିଲେ। କୁପର କୋନୋଲି ୧୧ ଓ ନେହାଲ ୱାଧେରା ୧୪ ରନ କରି ଆଉଟ୍ ହୋଇଥିଲେ। ଅଧିନାୟକ ଶ୍ରେୟାସ ଆୟର ୩୩ ବଲରୁ ୫ ଟି ଲେଖାଏଁ ଚୌକା ଓ ଛକା ମାରି ଅପରାଜିତ ୬୯ ରନ କରି ଦଳକୁ ବିଜୟୀ କରିଥିଲେ। ସଶାଙ୍କ ସିଂ ୯ ବଲରୁ ଉପଯୋଗୀ ୧୬ ରନ କରିଥିଲେ। ତେଣୁ ପଞ୍ଜାବ ୭ ଟି ବଲ ପୂର୍ବରୁ ଲକ୍ଷ୍ୟ ହାସଲ କରିନେଇଥିଲା। ହାଇଦ୍ରାବାଦର ଶିବାଙ୍ଗ କୁମାର ସର୍ବାଧିକ ୩ ୱିକେଟ ସଫଳତା ହାସଲ କରିଥିଲେ।

## ଆଜିର ମ୍ୟାଚ

- ▸▸ ଲକ୍ଷ୍ନୌ-ଗୁଜରାଟ
- ▸▸ ସ୍ଥାନ- ଲକ୍ଷ୍ନୌ
- ▸▸ ସମୟ- ଅପରାହ୍ଣ ୩.୩୦
- * ମୁମ୍ବାଇ- ବେଙ୍ଗାଲୁରୁ
- * ସ୍ଥାନ - ୱାଙ୍ଖେଡେ
- * ସମୟ - ରାତି ୭.୩୦
- ▸▸ ପ୍ରସାରଣ - ଷ୍ଟାର ନେଟୱାର୍କ

# ଚେନ୍ନାଇରେ ସିଏସ୍‌କେର ବିଜୟ ଅଭିଯାନ

ଚେନ୍ନାଇ, ୧୧।୪(ଏଜେନ୍ସି) : କ୍ରମାଗତ ୩ ଟି ପରାଜୟ ପରେ ବିଜୟଧାରାକୁ ଫେରିଛି ଚେନ୍ନାଇ ସୁପର କିଙ୍ଗସ୍। ଚେନ୍ନାଇରେ ଖେଳାଯାଇଥିବା ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ଚେନ୍ନାଇ ୨୩ ରନରେ ବିଜୟ ଲାଭ କରିଛି। ସଞ୍ଜୁ ସାମସନଙ୍କ ୧୦୫ ରନର ଶତକୀୟ ଇନିଂସ ସହାୟତାରେ ସିଏସ୍‌କେ ୨୦ ଓଭରରେ ୨ ୱିକେଟ ହରାଇ ୨୧୨ ରନ କରିଥିଲା। ଜବାବ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୧୮୯ ରନ କରିବାକୁ ସକ୍ଷମ ହୋଇଥିଲା।

ଗତ ଟି -୨୦ ବିଶ୍ୱକପ୍ ସମୟରେ ଫର୍ମକୁ ଫେରିଥିବା ସଞ୍ଜୁ ସାମସନ ଆଇପିଏଲ ଆରମ୍ଭରୁ ଖୁବ୍ ଖରାପ ଖେଳିଥିଲେ। କିନ୍ତୁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ମ୍ୟାଚରେ ସେ ପୁରୁଣା ଫର୍ମ ଫେରିପାଇଛନ୍ତି। ୫୬ ବଲର ସମ୍ମୁଖୀନ ହୋଇ ୧୫ ଚୌକା ଓ ୪ ଛକା ସହାୟତାରେ ୧୧୫ ରନର ଅପରାଜିତ ଇନିଂସ ଖେଳିଥିଲେ। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଞ୍ଜୁ ପଡିଆର ଚର୍ତୁଦିଗକୁ ଛକା -ଚୌକାର ବର୍ଷା କରିଥିଲେ। ସଞ୍ଜୁଙ୍କ ଏହି ବିରାଟ ଇନିଂସ ପାଇଁ ଚେନ୍ନାଇ ୨୧୨ ରନରେ ପହଞ୍ଚିପାରିଥିଲା। ଧୋନୀଙ୍କ ଅନୁପସ୍ଥିତିରେ ଦଳ କ୍ରମାଗତ ୩ ଟି ମ୍ୟାଚ ହାରି ଖୁବ୍ ସମାଲୋଚିତ ହୋଇଥିଲା। କିନ୍ତୁ ଚତୁର୍ଥ ମ୍ୟାଚରେ ଚେନ୍ନାଇ ନିଶ୍ଚିତ ବିଜୟ ପାଇଁ ଲଢିଥିଲା। ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ୧୫, ଆୟୁଷ ମହାତ୍ରେ ୫୯ ଏବଂ ଶିବମ୍ ଦୁବେ ୧୦ ବଲରୁ ୨୦ ରନ କରିଥିଲେ। ବୋଲିଂରେ ଦିଲ୍ଲୀର ଅକ୍ଷର ପଟେଲଙ୍କୁ ଏକମାତ୍ର ୱିକେଟ



ସଫଳତା ମିଳିଥିଲା। ୨୧୩ ରନର ବିଜୟ ଲକ୍ଷ୍ୟକୁ ପିଛା କରିଥିବା ଦିଲ୍ଲୀ କ୍ୟାପିଟାଲ୍ସର ଆରମ୍ଭ ଭଲ ଥିଲା। ୫ ଓଭରରେ ଦଳୀୟ ସ୍କୋର ୬୧ ରନ ହୋଇଥିଲା। ଲୋକେଶ ରାହୁଲ ୧୮ ରନ କରି ପ୍ରଥମ ୱିକେଟ ଭାବେ ପାଭିଲିୟନ ଫେରିଥିଲେ। ପାଥୁମ୍ ନିଶାଙ୍କ ୪୧, ସମୀର ରିଜଭି ୬, ଅକ୍ଷର ପଟେଲ ୧, ଡେଭିଡ୍ ମିଲର ୧୭, କ୍ରିଷ୍ଟାନ ଷ୍ଟୁଭସ୍ ୬୦ ଏବଂ ଆଶୁତୋଷ ଶର୍ମା ୧୯ ରନ କରିଥିଲେ। ଷ୍ଟୁଭସଙ୍କ ୱିକେଟ୍ ପତନ ସହ ଦିଲ୍ଲୀର ବିଜୟ ଆଶାରେ ପୂର୍ଣ୍ଣଚ୍ଛେଦ ପଡିଥିଲା। ଶେଷ ଓଭରରେ ଦିଲ୍ଲୀପାଇଁ ୨୮ ରନର ଆବଶ୍ୟକତା ଥିଲା। ଆଶୁତୋଷ ଶର୍ମା ୧୯ , ଆକ୍ୟୁବ ନବି ୪, କୁଲଦୀପ ଯାଦବ ୪, ଲୁଙ୍ଗି ଏନଗିଡି ୩ ଏବଂ ନଟରାଜନ ଅପରାଜିତ ୧ ରନ କରିଥିଲେ। ବୋଲିଂରେ ଚେନ୍ନାଇର ଜାମି ଓଭରଟନ୍ ୪ ଟି, ଅଂଶୁଳ କାମ୍ବୋଜ ୩ ଟି, ଖଲିଲ୍ ଅହମ୍ମଦ, ଗୁରୁପ୍ରୀତ ସିଂ ଓ ନୁର ଅହମ୍ମଦ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ।

### ଏସିଆନ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍

# ଫାଇନାଲରେ ଆୟୁଷ

ନୂଆଦିଲ୍ଲୀ, ୧୧।୪(ଏଜେନ୍ସି) : ଭାରତୀୟ ଯୁବ ବ୍ୟାଡମିଣ୍ଟନ ତାରକା ଆୟୁଷ ସେଟ୍ଟୀ ଏସିଆନ ବ୍ୟାଡମିଣ୍ଟନ ଚାମ୍ପିଅନସିପ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ତାଙ୍କ ପୂର୍ବରୁ ଦିନେଶ ଖାନା ୧୯୬୫ରେ ସିଙ୍ଗସ୍ ଟାଇଟଲ ଜିତିଥିଲେ। ୬୦ ବର୍ଷ ପରେ ଆୟୁଷ ଜମାଣିଆ ପ୍ରଦର୍ଶନ ଦେଖାଇ ଇତିହାସ ରଚିଛନ୍ତି। ୨୦୨୩ରେ ସାତ୍ତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀ ଡବଲ୍ସ ଟାଇଟଲ ଜିତିଥିଲେ। ସେମିଫାଇନାଲରେ ଭାରତର ଆୟୁଷ ୧ ନଂ ଖେଳାଳି ଥାଇଲାଣ୍ଡର କୁଲ୍ଲାବତଙ୍କୁ ୧୦-୨୧, ୨୧-୧୯, ୨୧-୧୭ ଗେମରେ ପରାଜିତ କରିଥିଲେ। ଟାଇଟଲ ମୁକାବିଲାରେ ଚୌ ତିଏନ ଚେନ୍ ଓ ସିୟୁକିଙ୍କ ମଧ୍ୟରେ ବିଜେତାକୁ



ଆୟୁଷ ଭେଟିବେ। ପୂର୍ବରୁ ଦିନେଶ ଲକ୍ଷ୍ନୌରେ ଖେଳାଯାଇଥିବା ଚାମ୍ପିଅନସିପରେ ଥାଇଲାଣ୍ଡର ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ଭାରତ ପାଇଁ ପ୍ରଥମ ଟାଇଟଲ ଜିତିଥିଲେ।

### ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ୨୦୨୬

# ପଦକ ବିଜେତା କିସ୍ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୧ । ୪(ସବ୍ୟୁ): ନିକଟରେ ଛତିଶଗଡ଼ ରାୟପୁରଠାରେ ଶେଷ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ୨୦୨୬ରେ ପଦକ ବିଜେତା କିସ୍ ଛାତ୍ରଛାତ୍ରୀଙ୍କୁ କିଟ୍ ଓ କିସ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପଦକ ବିଜେତା କିସ୍ର ୨୯ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହ ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ । ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି କିସ୍ ଛାତ୍ରୀ ଅଞ୍ଜଳୀ ମୁଣ୍ଡା ଏକାକୀ ସନ୍ତରଣର ବିଭିନ୍ନ ବର୍ଗରେ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ କିସ୍ ଛାତ୍ରଛାତ୍ରୀ ବିଭିନ୍ନ କ୍ରୀଡ଼ାରେ ମୋଟ୍ ୯ଟି ସ୍ୱର୍ଣ୍ଣପଦକ, ୮ଟି ରୌପ୍ୟ ପଦକ ଏବଂ



୧୨ଟି କାଂସ୍ୟ ପଦକ ହାସଲ କରିଥିଲେ । ଏହି କ୍ରୀଡ଼ା ପ୍ରତିଯୋଗିତାରେ କିସ୍ ସମୁଦାୟ ୨୯ଟି ପଦକ ହାସଲ କରିଛି । ସନ୍ତରଣରେ ଏକାକୀ ୫ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଅଞ୍ଜଳିଙ୍କୁ ଏକ ଲକ୍ଷ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ବେଳେ ଅନ୍ୟ ସମସ୍ତ ପଦକ ବିଜେତାଙ୍କୁ ୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ଏହି ଅବସରରେ ଶ୍ରୀ ସାମନ୍ତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ କହିଲେ, ଏହା ଆରମ୍ଭ ମାତ୍ର । ଆହୁରି ଅଧିକ ସଫଳତା ପାଇବାକୁ ହେଲେ ଧୈର୍ଯ୍ୟ ଓ ଉଦ୍ୟମ ଆବଶ୍ୟକ । କିଟ୍ ଓ କିସ୍ ତୁମମାନଙ୍କୁ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଉଛି । ଅଧିକରୁ ଅଧିକ ପରିଶ୍ରମ କରିବା ପାଇଁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ । କିଟ୍ ଓ କିସ୍ର ପିଲାମାନେ ଅଲିମ୍ପିକ୍ସରେ ଅଂଶ ଗ୍ରହଣ କରିବା ଆମର ଲକ୍ଷ୍ୟ ରହିଛି ବୋଲି ଶ୍ରୀ ସାମନ୍ତ କହିଥିଲେ । ସୂଚନାଯୋଗ୍ୟ, ଏହି କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ୍ ୧୨୫ଜଣ ଖେଳାଳି ଭାଗ ନେଇଥିଲା ବେଳେ କିଟ୍ ଓ କିସ୍ରୁ ୪୮ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିଟ୍ ଓ କିସ୍ ମହାନିର୍ଦ୍ଦେଶକ ଡ଼. ଗଗନେନ୍ଦୁ ଦାଶ ଏବଂ ଗ୍ଲେନ୍ମାର୍କ ସନ୍ତରଣ କୋଚ୍ ଅବଦୁଲ୍ ହୁସେନ ପ୍ରମୁଖ ଉପସ୍ଥିତ ଥିଲେ ।

### ସାଉଥ ଏସିଆନ ଜୁଜିଟସୁ

# ଅନୁପମାଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୧।୪(ସବ୍ୟୁ) : ଶ୍ରୀଲଙ୍କାରେ ଆରମ୍ଭ ହୋଇଥିବା ସାଉଥ୍ ଏସିଆନ ଜୁଜିଟସୁ ପ୍ରତିଯୋଗିତାର



ପ୍ରଥମ ଦିନରେ ଓଡିଶାର ବିଶ୍ୱ ଜୁଜିଟସୁ ପଦକଧାରୀ ଅନୁପମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ନେୱାଜାରେ ସ୍ୱର୍ଣ୍ଣ ଜିତିଛନ୍ତି। ଏତଦ୍ ବ୍ୟତୀତ ସ୍ୱରାଜ ଜାନିଙ୍କୁ ପୁରୁଷ ୬୯ କେଜିରେ ସ୍ୱର୍ଣ୍ଣ, ଅମରେଶ ସ୍ୱାଇଁଙ୍କୁ ୫୬ କେଜିରେ ସ୍ୱର୍ଣ୍ଣ ଏବଂ ସନ୍ତୋଷ ସିଂଙ୍କୁ ୭୭ କେଜିରେ ରୌପ୍ୟ ପଦକ ସଫଳତା ମିଳିଛି। ୧୨ ତାରିଖ ପର୍ଯ୍ୟନ୍ତ ଏହି ପ୍ରତିଯୋଗିତା ଚାଲିବ। ଓଡିଶା ପ୍ରତିଯୋଗୀ ଆଉ ଦୁଇଟି ବିଭାଗରେ ଅଂଶଗ୍ରହଣ କରିବେ। ଏହି ୪ ଜଣ ପ୍ରତିଯୋଗୀ ବିଗତ ଜାତୀୟ ଜୁଜିଟସୁ ପ୍ରତିଯୋଗିତାରେ ପଦକ ଲାଭ କରିଥିଲେ।

# ମୁମ୍ବାଇ ସହ ରୋହିତଙ୍କ ୧୫ ବର୍ଷ

ମୁମ୍ବାଇ, ୧୧।୪ (ଏଜେନ୍ସି) : ୫ ଥର ଚାମ୍ପିଅନ ମୁମ୍ବାଇ - ଇଣ୍ଡିଆନ୍ସ ବିଗତ ୬ ବର୍ଷ ଧରି ଟାଇଟଲ ମରୁଡିରେ ପୂର୍ଣଚ୍ଛେଦ ପକାଇବାକୁ ଲକ୍ଷ୍ୟ ରଖିଛି। ଏହା ମଧ୍ୟରେ ଦଳ ନିଜର ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ମୁମ୍ବାଇ - ଇଣ୍ଡିଆନ୍ସ ସହ ୧୫ ବର୍ଷ ପୂରଣ ହେବାର ଉତ୍ସବ ମନାଇଛି। ରୋହିତ ୨୦୧୧ ଏପ୍ରିଲରେ ମୁମ୍ବାଇ ପାଇଁ ପଦାର୍ପଣ କରିଥିଲେ। ଏହି ଫ୍ରାଞ୍ଚାଇଜ୍ ସହ ତାଙ୍କର ୧୫ ବର୍ଷ ପୂରଣ ହୋଇଛି। ଆଜି ବି ସେ ନୀଳ ଓ ସୁନେଲି ରଙ୍ଗର ଜର୍ସିରେ ଟିମର ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଅଛନ୍ତି। ନିଜର ଚମତ୍କାର ପ୍ରଦର୍ଶନ ପାଇଁ ଅନେକ ପ୍ରଶଂସା ସାଉଣ୍ଟିଛନ୍ତି ହିଟ୍‌ମ୍ୟାନ। ବର୍ତ୍ତମାନର ମୁମ୍ବାଇ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟା ମଧ ଭିନ୍ନ ଅନ୍ଦାଜରେ ଶୁଭେଚ୍ଛା ଜଣାଇଛନ୍ତି। ମୁମ୍ବାଇ - ଇଣ୍ଡିଆନ୍ସର ସୋସିଆଲ ମିଡିଆ ଆକାଉଣ୍ଟସରେ ସେୟାର ହୋଇଥିବା ଭିଡିଓରେ ହାର୍ଦ୍ଦିକ କହିଛନ୍ତି ୧୫ ବର୍ଷ ପୂରଣ କରିଥିବାରୁ ବହୁତ ବହୁତ ଅଭିନନ୍ଦନ। ଆପଣ ଏହି ଫ୍ରାଞ୍ଚାଇଜ୍‌କୁ ଯେଉଁ ଭଳି ଭାବେ ଦୀର୍ଘ ସମୟ ପାଇଁ ନେତୃତ୍ୱ ନେଲେ ସେଥିପାଇଁ ଧନ୍ୟବାଦ। ମୁଁ ବି ଆପଣଙ୍କ ନେତୃତ୍ୱରେ ପଦାର୍ପଣ କରିଛି। ବୁମ୍ରାଙ୍କ ସହିତ ଅନେକ ଖେଳାଳି ପଦାର୍ପଣ କରିଛନ୍ତି। ଆପଣ ଅନେକ ଖେଳାଳିଙ୍କୁ ପ୍ରେରିତ କରିଛନ୍ତି। ଯେଉଁମାନେ ଅଗାକୁ ବଢି ଏହି ଫ୍ରାଞ୍ଚାଇଜ୍ ତଥା ଭାରତ ପାଇଁ ଖେଳିଛନ୍ତି। ଜଣେ ଚମତ୍କାର ନେତୃତ୍ୱ ବ୍ୟକ୍ତି ତଥା ଭଲ ମଣିଷ ସର୍ବଦା ନିଜ ପଣିଆ ସହ ନେତୃତ୍ୱ ନେଇଛନ୍ତି ଆପଣଙ୍କୁ ବହୁତ ବହୁତ ଅଭିନନ୍ଦନ।



ଆଇପିଏଲ ଇତିହାସରେ ଦୁଇଜଣ ଅଧିନାୟକ ଅଛନ୍ତି, ଏମାନେ ଦଳକୁ ୫ ଥର ଲେଖାଏଁ ଟାଇଟଲ ଜିତାଇଛନ୍ତି। ୩୮ ବର୍ଷୀୟ ରୋହିତ ଓ ୪୫ ବର୍ଷୀୟ ମହେନ୍ଦ୍ର ସିଂ ଧୋନୀ। ୨୦୦୮ ରେ ଡେକାନ ଚାର୍ଜର୍ସ ସହ ଆଇପିଏଲ କ୍ୟାରିୟର ଆରମ୍ଭ କରିଥିଲେ। ଏହାପରେ ସେ ମୁମ୍ବାଇ - ଇଣ୍ଡିଆନ୍ସରେ ସାମିଲ ହୋଇ ସଚିନ ତେନ୍ଦୁଲକରଙ୍କ ଅଧିନାୟିକତ୍ୱରେ ଖେଳିଥିଲେ। ଏପର୍ଯ୍ୟନ୍ତ ସେ ମୁମ୍ବାଇ ପାଇଁ ୨୩୦ ମ୍ୟାଚ ଖେଳି ୫ ହଜାର ୯୯୪ ରନ କରିଛନ୍ତି। ଏଥିରେ ଦୁଇଟି ଶତକ ରହିଛି।

# ଧୋନୀଙ୍କୁ ନେଇ ବଡ ଅପଡେଟ୍

ଚେନ୍ନାଇ, ୧୧।୪(ଏଜେନ୍ସି) : ଆଇପିଏଲର ପ୍ରଥମ ୪ ଟି ମ୍ୟାଚରେ ଚେନ୍ନାଇ ସୁପର କିଙ୍ଗସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ଦଳର ତାରକା ଖେଳାଳି ଏମଏସ୍ ଧୋନୀ ଆହତ ସମସ୍ୟା ଯୋଗୁଁ ମ୍ୟାଚ ଖେଳିନାହାଁନ୍ତି। ଧୋନୀଙ୍କ ପ୍ରତ୍ୟାବର୍ତ୍ତନ ନେଇ ବିଭିନ୍ନ ଖବର ପ୍ରକାଶ ପାଉଥିବାରୁ ପ୍ରଶଂସକ ଚିନ୍ତାରେ ପଡିଛନ୍ତି। ଦଳର ଅଧିନାୟକ ଋତୁରାଜ ଗାଏକ୍ୱାର୍ଡ ଏ ସମ୍ପର୍କରେ ଅପଡେଟ୍ ଦେଇଛନ୍ତି। ସେ କହିଛନ୍ତି ଆପଣମାନେ ଯାହାକୁ ଖୋଜୁଛନ୍ତି ସେ ହୋଟେଲରେ ମ୍ୟାଚ ଦେଖି ଭରପୁର ସମର୍ଥନ ଦେଉଛନ୍ତି। ଖୁବ୍ ଶୀଘ୍ର ଧୋନୀ ପଡିଆକୁ ଫେରିବେ, ଆପଣମାନେ ଧର୍ଯ୍ୟ ସହକାରେ ଅପେକ୍ଷା କରନ୍ତୁ। ଚେନ୍ନାଇ ପ୍ରଥମ ବିଜୟ ଧାରାକୁ ଫେରିବା ପାଇଁ ଉଦ୍ୟମ କରୁଛି। ପ୍ରଥମ ତିନୋଟି ମ୍ୟାଚରେ ହୋଇଥିବା ତ୍ରୁଟି ଯଥାସମ୍ଭବ ସୁଧାର ହୋଇଛି। ବ୍ରେଭିସ୍ ଦଳକୁ ଫେରିବା ଖୁସି ଖବର ତାଙ୍କ ଉପସ୍ଥିତି ଆମ ବ୍ୟାଟିଂ ଲାଇନକୁ ମଜଭୁତ କରିବ ବୋଲି ଗାଏକ୍ୱାର୍ଡ କହିଛନ୍ତି। ଗତ ସଂସ୍କରଣରେ ଚେନ୍ନାଇ ଖରାପ ପ୍ରଦର୍ଶନ କରି ପଏଣ୍ଟ ଟେବୁଲର ସବୁଠୁ ନିମ୍ନରେ ରହିଥିଲା।



ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
classifiedsamaya@gmail.com

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ପ୍ରତିଯୋଗିତା ଆରମ୍ଭ

ଭୁବନେଶ୍ୱର,୧୧।୪(ସବ୍ୟୁ): ବିଦ୍ୟାଳୟ ସ୍ତରରେ ପିଲାମାନଙ୍କର କ୍ରୀଡ଼ା ପ୍ରତି ଆଗ୍ରହ ସୃଷ୍ଟି ସହ ପ୍ରତିଭା ଅନ୍ୱେଷଣ ଉଦ୍ଦେଶ୍ୟରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ୨.୦ର ଶୁଭାରମ୍ଭ ହୋଇଛି । ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ୍ ପକ୍ଷରୁ ୟୁନିଟ୍-୧ ସ୍ଥିତ ଫୁଟବଲ୍ ଏକାଡେମୀ ପରିସରରେ ଏହି ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଖୋର୍ଦ୍ଧା ଜିଲ୍ଲା ସ୍ତରରେ ଭୁବନେଶ୍ୱର ଅଧିନରେ ଫୁଟବଲ୍ ପ୍ରତିଯୋଗିତା ଆରମ୍ଭ ହୋଇଥିବାବେଳେ ଖୋର୍ଦ୍ଧା ଅଞ୍ଚଳରେ କବାଡ଼ି, ଖୋ-ଖୋ, ଭଲିବଲ୍ ଓ ଫୁଟବଲ୍ ମ୍ୟାଚ୍ର ପ୍ରତିଯୋଗିତାଗୁଡ଼ିକ ଅନୁଷ୍ଠିତ ହେବ । ଭୁବନେଶ୍ୱରରେ ଆରମ୍ଭ ହୋଇଥିବା ଫୁଟବଲ୍ ପ୍ରତିଯୋଗିତାରେ ଚାରିଟି ଗ୍ରୁପ୍ରେ ଉଭୟ ବାଳକ ଓ ବାଳିକା ସ୍ତରରେ ୧୮ଟି ଦଳ ଭାଗ ନେଇଛନ୍ତି । ଏହି ପ୍ରତିଯୋଗିତାର ଖେଳଗୁଡ଼ିକ ଅପରାହ୍ନ ୪ଟା ପରେ ଆରମ୍ଭ ହେଉଛି । ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୪ ତାରିଖରେ ଶେଷ ହେବ । ବିଦ୍ୟାଳୟ ସ୍ତରରେ ପିଲାମାନଙ୍କ



ମଧ୍ୟରେ ଥିବା ଅନ୍ତର୍ନିହିତ ପ୍ରତିଭାର ଅନ୍ୱେଷଣପୂର୍ବକ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ସମସ୍ତ ପ୍ରକାରର ଆୟୋଜନ କରାଯାଇଛି । ଏଥିରେ ଜିଲ୍ଲାସ୍ତରୀୟ ଅଧିକାରୀ ଓ ମ୍ୟାଚ୍ ଅଫିସିଆଲ୍ମାନେ ଉପସ୍ଥିତ ରହି ପ୍ରତ୍ୟେକ ପ୍ରତିଯୋଗିତାକୁ ତଦାରଖ କରୁଛନ୍ତି ।

ଏହି ଫୁଟବଲ୍ ପ୍ରତିଯୋଗିତାରେ ଓଡ଼ିଶା ଅଲମ୍ପିକ୍ ଆସୋସିଲସନ୍ର ସଭାପତି ସମୀର ମହାନ୍ତି, ଖୋର୍ଦ୍ଧା ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା, ସାମାଜିକ କର୍ମୀ ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ଆଥ୍ଲେଟିକ୍ ଆସୋସିଏସନ୍ର ସାଧାରଣ ସମ୍ପାଦକ ସୌର୍ଯ୍ୟ ରଞ୍ଜନ ପରିଜା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିଥିଲେ । ଶୃଙ୍ଖଳାର ସହ କ୍ରୀଡ଼ାର ନିୟମକୁ ପାଳନ କରିବା ଏବଂ ଖେଲୁଆଡ୍ ମନୋଭାବ ନେଇ ନିଜର ଖେଳ ପ୍ରଦର୍ଶନ କରିବା ଉପରେ ଅତିଥିମାନେ ପରାମର୍ଶ ଦେଇଥିଲେ ।

# ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗରେ ଗୌରୀଶଙ୍କରଙ୍କୁ ଗୁରୁଦାୟିତ୍ୱ

ଭୁବନେଶ୍ୱର, ୧୧।୪(ସବ୍ୟୁ): ଓଡ଼ିଶାର ପ୍ରଥମ ହ୍ୟାଣ୍ଡବଲ ଅନ୍ତର୍ଜାତୀୟ କୋଚ ଗୌରୀଶଙ୍କର ମିଶ୍ରଙ୍କୁ ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗରେ ଟେକନିକାଲ ଅଫିସର ନିଯୁକ୍ତି ମିଳିଛି। ଏହି ସମ୍ମାନଜନକ ଲିଗ ଲକ୍ଷ୍ନୌର କେଡ଼ି ସିଂ ବାବୁ ଷ୍ଟାଡିୟମରେ 14 ତାରିଖ ପ୍ରଯ୍ୟନ୍ତ ଚାଲିବ। ଏଥିରେ ମୋଟ ଆଠ ଗୋଟି ଦଳ ଭାଗ ନେଇଛନ୍ତି। ଗୌରୀ ଶଙ୍କର ଏହି ସଫଳତା ପାଇଁ ଓଡିଶା ହ୍ୟାଣ୍ଡବଲ ସଙ୍ଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂପ୍ରମୁଖ ଗୌରୀଶଙ୍କରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିକଟରେ ଉଜ୍‌ବେକିସ୍ତାନ ର. ସମରକାନ୍ଦ ସେଣ୍ଟ୍ରାଲ ଏସିଆନ ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି



ପ୍ରତିଯୋଗିତାରେ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଗୌରୀଶଙ୍କର ମିଶ୍ର ଭାରତୀୟ ଦଳର କୋଚ୍ ଦାୟିତ୍ୱ ତୁଲାଇ ଥିଲେ। ଏହି ସଫଳତା ପରେ ପରେ ହିଁ ଗୌରୀଶଙ୍କରଙ୍କୁ ଉତ୍ତରପ୍ରଦେଶ ପ୍ରୋ ହ୍ୟାଣ୍ଡବଲ ଲିଗରେ ଟେକନିକାଲ ଅଫିସର ନିଯୁକ୍ତି ମିଳିଛି।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id-com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି